# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ (୧୪ ପୃଷ୍ଠା+ ଛୁଟିଦିନ) Bhubaneswar, Sunday, November 2/2025 Page 14 ₹ 7.00 | RAYAGADA

୫୧ଶ ଭାଗ ୩୩୬ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 336 ମୂଲ୍ୟ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ | Bhubaneswar, Sunday, November 2/2025 | ପୃଷ୍ଠା-୧




**ବଢ଼ୁଛି ରଶ୍ମିକାଙ୍କ କ୍ରେଜ୍**

ବକ୍ସ ଅଫିସ୍‌ରେ 'ଥାମା'ର କଲେକ୍ସନକୁ ଦେଖିଲେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ ବଢ଼ୁଥିବା ସ୍ପଷ୍ଟ ହେଉଛି।

୦୯

୧୨

**ଟେନିସ୍‌ରୁ ବୋପାନ୍ନାଙ୍କ ଅବସର**

ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭାରତର ରୋହନ ବୋପାନ୍ନା ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି।



# ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ

ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଦେଶରେ ୪ଟି ନୂଆ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହି କ୍ରମେ ଜଟଣୀର ଇନ୍‌ଫୋଭ୍ୟାଲିରେ ଶନିବାର ରାଜ୍ୟର ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ ପଡ଼ିଛି। ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାସିଲିଟିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଉତ୍ପାଦନ ୟୁନିଟ୍‌ର ଭୂମିପୂଜନ କରି କହିଛନ୍ତି, ଏହି ସଫଳତା ଓଡ଼ିଶାର ବିକାଶମୂଳକ ନୀତି ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ପରିବେଶକୁ ଦର୍ଶାଉଛି। ଓଡ଼ିଶାର ଶିଳ୍ପ ଓ କାରିଗରି ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସିକ୍‌ସେମ୍ ଏଥିରେ ୨,୦୬୭ କୋଟି ଟଙ୍କାର ନିବେଶ କରିବ, ଯହିଁରୁ ପ୍ରାୟ ୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସରକାର ଆଶା କରିଛନ୍ତି।





ଜଟଣୀସ୍ଥିତ ଇନ୍‌ଫୋଭ୍ୟାଲିରେ ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର ୟୁନିଟ୍‌ର ଭୂମିପୂଜନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସିକ୍‌ସେମ୍ ଏମ୍‌ଡି ଗୁରୁ ଥାଲାପାନେନୀ।

ଭୁବନେଶ୍ୱର,୧।୧୧
(ଅନୁରାଧା ମହାରଣା/ସୁନିତ୍ ମିଶ୍ର)

- **ପ୍ରଥମ ୟୁନିଟ୍ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**
- **ଓଡ଼ିଶା ହେବ ପୂର୍ବୋଦୟର ପ୍ରବେଶପଥ: ଅଶ୍ୱିନୀ**
- **୨,୦୬୭ କୋଟିର ନିବେଶ, ସୃଷ୍ଟିହେବ ୫,୦୦୦ ନିଯୁକ୍ତି ସୁଯୋଗ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଭୂମିପୂଜନ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ସମୁଦାୟ ୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧,୦୦୦ ପ୍ରଫେସନାଲଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜଭୁତ ହେଉଛି। ଏହି ମୁହୂର୍ତ୍ତ କେବଳ ଇଟା ଏବଂ ସିମେଣ୍ଟ ବିଷୟରେ ନୁହେଁ, ଏହା ଆକାଂକ୍ଷା, ସ୍ଥିରତା, ସହଯୋଗ ଏବଂ ଆତ୍ମନିର୍ଭରଶୀଳତାର ଉଦାହରଣ। ଏଥିରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ ତାହା ମିଶାଇଲ, ଇଲେକ୍ଟ୍ରୋନିକ୍ ଗାଡ଼ି, ପ୍ରତିରକ୍ଷା ଉପକରଣ, ରେଲୱେ ଓ ସୌରଶକ୍ତି ଭଳି କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକ୍‌ସେମ୍ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଚ୍ଚ ଆଣ୍ଡ ଇନୋଭେଶନ ସେଣ୍ଟର ସ୍ଥାପନ କରିଛି। ରେଳମନ୍ତ୍ରୀ ☞ପୃଷ୍ଠା-୨

# ଆନ୍ଧ୍ର ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା: ଓଡ଼ିଆ ଯୁବତୀଙ୍କ ସମେତ ୯ ମୃତ

କାସିବୁଗା,(ପି.ଟି.)/ ପାତ୍ରପୁର,
(ଉମାଚରଣ ନେପାକ) ୧।୧୧

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଅନ୍ତର୍ଗତ କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ଦଳାଚକଟା ଘଟି ଜଣେ ଓଡ଼ିଆ ଯୁବତୀଙ୍କ ସମେତ ୯ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଓ ଜଣେ ୧୨ ବର୍ଷର ବାଳକ ରହିଛନ୍ତି। ଅନ୍ୟ ଜଣେ ଗୁରୁତର ଥିବା କାସିବୁଗା ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି।

ଭେଙ୍କଟେଶ୍ୱର ମନ୍ଦିର ଏକ ଘରୋଇ ମନ୍ଦିର ହୋଇଥିବାବେଳେ ଏହା ନିକଟରେ ନିର୍ମାଣ ହୋଇଥିଲା। ଏହାକୁ ମିନି ତିରୁପତି ମନ୍ଦିର କୁହାଯାଉଥିବାବେଳେ ମାତ୍ର ୪ ମାସ ହେଲା ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଥିଲା। ଏଥିରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିଛି। ଶନିବାର ଏକାଦଶୀ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ପାହାଚ ପାଖରେ ଏକ ଲୁହା ଗ୍ରିଲ୍ ଭୁଶୁଡ଼ି ପଡ଼ିବାରୁ କିଛି ଗୋଟାଏ ଖସିପଡ଼ିବ ଭାବି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଓ କେତେଜଣ ଲୋକ ୬ ଫୁଟ୍ ତଳକୁ ଖସିପଡ଼ିଥିଲେ। ଜଣକ ଉପରେ ଅନ୍ୟ ଜଣେ ପଡ଼ିଯିବାରୁ ଦଳାଚକଟା ଘଟିଥିଲା ବୋଲି ପୋଲିସ ଅଫିସର ସୂଚନା ଦେଇଛନ୍ତି। ଏହା ମନ୍ଦିର ମାଲିକଙ୍କ ଭୁଲ୍ କାରଣ ସେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ଡାକି ନ ଥିଲେ ଓ ସେମାନଙ୍କୁ ☞ପୃଷ୍ଠା-୨



ରାଙ୍ଗଲା ରୂପା

# ଜିଏସ୍‌ଟି ସଂଗ୍ରହ ୧.୯୬ ଲକ୍ଷ କୋଟି

**ଟିକସ ହ୍ରାସ ସତ୍ତ୍ୱେ ୪.୬% ବୃଦ୍ଧି**

ନୂଆଦିଲ୍ଲୀ,୧।୧୧(ପି.ଟି.)

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ହ୍ରାସ କରିବା ସତ୍ତ୍ୱେ ଅକ୍ଟୋବରରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଗତବର୍ଷ ଅକ୍ଟୋବର ତୁଳନାରେ ଏହା ୪.୬ ପ୍ରତିଶତ ଅଧିକ। ତେବେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଏହା ସର୍ବନିମ୍ନ ବୃଦ୍ଧି। ସେପ୍ଟେମ୍ବର ୨୨ ନବରାତ୍ରିର ପ୍ରଥମ ଦିନରେ କେନ୍ଦ୍ର ସରକାର ରୋଷେଇ ସାମଗ୍ରୀଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଓ ଗାଡ଼ି ପର୍ଯ୍ୟନ୍ତ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିଥିଲେ।

ଶନିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧.୮୭ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ତାହା ୪.୬% ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ ବିକ୍ରିରୁ ରାଜସ୍ୱ ସଂଗ୍ରହ ୨ ପ୍ରତିଶତ ବଢ଼ି ୧.୪୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଆମଦାନୀରୁ ସଂଗୃହୀତ ଟିକସ ୧୩ ପ୍ରତିଶତ ବଢ଼ି ୫୦,୮୮୪ କୋଟି ଟଙ୍କା ହୋଇଛି। ତେବେ ☞ପୃଷ୍ଠା-୨






# ଖୋଲିଲା ସୁଭଦ୍ରା ପୋର୍ଟାଲ

**ମାସେ ପର୍ଯ୍ୟନ୍ତ ଆବେଦନ**

ଭୁବନେଶ୍ୱର, ୧।୧୧
(ସୁଚିସ୍ମିତା ସାହୁ)

ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ଶନିବାରଠାରୁ 'ସୁଭଦ୍ରା' ପୋର୍ଟାଲ ଖୋଲିଛି। ଯେଉଁମାନଙ୍କୁ ଏପ୍ରିଲ ୧ରୁ ୨୧ ବର୍ଷ ହୋଇଥିବ ସେମାନେ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପାଇଁ ଆବେଦନ କରିପାରିବେ। ଏଥିସହ ପୂର୍ବରୁ ଯେଉଁମାନେ ଆବେଦନ କରି ନ ଥିବେ, ସେମାନେ ମଧ୍ୟ ସୁଯୋଗ ପାଇବେ। ଯୋଗ୍ୟ ଆବେଦନକାରୀଙ୍କୁ ମାର୍ଚ୍ଚ ୮ରେ ଏକକାଳୀନ ଦୁଇଟି କିସ୍ତି ଅର୍ଥାତ ୧୦ହଜାର ଟଙ୍କା ମିଳିବ। ମାସେ ପର୍ଯ୍ୟନ୍ତ ମହିଳାମାନେ ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ ଓ ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ବୃଦ୍ଧି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ହିତାଧିକାରୀଙ୍କ ସହ ଯେଉଁମାନେ କୌଣସି କାରଣ ବଶତଃ ଆବେଦନ କରି କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ବିଦେଶରେ ରହୁଥିଲେ ଏବେ ଆସିଛନ୍ତି, ସେମାନେ ମଧ୍ୟ ଆବେଦନ କରିପାରିବେ। କିନ୍ତୁ ଯେଉଁମାନେ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମଧ୍ୟ ସେମାନଙ୍କ ଆବେଦନକୁ ରିଜେକ୍ଟ କରାଯାଇଛି, ସେମାନେ ଆବେଦନ କରନ୍ତୁ ନାହିଁ। ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରିପାରିବେ। କୌଣସି ସ୍ଥାନରେ ଭିଡ଼ ନ କରି ନିଜ ମୋବାଇଲ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।





# ଉପକୂଳରେ ୬ ମାସିଆ ସାମୁଦ୍ରିକ କଇଁଛ କଟକଣା

ପାରାଦୀପ,୧।୧୧
(ଶରତ ରାଉତ)

ଓଡ଼ିଶାର ୪୮୨ କିମି ସାମୁଦ୍ରିକ ଉପକୂଳରେ ଶନିବାରଠାରୁ ସରକାରୀ ଭାବେ କଇଁଛ କଟକଣା ଜାରି କରାଯାଇଛି। ଏହି କଟକଣା ଆସନ୍ତା ମେ' ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିଶେଷକରି ଋଷିକୁଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। କାରଣ ଏହି ସମୟରେ ବିଲୁପ୍ତପ୍ରାୟ ସାମୁଦ୍ରିକ ଅଲିଭ ରିଡ୍‌ଲେ କଇଁଛ ଆଗମନ କରିବା ସହ ମିଳନ ଓ ଅଣ୍ଡାଦାନ ଆଦି କରିବେ। ଏଥିଯୋଗୁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ଆଇନ ୧୯୮୧ ଅନୁସାରେ ☞ପୃଷ୍ଠା-୨

# ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ

**ସମ୍ପର୍କୀୟଙ୍କ ସମେତ ୨ ଅଟକ, ଜଣେ ଫେରାର**

ସୋନପୁର/ବୀରମହାରାଜପୁର,୧।୧୧
(ମୃତ୍ୟୁଞ୍ଜୟ ଶତପଥୀ/ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହିକୁଡିଠାରେ ଜଣେ ୨୦ବର୍ଷିୟା କର୍ମଜୀବୀ ଯୁବତୀଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଶୁକ୍ରବାର ବିଳମ୍ବିତ ରାତିରେ ବୀରମହାରାଜପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଶନିବାର ଥାନାରେ ଏନେଇ ଏକ ମାମଲା(ନଂ.୨୨୯/୨୫) ରୁଜୁ ହୋଇଛି। ପୋଲିସ ପୀଡିତାଙ୍କ ଡାକ୍ତରୀମାଇନା କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଏହି ଘଟଣାରେ ପୀଡ଼ିତାଙ୍କ ଜଣେ ଦୂର ସମ୍ପର୍କୀୟଙ୍କ ସମେତ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟ ଜଣେ ଫେରାର ଅଛନ୍ତି। ତେବେ ତଦନ୍ତ ସମୟରେ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ରବିବାର ପୋଲିସ ଏହାର ପର୍ଦ୍ଦାଫାଶ କରିବ ବୋଲି ଜଣାପଡ଼ିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଯୁବତୀ ଜଣକ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। କାମ ସାରି ଶୁକ୍ରବାର ସନ୍ଧ୍ୟାରେ ସେ ସାଇକେଲରେ ନିଜ ଘରକୁ ଫେରୁଥିଲେ। ଉଲୁଣ୍ଡା ବ୍ଲକ ହିକୁଡ଼ିସ୍ଥିତ ସରକାରୀ ଆଇଟିଆଇ ନିକଟରେ ଥିବା ବନ୍ଧ ପାଖରେ ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ଅଟକାଇଥିଲେ। ଯୁବତୀ ଜଣକ ସେଠାରେ ନ ଅଟକିବାରୁ ଅଭିଯୁକ୍ତମାନେ ତାଙ୍କ ମୁହଁକୁ କୌଣସି ଏକ ତରଳ ପଦାର୍ଥ ସ୍ପ୍ରେ କରିଦେଇଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଏକ ନିଛାଟିଆ ବିଲପାର୍ଶ୍ୱକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚେତା ଫେରିବା ପରେ ତାଙ୍କୁ ବଳାତ୍କାର କରାଯାଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଇନ୍ସପେକ୍ଟର ଅବିନାଶ ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି। ଏସ୍‌ପି ନାରାୟଣ ନାୟକ ଘଟଣାସ୍ଥଳ ଓ ପୀଡ଼ିତାଙ୍କ କର୍ମକ୍ଷେତ୍ରକୁ ଯାଇ ଅନୁଧ୍ୟାନ କରିଛନ୍ତି। ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ କୁମାର ରାଓ ଓ ବୀରମହାରାଜପୁର ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଅଟକ ଥିବା ଜଣେ ଯୁବକ ପୀଡ଼ିତାଙ୍କ ସମ୍ପର୍କୀୟ। ତାଙ୍କ ଘର ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ। ଏ ସମ୍ପର୍କରେ ଏସ୍‌ପି ନାୟକଙ୍କୁ ପଚାରିବାରୁ ସମସ୍ତ ଦିଗକୁ ନେଇ ସାଇଣ୍ଟିଫିକ୍ ଉପାୟରେ ତଦନ୍ତ ହୋଇଛି। ତଦନ୍ତରୁ ସମସ୍ତ ସତ୍ୟ ସାମ୍ନାକୁ ଆସିବ। ରବିବାର ଘଟଣା ସମ୍ପର୍କରେ ସୂଚନା ଦିଆଯିବ ବୋଲି ସେ କହିଥିଲେ।

**ଆଜିର ସମ୍ପାଦକୀୟ**

**ସ୍ମାର୍ଟ ସିଟିର ବାସ୍ତବତା**

# ଆଜି ଭାରତ-ଦ. ଆଫ୍ରିକା ଫାଇନାଲ





ନବିମୁମ୍ବାଇରେ ଶନିବାର ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ସହ ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ କୌର ଓ ଦକ୍ଷିଣ ଆଫ୍ରିକାର ଲୌରା ୱାଲଭାର୍ଡ୍ଟ୍।

**ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍**

ନବି ମୁମ୍ବାଇ,୧।୧୧(ପି.ଟି.)

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ରବିବାର ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍‌ଟେଜ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ☞ପୃଷ୍ଠା-୨

# କପି ଧରାପଡ଼ିଲେ 'ଶୂନ' | ୟୁଏଇରେ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ

ଦୁବାଇ,୧।୧୧

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପରୀକ୍ଷା ଋତୁର ଆଗମନ ସହ ସେଠାକାର ସରକାର ପରୀକ୍ଷାର୍ଥୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଇଁ କଡ଼ା ନିୟମ କରିଛନ୍ତି। ତଦନୁସାରେ କୌଣସି ଛାତ୍ରୀଛାତ୍ର ପରୀକ୍ଷା ବେଳେ କପି କରି ଧରାପଡ଼ିଲେ ତାଙ୍କୁ ଶୂନ ମାର୍କ ମିଳିବ। ଏପରି କି ପରୀକ୍ଷା ପରିଚାଳନା ଓ ନିରୀକ୍ଷଣକାରୀ ଷ୍ଟାଫ୍‌ଙ୍କୁ ମଧ୍ୟ ୨ ଲକ୍ଷ ଧିରାମ (ପ୍ରାୟ ୪୮ ଲକ୍ଷ ଟଙ୍କା) ଜରିମାନା ଦେବାକୁ ପଡ଼ିବ।

ୟୁଏଇରେ ନଭେମ୍ବର ୨୦ରେ ପ୍ରଥମ ଅବଧି କେନ୍ଦ୍ରୀୟ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଦେଶର ଶିକ୍ଷା ମନ୍ତ୍ରଣାଳୟ ଅସାଧୁ ଉପାୟ ଅବଲମ୍ବନ କରୁଥିବା ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ କଟକଣା ଜାରି କରିଛି। ପରୀକ୍ଷା ହଲ୍‌ରେ ମୋବାଇଲ ଫୋନ୍ ସମେତ ଅନ୍ୟ ସମସ୍ତ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ଉପରେ କଟକଣା ଲଗାଯାଇଛି। ସେହିପରି ସୋସିଆଲ ମିଡିଆ କିମ୍ବା ଅନ୍ୟ କୌଣସି ଡିଜିଟାଲ ପ୍ଲାଟ୍‌ଫର୍ମରେ ପ୍ରଶ୍ନପତ୍ର ପୋଷ୍ଟ କରିବା, ଅନ୍ୟ ପରୀକ୍ଷାର୍ଥୀଙ୍କ ସହ କଥା ହେବା ଏବଂ ଇନ୍‌ଭିଜିଲେଟରଙ୍କୁ ପ୍ରଭାବିତ ଉଦ୍ୟମ କରିବା ଭଳି କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ। ପିଲାମାନେ ପରୀକ୍ଷା ହଲ୍‌ରେ କପି କରିପାରିବେ ନାହିଁ। ଯଦି କେହି କପି ଉତାରୁଥିବା ଧରାପଡ଼ନ୍ତି, ତେବେ ତାଙ୍କୁ ଜିରୋ ଗ୍ରେଡ୍ ମିଳିବ। ଏହାସହ ୧୨-ପଏଣ୍ଟ କଣ୍ଡକ୍ଟ ପେନାଲ୍ଟି ମଧ୍ୟ ଜାରି କରାଯିବ, ଯାହାକି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଚରଣ ରେକର୍ଡ କ୍ଷେତ୍ରରେ ପ୍ରଯୁଜ୍ୟ ହେବ। ତାଙ୍କୁ ଆଚରଣରେ ସଂସ୍କାର ପାଇଁ ସ୍ୱତନ୍ତ୍ର କାଉନ୍‌ସେଲିଂ କରାଯିବ। ପିଲା କପି କରୁଥିବା ଦେଖି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା କର୍ମଚାରୀ ଜରିମାନା ବାବଦକୁ ୪୮ ଲକ୍ଷ ଟଙ୍କା ଦେବେ। ଏହି ନୂଆ ନିୟମ ସାରା ଦେଶର ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକ କ୍ଷେତ୍ରରେ ଲାଗୁ ହେବ। ଅର୍ଥାତ୍ ପରୀକ୍ଷାରେ କୌଣସି ପ୍ରକାର ଅସାଧୁ ଉପାୟକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ ବୋଲି 'ଗାଇଡ୍ ଟୁ କମ୍ବାଟିଂ ଚିଟିଂ ଆଣ୍ଡ୍ ଏକ୍‌ଜାମ ମିସ୍‌କଣ୍ଡକ୍ଟ'ରେ ଶିକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ ସନ୍ଦେଶ ଦେଇଛି। ୟୁଏଇର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖି ଜାତୀୟ ମୂଲ୍ୟାଙ୍କନରେ ସୁଧାର ଆଣିବା ପାଇଁ ଏଥିରେ ଆଣ୍ଟି-ଚିଟିଂ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହାଦ୍ୱାରା ସମସ୍ତ ପରୀକ୍ଷାର୍ଥୀ ସମାନ ସୁଯୋଗ ଲାଭ କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀର ଉଦ୍‌ଘାଟନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଙ୍କୁର ଫାଉଣ୍ଡେଶନ୍ ପକ୍ଷରୁ ଶିଶୁ ସାହିତ୍ୟ ଉତ୍ସବ ୨୦୨୫, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ରାଉଟ୍ରାୟ ଇଣ୍ଟରନ୍ୟାଶନାଲ୍ ଡିସ୍ଟ୍ରିକ୍ଟ-୩୨୬୨ ପକ୍ଷରୁ ଜିଲା ପୁରସ୍କାର ବିତରଣ 'ଅର୍ଜୁନ' କାର୍ଯ୍ୟକ୍ରମ, ସ୍ଥାନ: ରେଲ୍ ଅଡିଟୋରିଅମ୍, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳନ, ସ୍ଥାନ: ସାଇ ଜନନୀ , ୟୁନିଟ୍ ୩, ସମୟ: ଅପରାହ୍ନ ୫ଟା।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକୀ ସମାବର୍ତ୍ତନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ୟୁଥ୍ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଭିକାରୀ ବଳ ସମ୍ମାନ ୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବିଜୟା ବନ୍ଧୁମିଳନ ସମାରୋହ, ସ୍ଥାନ: ଡାକବଙ୍ଗଳା, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଏସ୍‌କେଜି ଟ୍ରଷ୍ଟ ସମ୍ମିଳନୀ କକ୍ଷ, ବାଲିଆପାଳ, ସମୟ: ଅପରାହ୍ନ ୩ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଢ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଯୋଗ ଶିବିର ଓ କାର୍ଯ୍ୟକାରୀ ବୈଠକ, ସ୍ଥାନ: ନାଗରିକ ପରିଷଦ ସଭାଗୃହ, ଧାମନଗର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ଭଦ୍ରକ, ସମୟ: ସକାଳ ୯ଟା।
- ମିଲେଟ୍ ଦିବସ ପାଳନ, ସ୍ଥାନ: ହୋଟେଲ ହାର୍ଦ୍ଦିକ, ନଳାଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି, ସ୍ଥାନ: ନରସିଂହପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବ୍ଲକରୋଡ୍ ପଲାଇ କଲୋନୀ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଆରଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ସ୍ଥାନୀୟ ଅଡିଟୋରିମ, କେନ୍ଦୁଝର, ସମୟ: ସକାଳ ୮ଟା।
- ରାଧାକୃଷ୍ଣଙ୍କ ପୂଜା ଏବଂ ରାସ ଉତ୍ସବ ଉପଲକ୍ଷେ ଭଜନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଡ଼ରମ୍ପାସ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଜଗଦ୍ଧାତ୍ରୀ ପୂଜା, ସ୍ଥାନ: ଭପୁର, ବାରିପଦା, ସମୟ: ସକାଳ ୮ଟା।
- ଥିଏଟର କର୍ମଶାଳା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ମାଇନିଂ କଲୋନୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଶୀର୍ଷାପାଳ ଛକ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା, ସ୍ଥାନ: ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା ୩୦।
- ମହାନ ସଂଘର ବାର୍ଷିକ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ସନ୍ଧ୍ୟା ୬ଟା।।

## କନ୍ଧମାଳ

- ଅଷ୍ଟପ୍ରହର ନମଯଜ୍ଞ, ସ୍ଥାନ: ପୁରୁଣା ନୂଆଗାଁ କନ୍ଧମାଳ, ସମୟ: ସକାଳ ୮ ଟା।
- ମା' ମହାମାୟୀ ମନ୍ଦିରର ୧୬ ତମ ବାର୍ଷିକୋତ୍ସବ ଉପଲକ୍ଷେ ଅଷ୍ଟ ପ୍ରହରୀ ନାମ ଯଜ୍ଞର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ : ମା'ମହାମାୟୀ ମନ୍ଦିର, ଭଗାମୁଣ୍ଡା, ବାଲିଗୁଡ଼ା, ସମୟ: ସକାଳ ୯ ଟା।
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାଲିଗୁଡ଼ା, ସମୟ : ସକାଳ ୯ ଟା।

## ଢେଙ୍କାନାଳ

- ସାମାଜିକ କର୍ମୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିନୟ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ରାସଯାତ୍ରାର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର ସମ୍ମୁଖ ରାସମଣ୍ଡପ, ସମୟ: ସକାଳ ୮ଟା।
- ପୋଲିସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅନୁଗୋଳ ଇନଡୋର ହଲ୍, ସମୟ: ସକାଳ ୯ଟା।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ଦୋଳମଣ୍ଡପ ସାହି ରାସ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱର ଯଜ୍ଞ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ଲକ୍ ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଥାନା ପରିସର, ପାରାଦୀପଗଡ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଯୁବା ସମ୍ମିଳନୀ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିୟନସିପ୍, ସ୍ଥାନ:ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଶିଆଳିଙ୍କ ପଞ୍ଚୁକ ବ୍ରତ ଉପଲକ୍ଷେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ:ସକାଳ ୮ ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଧୂମାତ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଭାଗବତ ପାରାୟଣ, ସ୍ଥାନ : ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୭ଟା।
- ବରୀ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଆପାଳ ସନ୍ଥନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଘଂର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭା, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରଦୀପ ପାଠକ ସମିତି ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଓ ରୁକ୍ମିଣୀ ବିବାହ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତି୧୦ଟା ୩୦ ।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମାରେ ଅଁଳା ନବମୀର କଳସ ଯାତ୍ରା, ଯଜ୍ଞ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ଼, ସମୟ:ସକାଳ ୭ଟା ।
- ଶରତ ରାସ ଯାତ୍ରା ମହୋତ୍ସବର ୨ୟ ଦିବସରେ ବୃନ୍ଦାହରଣ, ସ୍ଥାନ: ଦଶପଲ୍ଲା ସହର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା ।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ ; ନୟାଗଡ ବ୍ଲକ ବେଗୁନିଆ ପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା ।
- ଭାଗବତ ସପ୍ତାଙ୍ଗର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ:ସକାଳ ୮ଟା ।
- ନୟାଗଡ ନଗର, ସଦର ଓ ଓଡଗାଁ ଖଣ୍ଡର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ ସମ୍ମିଳନୀ, ସ୍ଥାନ:ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟାରୁ ଅପରାହ୍ନ ୨ଟା ।
- ଭାଗବତ ସପ୍ତାଙ୍ଗର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ ; ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ନାରାୟଣୀ ପୀଠ, ସମୟ:ସକାଳ ୯ଟା ।
- ୨ୟ ତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୩ୟ ଦିବସ, ସ୍ଥାନ:କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ ।
- ବୋଇତ ବନ୍ଦାଣ ଯାତ୍ରାଉତ୍ସବ୨ୟ ଦିବସରେ ସାଂସ୍କୃତିକ ଆସର, ସ୍ଥାନ: ନୟାଗଡ ପୁରୁଣା ସହରର ମା' ଦକ୍ଷୀଣକାଳୀଙ୍କ ପଡିଆ, ସମୟ:ସନ୍ଧ୍ୟା ୫ଟା ୩୦ରୁ ରାତି ୧୦ଟା ।
- ପଞ୍ଚକ ଅବସରରେ ପାର୍ଶ୍ୱଦେବତା ଜଗନ୍ନାଥ ଜୀଉ ବିଜେଙ୍କ ଗଜ ଉଦ୍ଧାରଣ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୫ଟା ୩୦ରୁ ରାତି ୧୦ଟା ।
- ପଞ୍ଚକ ଅବସରରେ ଜଗନ୍ନାଥ ଜୀଉ ବିଜେଙ୍କ ଲକ୍ଷ୍ମୀ ନାରାୟଣ ବେଶ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା।
- ଗଜ ଉଦ୍ଧାରଣ ବେଶ, ସ୍ଥାନ: ଓଡଗାଁ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା ।
- ଲକ୍ଷ୍ମୀ ନାରାୟଣ ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ:ସଂଧ୍ୟା ୭ଟାରୁ ରାତି ୧୦ଟା ।

## ରାୟଗଡ଼ା

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମହାବିଦ୍ୟାଳୟ ପଡିଆ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ସୁରକ୍ଷା ସଚେତନତା ଅବସରରେ ରୋଡ୍‌ରନ୍, ସ୍ଥାନ: ଜିସିଡ଼ି ପଡ଼ିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୫ଟା ୧୫।

## ନବରଙ୍ଗପୁର

- ଭତରା ସମାଜର ଶପଥ ପାଠ ଉତ୍ସବ, ନୂଆଁଖାଇ ଜୁହାର ଭେଟ୍‌ଘାଟ, ସ୍ଥାନ: ଧୋଡ୍ରା ଧାମନାଗୁଡ଼ା ମାଁ ଦନ୍ତେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ପଞ୍ଚୁକ ବ୍ରତ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମଝିବେଢ଼ା, କୋରାପୁଟ, ସମୟ: ସକାଳ ୬ଟା।
- ଦୁର୍ନୀତି ନିବାରଣ ନେଇ ସଚେତନତା ପଦଯାତ୍ରା, ସ୍ଥାନ: ରାଜାନଅର, ଜୟପୁର, ସମୟ:ସକାଳ ୮ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ଟା।

## ସମ୍ବଲପୁର

- ସମ୍ବଲପୁର ପୋଲିସ ଆୟୋଜନରେ ସାଇକ୍ଲୋଥନ, ସ୍ଥାନ: ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୭ଟା।
- ଗ୍ରୁମିଂ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ, ସ୍ଥାନ : ସମ୍ବଲପୁର ଆଇଆଇଏମ୍ ପରିସରସ୍ଥ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ବହିକୁ ନେଇ ଆଲୋଚନା ଓ ସାହିତ୍ୟ ଆସର, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ : ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ : ପୂର୍ବାହ୍ନ ୧୦ଟା।
- କଳାସଂସ୍କୃତି ମହୋତ୍ସବ ପାଇଁ ଆଞ୍ଚାମାଳ, ସ୍ଥାନ: ସମଲେଇ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୨ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ:ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା।
- ଟିମ୍ ସମ୍ବଲପୁର ପକ୍ଷରୁ ଫେଶନ ଉଇକ-୨୫, ସ୍ଥାନ: ଭାଲୁପାଲି ଛକସ୍ଥିତ ଡିଲଙ୍ଗ ସଭାକକ୍ଷ, ସମୟ : ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଶ୍ୱିନୀ ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ବି କିଛି କରିପାରିବେ ନାହିଁ। ପ୍ରଶାସନ, ଅଧ୍ୟୟନ ଓ ଅଧ୍ୟାପନା ଏବଂ ସାହିତ୍ୟ, ଗବେଷଣା, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** କୃତ୍ତିକା ନକ୍ଷତ୍ରର ଅଧିକାଂଶ ସମୟ ମାନସିକ ଅସ୍ଥିରତା ସାଙ୍ଗକୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବ। ଭୁଲ୍ ବୁଝାମଣାରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ, ଏଜେନ୍‌ସିପ୍ ଓ ପରିବହନରୁ ଲାଭବାନ୍ ହେବେ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ।

**ମିଥୁନ** ମୃଗଶିରା ନକ୍ଷତ୍ର ପାଇଁ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ। ଯାହାକୁ କିଛି ସହାନୁଭୂତି ଆଶାରେ କହିବାକୁ ଯିବେ, ସେ ଓଲଟା କଥା କହିପାରନ୍ତି। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ ସମସ୍ୟାକୁ ସାମ୍ନା କରିବାର ଦୁଃସାହସ କରିପାରିବେ ନାହିଁ। ଅତୀତ କଥାକୁ ସ୍ମରଣ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ଧାରଣା ସମସ୍ୟା ସୃଷ୍ଟି କରିବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ନୂତନ ପରିବେଶରେ ବନ୍ଧୁଙ୍କୁ ଆପ୍ୟାୟିତ କରି ଖୁସି ହୋଇ ପାରନ୍ତି।

**ସିଂହ** ପାରିବାରିକ କ୍ଷେତ୍ରରେ ନୀରବ ରହିବା ଭଲ ହେବ। ମଘା ନକ୍ଷତ୍ର ସକାଶେ ଆଜି ଯାତ୍ରାରେ ସଫଳତା ମିଳିବ, ତଥାପି କାମର ଚାପ ବହୁତ ବଢ଼ିଯାଇପାରେ। ଉନ୍ନତିମୂଳକ କାମ ସକାଶେ ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ଦେଇ ବନ୍ଧୁଗହଣରେ ପ୍ରଶଂସିତ ହେବେ। ଆଜି ଦିନଟିରେ କଳା, ସାହିତ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ଭଲ।

**କନ୍ୟା** କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ହୁଏତ ସଫଳ ହୋଇପାରିବେନି। ପିଲାଙ୍କ ସକାଶେ ଅନ୍ୟ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ ଅବସାଦ ଦେଖାଦେବ। ପରିବାରର ଆବଶ୍ୟକତାକୁ ଅନୁଭବ କରି ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା** ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିନେବେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ଅନେକ କାମ ହାତକୁ ନେଇ ବ୍ୟଥିତ ହେବେ।

**ବିଛା** ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିରୁ ବିଚଳିତବୋଧ କରିପାରନ୍ତି। ଅନୁରାଧା ନକ୍ଷତ୍ର ଏଜେନ୍‌ସିପ୍, ସାମ୍ବାଦିକତା, ରାଜନୀତି, ସାହିତ୍ୟ, ଏଜେନ୍‌ସିପ୍ ପ୍ରଭୃତିରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆତ୍ମୀୟତା ବୃଦ୍ଧି ଯୋଗୁ ନିଜ ଲୋକ ଈର୍ଷା କରିବେ। ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, କର୍ମାରମ୍ଭ, ବ୍ୟବସାୟ ଓ ନିର୍ମାଣମୂଳକ କାମରେ ଶୁଭଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ରୋକ୍‌ଠୋକ୍ କଥା ବନ୍ଧୁଙ୍କ ମନରେ ଆଘାତ ସୃଷ୍ଟି କରିବ। ଯାତ୍ରା ସମୟରେ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ, ଭାଇ ଭଉଣୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ମୂଳା ନକ୍ଷତ୍ର ଅନ୍ୟମାନଙ୍କଠାରୁ ଅର୍ଥ ସାଙ୍ଗକୁ କାମ ଆଦାୟରେ ସଫଳ ହେବେ।

**ମକର** ଖର୍ଚ୍ଚାନ୍ତ ହୋଇ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଜଣେ ବାନ୍ଧବୀଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଜି ଶିଳ୍ପ, ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ପଡ଼ୋଶୀ କଅଁଳିଆ କଥା କହି କାର୍ଯ୍ୟ ହାସଲର ଅପଚେଷ୍ଟା କରିବା ସୂଚନା ରହିଛି।

**କୁମ୍ଭ** ପ୍ରତିବନ୍ଧକ ଲାଗି ରହିବା କାରଣରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇ ନ ପାରେ। ପାରିବାରିକ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଶତଭିଷା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ** ଆନୁଷ୍ଠାନିକ କାମରୁ ଅଥବା ଆଲୋଚନାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। ରେବତୀ ନକ୍ଷତ୍ର ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି।

ଆଜି ନଭେମ୍ବର ୨ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ା ବେଶ, କାର୍ତ୍ତିକ ଶୁକ୍ଳ ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର, ରବି ନାରାୟଣ ବ୍ରତ, ଗରୁଡ଼ ଉତ୍ଥାପନ, ତୁଳସୀ ବିବାହ, ବକପଞ୍ଚକ, ଶରତ୍‌ରାସ ଆରମ୍ଭ, ଚାତୁର୍ମାସ୍ୟା ବ୍ରତ ସମାପନ, ସ୍ମାର୍ତସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ, ବୈଷ୍ଣବ ସମ୍ମତ ତ୍ରିସ୍ପୃଶା ଏକାଦଶୀ ଉପବାସ, ଭକ୍ତ ଦାସିଆ ଜୟନ୍ତୀ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ଦିବା ଘ.୧୧।୨୫ମି. ଗତେ ମୀନଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୭ ଗତେ ଘ.୦୮।୫୨ ମଧ୍ୟେ, ଘ.୧୨।୫୪ମି. ଗତେ ଘ.୦୨।୫୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୩ ଗତେ ଘ.୦୫।୦୮ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଉପକୂଳରେ ୬ ମାସିଆ ...

କଟକଣା ଲାଗୁ କରାଯାଇଛି ବୋଲି ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ତପନ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ସବୁ ମାଛଧରା ବନ୍ଦରଗୁଡ଼ିକୁ ନୋଟିସ ଦିଆଯାଇଛି ଏବଂ ଡାକବାଜି ଜରିଆରେ ସୂଚନା ମଧ୍ୟ ଦିଆଯାଇଛି। ସମୁଦ୍ର କୂଳଠାରୁ ୨୦ କିମି ସୀମା ମଧ୍ୟରେ କୌଣସି ମାଛଧରା ବୋଟ୍ ମାଛ ଧରିପାରିବେ ନାହିଁ। ୨୦ କିମି ସମୁଦ୍ର ପରେ ସେମାନେ ମାଛ ଧରିପାରିବେ। ଏହିପରି କଟକଣା ସବୁ ବର୍ଷ ହୋଇଥାଏ।

### ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଦିନେ ଖାଇଛି ଦହି,**
**ଗାଁ ଯାକ ଗଲି କହି ।**

କେଉଁଠି କେମିତି ଭଲ ସୁସ୍ୱାଦୁ ଖାଇବା ଟିକକ ମିଳିଗଲେ ତାହା ଅନେକ ଦିନ ଧରି ମନରେ ସ୍ମୃତି ହୋଇ ରହିଯାଇଥାଏ। କଦବା କ୍ୱଚିତ୍ ଦୁର୍ଲଭ ପଦାର୍ଥ ଖାଇବାକୁ ପାଇଲେ ବହୁ ଲୋକ ଫୁଲାଫାଙ୍କିଆ ହୋଇ ଚାରିଆଡେ କହିବୁଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲା ପଣ୍ଡୁ, ମଲେ ମଶା,**
**ଫାଟୁଆ ଦେଲେ ମୁରୁକି ହସା ।**

ପଣ୍ଡୁ ପୂର୍ଣ୍ଣିମା ପରେ ଶୀତ ବଢ଼ିଥାଏ। ମଶା ଥଣ୍ଡା ସହି ପାରନ୍ତି ନାହିଁ। ଥଣ୍ଡା ପଡିଲେ ମଶା ମରିଯାନ୍ତି। ସେମାନଙ୍କ ଉପଦ୍ରବ କମିଯାଏ। ସେହିପରି ଶୀତ ହେତୁ ଲୋକଙ୍କର ଗୋଡ଼ ତଳିପା ଫାଟେ,ଚାଲିଲା ବେଳେ ଗୋଡ଼କୁ କାଟେ। ଏପରିସ୍ଥଳେ ଗୋଡ଼କୁ କାଟୁଛି ପଚାରିଲେ ଉକ୍ତ ବ୍ୟକ୍ତି ଲାଜରେ କିଛି ନ କହିପାରି କେବଳ ମୁରୁକି ହସିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ଓଡ଼ିଶାରେ ସେମିକଣ୍ଡକ୍ଟର ...

ଅଶ୍ୱିନୀ ବୈଷ୍ଣବ ତାଙ୍କ ଏମ୍‌ପି ଫଣ୍ଡରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାହା ପୂର୍ବରୁ ବର୍ଷ ବର୍ଷ ସମୟ ଲାଗି ଯାଉଥିଲା ତାହା ଏବେ ମାସକରେ ସମ୍ପୂର୍ଣ୍ଣ ହେଉଛି। ଏହା ହେଉଛି ନୂତନ ଭାରତର ଗତି ଏବଂ ଶକ୍ତି। ବେଙ୍ଗାଲୁରୁ ପରେ ବର୍ତ୍ତମାନ ଓଡ଼ିଶା ଭାରତର ନୂତନ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଜଧାନୀ ଭାବେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତ ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢ଼ୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ମିଶନ୍‌ର ସଫଳତାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଦିଲ୍ଲୀରେ ମଧ୍ୟ ୨ଟି କମ୍ପାନୀ ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ଏମ୍‌ଓୟୁ କରିଥିଲେ। ଆଗାମୀ ଦିନରେ ଏହି ୨ କମ୍ପାନୀ ଓଡ଼ିଶାରେ ପ୍ରାୟ ୩,୦୦୦ କୋଟି ଟଙ୍କା ନିବେଶ କରିବେ। ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଗଦେଇ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ୍-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ବର୍ତ୍ତମାନ ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଥିଲେ। ବର୍ତ୍ତମାନ ଯୁବ ପିଢ଼ି ପାଇଁ ଏ କ୍ଷେତ୍ରରେ ଅଧିକ ଜ୍ଞାନ ଆହରଣ ଓ ଗବେଷଣା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆଇଟି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସେମିକଣ୍ଡକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି। ଓଡ଼ିଶା ଏହି ଗୁରୁଦାୟିତ୍ୱକୁ ବହନ କରି ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତର ସ୍ୱପ୍ନକୁ ସାକାର କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇ.ଆଇ.ଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲ୍କର, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ ମ୍ୟାନେଜିଂ ଡାଇରେକ୍ଟର ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଗୁରୁ ଥାଲ୍ଲାପାନେନୀ, କ୍ଲାସ୍-ସିକ୍ ୱାଫର୍ ଫ୍ୟାବ୍ ଲିମିଟେଡର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ମିସ୍ ଜେନିଫର୍ ୱାଲସ ପ୍ରମୁଖ ଉପସ୍ଥିତ ଥିଲେ।

### ଆନ୍ଧ୍ର ଭେଙ୍କଟେଶ୍ୱର ...

ପ୍ରବେଶ ଅନୁମତି ନ ଥିଲା ବୋଲି ଡିଏସ୍‌ପି କହିଛନ୍ତି। ମୃତକଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ରହିଛନ୍ତି। ସେ ହେଲେ ପାତ୍ରପୁର ବ୍ଲକ ଜରଡା ଥାନା ଅନ୍ତର୍ଗତ ଗୁଡ଼ିପଦର ଗ୍ରାମର ରାଙ୍ଗଲା ରୂପା(୧୯)। ତାଙ୍କ ସହ ଯାଇଥିବା ବି. ରୋହିଣୀ ଆହତ ହୋଇଥିବା ଜଣାପଡିଛି। କାଶୀବୁଗାର ଏକ ନର୍ସିଂ କଲେଜରେ ରୂପା ପାଠ ପଢୁଥିଲେ। ଶନିବାର ରୂପା ଗୁଡିପଦର ଗ୍ରାମରେ ବିବାହ କରିଥିବା ମଞ୍ଜୁଷାର ବି. ରୋହିଣୀଙ୍କ ସହ ମନ୍ଦିରକୁ ଯାଇଥିଲେ। ରୂପା ଗୁଡିପଦର ଗ୍ରାମର ଆର୍. ଡ଼ିଲେଶୁଙ୍କ ଏକମାତ୍ର ଝିଅ ହୋଇଥିବା ବେଳେ ଡିଲେଶୁଙ୍କ ସ୍ତ୍ରୀଙ୍କର ଦୁଇବର୍ଷ ତଳୁ ମୃତ୍ୟୁ ଘଟିଛି। ରୂପାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ରୂପାଙ୍କ ମୃତଦେହ ଗ୍ରାମକୁ ଆସିଥିବା ଜଣାପଡିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳାଚକଟା ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ନିମନ୍ତେ ୨,୦୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଘଟଣା ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କେତେଜଣ ଲୋକଙ୍କ କାର୍ଯ୍ୟ ପାଇଁ ଦଳାଚକଟା ଘଟି ୯ ଜଣଙ୍କ ଜୀବନ ଗଲା ବୋଲି ସେ କହିଛନ୍ତି। ଏକାଦଶୀ ଉତ୍ସବ ସମ୍ପର୍କରେ ମନ୍ଦିର କର୍ତ୍ତୃପକ୍ଷ ପୋଲିସ କିମ୍ବା ସ୍ଥାନୀୟ ପ୍ରଶାସନକୁ ନ ଜଣାଇବା ଦୁର୍ଭାଗ୍ୟଜନକ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ୱାଇଏସ୍‌ଆର୍‌ସିପି ନେତା ଜଗନମୋହନ ରେଡ୍ଡୀ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ପୂର୍ବରୁ ରାଜ୍ୟରେ ଏଭଳି ଏକାଧିକ ଘଟଣା ଘଟିଥିଲେ ମଧ୍ୟ ଉପଯୁକ୍ତ ସତର୍କତା ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ପୁନର୍ବାର ଦଳାଚକଟାରେ ୯ ଜୀବନ ଗଲା। ଏଥିପାଇଁ ସରକାରଙ୍କ ଉଦାସୀନତା ଦାୟୀ ବୋଲି ଜଗନ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୩ଟି ବଡ଼ ମନ୍ଦିର ଦୁର୍ଘଟଣା ଘଟି ୨୨ ଜଣଙ୍କ ମୃତ୍ୟୁ ହେବା ସହ ପ୍ରାୟ ୧୦୦ ଜଣ ଆହତ ହେଲେଣି। ଗତ ଏପ୍ରିଲରେ ସୀମାଚଳମ୍‌ର ଶ୍ରୀବରାହ ଲକ୍ଷ୍ମୀନରସିଂହ ସ୍ୱାମୀ ମନ୍ଦିରରେ ପାଚେରି ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଜାନୁଆରୀରେ ତିରୁପତିର ବୈରାଗୀ ପଟ୍ଟେଡ଼ାଠାରେ ଦଳାଚକଟାରେ ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୪୦ ଜଣ ଆହତ ହୋଇଥିଲେ। ତିରୁପତି ମନ୍ଦିରରେ ପ୍ରବେଶ ପାଇଁ ଟିକେଟ ନିମନ୍ତେ ସେମାନେ ଭିଡ଼ ଜମାଇଥିବାବେଳେ ଦଳାଚକଟା ଘଟିଥିଲା।

### ଜିଏସ୍‌ଟି ସଂଗ୍ରହ...

ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବୃଦ୍ଧି ହାର ହାରାହାରି ୯ ପ୍ରତିଶତ ଥିବାବେଳେ ଅକ୍ଟୋବରରେ ତାହା ୪.୬ ପ୍ରତିଶତକୁ ଖସିଆସିଛି। ଗତ ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହ ୬.୫% ବଢ଼ି ୧.୮୬ ଲକ୍ଷ କୋଟି ହୋଇଥିବାବେଳେ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୯.୧% ବୃଦ୍ଧି ପାଇ ୧.୮୯ ଲକ୍ଷ କୋଟି ଟଙ୍କା ହୋଇଥିଲା। ଅକ୍ଟୋବରରେ ପାର୍ବଣ ଋତୁ ଯୋଗୁ ଚାହିଦା ବୃଦ୍ଧି ସହ ଅଧିକ ସଂଖ୍ୟାରେ ଜିଏସ୍‌ଟି ସଂଗୃହୀତ ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନନେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅଭିଭାଷଣରେ ଦୀପାବଳି ପୂର୍ବରୁ ଜିଏସ୍‌ଟି ହ୍ରାସ ସମ୍ପର୍କରେ ଘୋଷଣା କରିଥିବାରୁ ଲୋକେ ସେମାନଙ୍କ କ୍ରୟ ନିଷ୍ପତ୍ତିକୁ ଟିକସ କମିବା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଫଳରେ ଅକ୍ଟୋବରରେ ଅଧିକ ଲୋକେ କିଣାକିଣି କରିଥିଲେ। ତଥ୍ୟ ଅନୁଯାୟୀ, ଜିଏସ୍‌ଟି ରିଫଣ୍ଡ ଗତବର୍ଷ ଅକ୍ଟୋବର ତୁଳନାରେ ଗତ ମାସରେ ୩୯.୬ ପ୍ରତିଶତ ବୃଦ୍ଧି ପାଇ ୨୬,୯୩୪ କୋଟି ଟଙ୍କାରେ ପହଞ୍ଚିଛି। ରିଫଣ୍ଡକୁ ବାଦ୍ ଦେବା ପରେ ଚଳିତ ବର୍ଷ ଅକ୍ଟୋବରରେ ଜିଏସ୍‌ଟି ରାଜସ୍ୱ ୧.୬୯ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷ ଅକ୍ଟୋବର ତୁଳନାରେ ୦.୨ ପ୍ରତିଶତ ଅଧିକ।

### ଆଜି ଭାରତ-ଦ. ଆଫ୍ରିକା ...

ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ଏଥର ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ମିଳିବ। ଭାରତ ଏହି ଫାଇନାଲ ଜିତିବାକୁ ସକ୍ଷମ ହେଲେ ହରମନପ୍ରୀତ୍ କୌର ପ୍ରଥମ ଭାରତୀୟ ଅଧିନାୟିକା ଭାବେ ବିଶ୍ୱକପ୍ ଟ୍ରଫି ଉଠାଇବେ। ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ୨୦୦୫ ଓ ୨୦୧୭ ସଂସ୍କରଣରେ ରନରଅପ୍ ହୋଇଥିଲା। ୭ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ଦଳ ଖୁବ୍ ଆତ୍ମବିଶ୍ୱାସ ସହ ପଡ଼ିଆକୁ ଓହ୍ଲାଇବ। ବ୍ୟାଟିଂ ଫ୍ରେଣ୍ଡ୍‌ଲି ପିଚ୍ ଓ ସନ୍ଧ୍ୟାରେ କାକରର ସମ୍ଭାବନା ରହିଥିବାରୁ ଏହା ଏକ ହାଇ ସ୍କୋରିଂ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ସମାନ ଭେନ୍ୟୁରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟର ପିଛା କରି ଭାରତୀୟ ମହିଳା ଦଳ ଐତିହାସିକ ବିଜୟ ହାସଲ କରିଥିଲା।

# କୋମନାରେ ରାତିଅଧିଆ ବ୍ଲାଙ୍କ୍ ଫାୟାରିଂ

■ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ ■ ବିଧାୟକଙ୍କ ପିଏସ୍‌ଓ ସସ୍‌ପେଣ୍ଡ



କୋମନା ଥାନା ଅଧିକାରୀଙ୍କୁ ଶନିବାର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା,୧।୧୧(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ଏଠାକାର ରାଜନୈତିକ ମାହୋଲ ସେତିକି ସରଗରମ ହେବାରେ ଲାଗିଛି। ବିଜେଡି ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଖଡ଼ିଆଳସ୍ଥିତ ଭଡ଼ାଘରେ ଚଢାଉ କରାଯିବା ପରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ (ବବି) ଓ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଜଣେ ଯୁବକଙ୍କୁ ମାଡ଼ ମାରିବା ସହ ଧମକ ଦେଇଥିବା ନେଇ ଉଭୟଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଆରୋପ ପ୍ରତ୍ୟାରୋପ ଜାରି ରହିଥିବା ବେଳେ ଶୁକ୍ରବାର ରାତିରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋମନାରେ ହୋଇଛି ବ୍ଲାଙ୍କ୍ ଫାୟାରିଂ। ଗୋଟିଏ ରାଉଣ୍ଡ ଗୁଳି ଫୁଟିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇଛନ୍ତି। ତେବେ କୋମନାର ସଂକଳ୍ପ ହୋଟେଲରେ ରହୁଥିବା କୋରାପୁଟ ବିଧାୟକ ରଘୁନାଥ ମାଛଙ୍କ ପିଏସ୍‌ଓଙ୍କ ବନ୍ଧୁକରୁ ବ୍ଲାଙ୍କ ଫାୟାରିଂ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଶନିବାର କୋମନା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହେବା ସହ ପିଏସ୍‌ଓ ଡମ୍ବରୁ ହନ୍ତାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

କଂଗ୍ରେସ ଅଭିଯୋଗର ଅନୁଯାୟୀ, ଉପନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଶାସକ ଦଳର ଜଣେ ଲୋକପ୍ରତିନିଧିଙ୍କ ସୁରକ୍ଷା ଅଧିକାରୀ ଫାୟାରିଂ କରି ଲୋକଙ୍କୁ ଆତଙ୍କିତ କରାଇବା ସହ ନିର୍ବାଚନ ଫଳକୁ ଶାସକ ଦଳ ପକ୍ଷକୁ ନେବା ଲାଗି ଚେଷ୍ଟା କରିବା ଆଇନ ଅନୁଯାୟୀ ଅପରାଧ। ଏହା ବିଧାୟକଙ୍କ ପ୍ରତ୍ୟକ୍ଷ ସମର୍ଥନ ବିନା ସମ୍ଭବ ନୁହେଁ। ଏହି ଘଟଣା ପାଇଁ ପିଏସ୍‌ଓଙ୍କୁ ତୁରନ୍ତ ଗିରଫ କରିବା ସହିତ ବିଧାୟକଙ୍କୁ ଜିଲାରୁ ବାହାର କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଯଦି ପିଏସ୍‌ଓଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଯାଏ ତେବେ ରବିବାର କୋମନା ଥାନା ଘେରାଉ ସହ ଧାରଣା ଦେବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଉପନିର୍ବାଚନ ଯୋଗୁ ଏଠାକୁ ଏବେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମାଲମାଲ ନେତା, ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ତାଙ୍କର କର୍ମୀମାନେ ଆସି ଡେରା ପକାଇଛନ୍ତି। ପ୍ରଚାର ପାଇଁ ଆସିଥିବା ନେତା ନୂଆପଡ଼ା ସମେତ କୋମନା, ଖରିଆର ରୋଡ୍‌ର ସବୁ ହୋଟେଲ, ଗେଷ୍ଟ ହାଉସରେ ରହିଛନ୍ତି। ସେମାନେ ବଡ଼ ବଡ଼ ଗାଡ଼ିରେ ରାସ୍ତାରେ ଯିବାଆସିବା କରୁଛନ୍ତି। ତେବେ କୋମନାରେ ବ୍ଲାଙ୍କ ଫାୟାରିଂ ଘଟଣା ଶାନ୍ତ ନୂଆପଡ଼ାକୁ ବାହାର ଲୋକ ଅଶାନ୍ତ କରୁଥିବା ନେଇ ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଫାୟାରିଂ ସମ୍ପର୍କରେ କୋମନା ଥାନା ଅଧିକାରିଣୀ ରଶ୍ମିତା ପ୍ରଧାନଙ୍କୁ ପଚାରିବାରୁ ଏନେଇ ଥାନାରେ ଏକ ମାମଲା( ନଂ .୩୧୯/୨୫)ରୁଜୁ କରାଯାଇଛି ବୋଲି କହିବା ସହ ବିଧାୟକଙ୍କ ପିଏସଓ ଡମ୍ବରୁ ହନ୍ତାଳଙ୍କୁ ପ୍ରଥମେ ଅଟକ ରଖାଯାଇଥିଲା। ତାଙ୍କଠୁ ତାଙ୍କର ବନ୍ଧୁକ ଜବତ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ସବିଶେଷ ଖବର ଅନୁଯାୟୀ ସଂପୃକ୍ତ ପିଏସ୍‌ଓଙ୍କୁ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ନିଲମ୍ବନ କରିଥିବା ନୂଆପଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାଏକ ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏସ୍ ଆଇ ମିନତି ବଡ଼ନାଏକଙ୍କୁ ଦିଆଯାଇଛି।

ଆନ୍ଧ୍ର ଶ୍ରୀକାକୁଲମ୍‌ରେ ଦଳାଚକଟା




# ଲୋକଙ୍କ ଜୀବନ ସହ ଖେଳୁଛି ବେଦାନ୍ତ ଆଲୁମିନା



ବକ୍ସାଇଟ ଗୁଣ୍ଡ ଯୋଗୁ ରାସ୍ତା ଲାଲ ରଙ୍ଗ ହୋଇଯାଇଛି।



ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି।

ଭବାନୀପାଟଣା,୧।୧୧
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନା କମ୍ପାନୀ ପ୍ରତିଷ୍ଠା ସମୟରେ ସ୍ଥାନୀୟ ଲୋକଙ୍କୁ ବହୁତ ଆଶା ଦେଖାଇଥିଲା। ଏପରି କି ପ୍ରଦୂଷଣମୁକ୍ତ ଅଞ୍ଚଳ ଗଢ଼ିତୋଳିବାର ପ୍ରତିଶ୍ରୁତି ଦେଇଥିଲା। ଫଳରେ ସ୍ଥାନୀୟ ଲୋକମାନେ କାମଧନ୍ଦା ପାଇଁ ବେଦାନ୍ତ ଏକ ସୁଯୋଗ ବୋଲି ଧରି ନେଇଥିଲେ। ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା, ପାରିପାର୍ଶ୍ୱିକ ବିକାଶ ଓ ଅନ୍ୟାନ୍ୟ ସମସ୍ୟା ଦୂର ହେବ ବୋଲି ସମସ୍ତେ ଭାବି ନେଇଥିଲେ। ତେବେ କମ୍ପାନୀ ଚାଲିବାର ଦୀର୍ଘ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଅଞ୍ଚଳବାସୀ ବକ୍ସାଇଟ ଗୁଣ୍ଡରୁ ମୁକ୍ତି ପାଇପାରୁନାହାନ୍ତି। ଜୀବନଧାରଣର କୌଣସି ସାଧନ ନ ପାଇବା କାରଣରୁ ସେମାନେ ଏବେ ଚିନ୍ତାରେ ରହୁଛନ୍ତି। କମ୍ପାନୀ ଇତିମଧ୍ୟରେ ରେଙ୍ଗୋପାଲି, କୋଟଦୁଆର ଓ ବନ୍ଧଗୁଡ଼ା ଗ୍ରାମକୁ ବିସ୍ଥାପନ ଯୋଜନାରେ ସାମିଲ କରି ସେମାନଙ୍କ ପାଇଁ ଘରଦ୍ୱାର, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଥିବାବେଳେ ବସନ୍ତପଡ଼ା, କପାଗୁଡା ଓ ଅନ୍ୟ କେତେକ ଗ୍ରାମ ଏଥିରୁ ବାଦ ପଡ଼ିଛି।

ବସନ୍ତପଡା ଗ୍ରାମଟି ବେଦାନ୍ତ କାରଖାନାଠାରୁ ମାତ୍ର ୧୦୦ମିଟର ଦୂରରେ ରହିଛି। ଏହି ଗାଁ ଦେଇ ଦୈନିକ ଶତାଧିକ ବକ୍ସାଇଟ ଓ କୋଇଲା ବୋଝେଇ ଭାରିଯାନ ଯାତାୟାତ କରୁଥିବାରୁ ବକ୍ସାଇଟ ଗୁଣ୍ଡ ଓ ପାଉଁଶ ଗୁଣ୍ଡ (ଫ୍ଲାଏ ଆଶ) ଉଡ଼ି ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଏପରି କି ଆଖପାଖରେ ଥିବା ଗଛ ଓ ଘରଗୁଡିକର ଛାତ ମଧ୍ୟ ଲାଲ ରଙ୍ଗ ହୋଇଯାଉଛି। ବେଳେବେଳେ କାରଖାନା ଚାଲିବା ବେଳେ ପ୍ରଚଣ୍ଡ ଶବ୍ଦ ହେଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡୁଛନ୍ତି। ଏହି ଗାଁରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ପରିବାର ରହିଥିବାବେଳେ ଲୋକସଂଖ୍ୟା ହଜାରେରୁ ଅଧିକ ହେବ। ସେହିପରି ସମାନ ଅବସ୍ଥା ଦେଖିବାକୁ ମିଳିଛି କପାଗୁଡା ଗ୍ରାମରେ। ଏହି ସମସ୍ୟା ହେତୁ ବିସ୍ଥାପିତ ପାଇଁ ଗତ କିଛିଦିନ ତଳେ ବସନ୍ତପଡାବାସୀ କଳାହାଣ୍ଡିର ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ ଦେଇଥିଲେ। ଏଥିରେ ସେମାନେ କମ୍ପାନୀ ଦ୍ୱାରା କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇଥିଲେ। କମ୍ପାନୀ ପକ୍ଷରୁ ଜନବସତି ନିକଟରେ ରେଡ଼ମଡ଼ ପଣ୍ଡ ଓ ଆଶ୍‌ପଣ୍ଡ (ପାଉଁଶ ପୋଖରୀ) ନିର୍ମାଣ କରାଯାଇଛି। ଏହା ଦ୍ୱାରା ବିଷାକ୍ତ ଲାଲ ରଙ୍ଗ ଧୂଳି ଓ ପାଉଁଶ ଗୁଣ୍ଡ ଉଡି ଗ୍ରାମବାସୀଙ୍କୁ ଅଣନିଃଶ୍ୱାସୀ କରିପକାଉଛି। ପୁଣି ରେଡ଼ମଡ଼ପଣ୍ଡ (ନାଳିପଙ୍କ)ରୁ କଷ୍ଟକଯୁକ୍ତ ଲାଲ ପାଣି ଝରି ଅଞ୍ଚଳର ଜଳ ବିଷାକ୍ତ ହୋଇଯାଉଛି। ଏହି ବିଷାକ୍ତ ଜଳ ପାନ ଓ ଧୂଳିଧୂଆଁ ନିଃଶ୍ୱାସରେ ନେବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ଯଥା କିଡ଼ନୀ, ଯକ୍ଷ୍ମା, ହୃଦ୍‌ରୋଗ, ଚର୍ମ ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିସବୁ ରୋଗରେ ଆକ୍ରାନ୍ତ ହୋଇ କିଛିବର୍ଷ ମଧ୍ୟରେ ଦୁଇ ଶହରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ଏବେ ମଧ୍ୟ ଆହୁରି ଶତାଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଏପରି ପ୍ରଦୂଷଣ ବଳୟ ମଧ୍ୟରେ ଜୀବନ ଧାରଣ କରିବା ଆଉ ସମ୍ଭବ ନୁହେଁ। ତେଣୁ ଗ୍ରାମବାସୀ ଅନ୍ୟ ନିରାପଦ ସ୍ଥାନକୁ ସେମାନଙ୍କୁ ବିସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଯଦି ଏହାର ସମାଧାନ ନ ହୁଏ ଆଗାମୀ ଦିନରେ ଗ୍ରାମବାସୀ ଏକାଠି ହୋଇ ରାସ୍ତା ଅବରୋଧ ସହ ପ୍ରକଳ୍ପକୁ ଯାଉଥିବା ସମସ୍ତ ଗାଡ଼ିକୁ ଅଟକାଇବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଏକକିତା ନକଲ ବ୍ରହ୍ମପୁର ଆର୍‌ଡିସି, ଓଡିଶା ବିଧାନସଭା ବିରୋଧୀ ଦଳ ନେତା, ପିସିସି ସଭାପତି ପ୍ରମୁଖଙ୍କୁ ପ୍ରେରଣ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନାର ଡେପୁଟି ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ଗୁଳିମାଡ଼ରେ ଦନ୍ତାହାତୀର ମୃତ୍ୟୁ ସନ୍ଦେହ




ଭଞ୍ଜନଗର,୧।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ସେକ୍ସନ ବାଣିଆପଲ୍ଲୀ ସଂରକ୍ଷିତ ଜଙ୍ଗଲରୁ ଶନିବାର ସକାଳେ ଏକ ଦନ୍ତାହାତୀ ମୃତଦେହ ଠାବକରାଯାଇଛି। ଖବରପାଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ଅପରାହ୍ନରେ ଜେଟିଏଫ୍ ଟିମ୍ ଭୁବନେଶ୍ୱରରୁ ଆସି ପହଞ୍ଚିବା ପରେ ହାତୀର ବ୍ୟବଚ୍ଛେଦ ହୋଇଛି। ଦିନେ କିମ୍ବା ୨ ଦିନ ପୂର୍ବରୁ ହାତୀଟିର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ହାତୀର ଶୁଣ୍ଢ ପଟେ ପ୍ରବଳ ରକ୍ତସ୍ରାବ ହୋଇଥିବା, କାନ ଏବଂ ଗୋଡ଼ର ମଝି ଅଂଶରେ କ୍ଷତଚିହ୍ନ ଥିବାରୁ ଶିକାରୀଙ୍କ ଗୁଳିମାଡ଼ରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ୨ ହାତୀ ମଧ୍ୟରେ ଲଢ଼େଇ କିମ୍ବା ସମ୍ପୃକ୍ତ ଅଞ୍ଚଳରେ ବେଆଇନ ହୁକିଂ ହେଉଥିବାରୁ ବିଦ୍ୟୁତ୍ ଆଘାତରେ ଦନ୍ତାର ଜୀବନ ଯାଇଥିବା ମଧ୍ୟ ଆଲୋଚନା ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡ଼ିବ ବୋଲି ଡିଏଫ୍‌ଓ ମହାନ୍ତି କହିଛନ୍ତି। ଘୁମୁସର ଉତ୍ତର ବନଖଣ୍ଡରେ ଗୁରୁବାର ସୁଦ୍ଧା ୫୬ଟି ହାତୀ ଥିବା ବେଳେ ଏବେ ୫୫କୁ ଖସି ଆସିଛି।

## ପରିତ୍ୟକ୍ତ କୂଅରେ ଖସିପଡ଼ିଲା ମାଈହାତୀ

ଅନୁଗୋଳ/ବନ୍ତଳା,୧।୧୧
(ଦିବ୍ୟଶାନ୍ତନୁ ନାଥ/ସୁଶିତ ସାହୁ)

ଅନୁଗୋଳ ସଦର ବନାଞ୍ଚଳ ବଡ଼କେରା ପଞ୍ଚାୟତ ମନ୍ଦରପୁର ଗ୍ରାମ ନିକଟ କଟକ-ସମ୍ବଲପୁର ରାସ୍ତା ପାର୍ଶ୍ୱରେ ଥିବା ପରିତ୍ୟକ୍ତ କୂଅରେ ଶନିବାର ସନ୍ଧ୍ୟାରେ ଏକ ମାଈହାତୀ ଖସିପଡ଼ିଥିଲା। ଖବରପାଇ ଘଟଣାସ୍ଥଳରେ ବନବିଭାଗ କର୍ମଚାରୀମାନେ ପହଞ୍ଚି ଜେସିବି ମେଶିନ ସାହାଯ୍ୟରେ କୂଅ ପାର୍ଶ୍ୱ ତାଡ଼ିବା ପରେ ହାତୀଟି ବାହାରି ଜଙ୍ଗଲକୁ ପଳାଇ ଯାଇଥିଲା। ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ଏକ ମାଈହାତୀ ଖାଦ୍ୟ ଅନ୍ୱେଷଣରେ ମନ୍ଦରପୁର ଅଞ୍ଚଳକୁ ପଶିଆସିଥିଲା। ଲୋକେ ହାତୀକୁ ଦେଖି ଘଉଡ଼ାଇଥିଲେ। ହାତୀଟି ଗାଁରୁ ବାହାରି ଯାଉଥିବା ବେଳେ ଉକ୍ତ କୂଅରେ ଖସି ପଡ଼ିଥିଲା। ଗର୍ଜନ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁଥିଲେ। କୂଅ ଭିତରେ ହାତୀ ପଡ଼ିଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆର୍‌ଆର୍‌ଟି ଟିମ୍ ସହ ବନବିଭାଗର କର୍ମଚାରୀ ଉପସ୍ଥିତ ଥିବାବେଳେ ଅତିରିକ୍ତ ବନ ସଂରକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ତେବେ ବନ



ବିଭାଗର ବିଟ୍ ହାଉସ୍ ସମ୍ମୁଖରେ ଥିବା ଉକ୍ତ ପରିତ୍ୟକ୍ତ କୂଅକୁ ବନ ବିଭାଗ ପକ୍ଷରୁ ପୋତାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

# ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ କାମ ଚାଲିଛି: ମୁଖ୍ୟମନ୍ତ୍ରୀ

■ ପ୍ରତି ଘରୁ ଜଣେ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ
■ ସୁଭଦ୍ରା ଶକ୍ତିମେଳାର ୨ୟ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ୍ ସ୍ତରରେ ରାଜ୍ୟର ପ୍ରତ୍ୟେକ ମହିଳା ଯେପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ସ୍ୱତନ୍ତ୍ରତା ହାସଲକରି ଦକ୍ଷ ଉଦ୍ୟୋଗୀ ହେବେ ସେଥିପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଓଡ଼ିଶା ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର 'ସୁଭଦ୍ରା ଶକ୍ତି ମେଳା' ୨ୟ ସଂସ୍କରଣର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ପୂରଣ ହେବ ଯେତେବେଳେ ଆମର ଲକ୍ଷ ଲକ୍ଷ ସୁଭଦ୍ରା ମା'ମାନଙ୍କ ଶକ୍ତିର ଜାଗରଣ ଆସିବ। ସେମାନେ ସଶକ୍ତ ହେବେ ଏବଂ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ମୂଲ୍ୟବାନ୍ ଯୋଗଦାନ ରହିବ। ସେହି ଲକ୍ଷ୍ୟ ହାସଲ ପାଇଁ ଆମ ସୁଭଦ୍ରା ଯୋଜନା ହେଉଛି ଏକ ୟୁନିକ୍ ମଡେଲ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମା' ସୁଭଦ୍ରା ହେଉଛନ୍ତି ସ୍ନେହ, ତ୍ୟାଗ, ସାହସ ଓ ଦୃଢ଼ତାର ମୂର୍ତ୍ତିମନ୍ତ ପ୍ରତୀକ। ଆମର ସୁଭଦ୍ରା ମା ଓ ଭଉଣୀମାନେ ସେହି ଦିବ୍ୟଶକ୍ତିର ଚଳନ୍ତି ରୂପ। ନିଜ ଘର ଓ ପରିବାରକୁ ପ୍ରତିପାଳିତ କରିବା ସହ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଏବଂ ବିକଶିତ ଓଡ଼ିଶା ଗଠନ ପାଇଁ ନେତୃତ୍ୱ ନେଉଛନ୍ତି। ଏହା କେବଳ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ବା ବିକ୍ରୟର ସ୍ଥାନ ନୁହେଁ ବରଂ ଆମ ମା'ମାନଙ୍କର ଶ୍ରମ, ସୃଜନଶୀଳତା ଓ ସଫଳତାର ମେଳା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ଲାଗ୍‌ଶିପ୍ ଯୋଜନା ଲକ୍ଷପତି ଦିଦି ଯୋଜନାରେ ଖୁବ୍ କମ୍ ଦିନ ମଧ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଆମ ରାଜ୍ୟ ଅଭୂତପୂର୍ବ ସଫଳତା ହାସଲ କରିଛି। ସରକାରଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଯାଇ ବର୍ତ୍ତମାନ ଲକ୍ଷପତି ଦିଦି ହୋଇ ସମାଜରେ ମହିଳାମାନେ ପ୍ରତିଷ୍ଠା ଲାଭ କରିଛନ୍ତି। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରାର ମା'ମାନେ ତାଙ୍କର ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କ ଉପରେ ବିଶ୍ୱାସ ଓ ଭରସା ରଖିଛନ୍ତି। ସୁଭଦ୍ରା ତା'ର କାୟାବିସ୍ତାର କରିଛି। ପ୍ରତ୍ୟେକ ଘରୁ ଜଣେ ଲେଖାଏ ଲକ୍ଷପତି ଦିଦି ସୃଷ୍ଟିକରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଶା କରାଯାଇଛି ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ରାଜ୍ୟର ସୁଭଦ୍ରା ମା'ମାନଙ୍କୁ ପ୍ରଶଂସାକରି କହିଛନ୍ତି, ଗ୍ରାମାଞ୍ଚଳରେ ରହି ଆପଣମାନେ ଯେଉଁ କାମ କରି ଦେଖାଉଛନ୍ତି ସେଥିପାଇଁ ଆମେ ସମସ୍ତେ ଗର୍ବିତ। ମିଶନ ଶକ୍ତି ବିଭାଗର କମିଶନର ଗିରିଶ ଏସ୍‌ଏନ୍ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶନୀ ଧନ୍ୟବାଦ ଅର୍ପଣ କରିଛନ୍ତି।



ରାଜ୍ୟ ମିଶନଶକ୍ତି ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା 'ସୁଭଦ୍ରା ଶକ୍ତି ମେଳା'କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳା ବୁଲିବା ସହ ମହିଳା ଉଦ୍ୟୋଗୀଙ୍କଠାରୁ ସେମାନଙ୍କ ଉତ୍ପାଦ ସମ୍ପର୍କରେ ପଚାରି ବୁଝୁଛନ୍ତି।

# ରାଜ୍ୟର ୧୦ ସ୍ଥାନରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

କଟକ,୧।୧୧(କାର୍ତ୍ତିକ ସାହୁ)

ବସ୍‌ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଠିକ୍ ଅନୁପାଳନ ପାଇଁ ସକ୍ରିୟତାର ସହ ଏକ ମିଳିତ ପ୍ରୟାସ ଆରମ୍ଭ ହୋଇଛି। ପ୍ରତି ଶନିବାର ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହି କ୍ରମରେ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ନଭେମ୍ବର ପ୍ରଥମ ଶନିବାରରୁ ଆରମ୍ଭ ହୋଇଛି ମକ୍‌ଡ୍ରିଲ।

ସୂଚନାନୁସାରେ, ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଡକର ବସ୍ ଟର୍ମିନାଲ, କଟକର ନେତାଜୀ ବସ୍ ଟର୍ମିନାଲ, ସୁନ୍ଦରଗଡ଼ ନୂଆ ବସ୍‌ଷ୍ଟାଣ୍ଡ, ରାଉରକେଲା ବସ୍‌ଷ୍ଟାଣ୍ଡ, କୋରାପୁଟ ବସ୍‌ଷ୍ଟାଣ୍ଡ, ସମ୍ବଲପୁର ବସ୍‌ଷ୍ଟାଣ୍ଡ, ଅନୁଗୋଳ ନୂଆ ବସ୍‌ଷ୍ଟାଣ୍ଡ, ତାଳଚେର ବସ୍‌ଷ୍ଟାଣ୍ଡ, ଗଞ୍ଜାମ ଜିଲାର ହଳଦିଆପଦର ବସ୍‌ଷ୍ଟାଣ୍ଡ ଓ ଝାରସୁଗୁଡ଼ା ଫାୟାର ଷ୍ଟେଶନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅପରାହ୍ନରେ ଅନୁଷ୍ଠିତ ହୋଇଛି। ୨ରୁ ୩ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଅଗ୍ନି ନିର୍ବାପନ ପାଇଁ ପ୍ରତିଟି କୌଶଳର ଲାଇଭ୍ ଉପସ୍ଥାପନ କରିଥିଲା ଅଗ୍ନିଶମ ବାହିନୀ। ବସ୍ କର୍ମଚାରୀମାନେ ଏହି ବିଷୟକୁ ବୁଝିଥିଲେ। ଏହାସହ ଯାତ୍ରୀବାହୀ ବସ୍ ପାଇଁ ଥିବା ଅଗ୍ନି ନିରାପତ୍ତା ଗାଇଡ୍‌ଲାଇନ ଓ ଏହାର ଆବଶ୍ୟକତା ସମ୍ପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଛି। ଅଗ୍ନିଶମ ବାହିନୀ ବସ୍ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ବୁଝାଇଛି। ଏଥିସହ କୌଣସି ଅଘଟଣ ଘଟିଲେ ନିଆଁକୁ ନିୟନ୍ତ୍ରଣ କରିବା ବିଷୟରେ ଏକ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯାଇଛି। ଉଭୟ ବସ୍ କର୍ମଚାରୀ ଓ ସାଧାରଣ ଯାତ୍ରୀ ଉତ୍ସାହର ସହ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଆପାତ୍‌କାଳୀନ ଦ୍ୱାର, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର, ତୁରନ୍ତ ନିଆଁ ଲିଭାଇବାର କୌଶଳ, ଡ୍ରାଇଭର-କଣ୍ଡକ୍ଟର ଓ ଯାତ୍ରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି। ଅଗ୍ନିଶମ ଓ ଜରୁରିକାଳୀନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବସ୍ ମାଲିକ ସଂଘ ସହଭାଗିତାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଛି। ଆସନ୍ତା ୩ ଶନିବାର ମଧ୍ୟରେ ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ଆର୍‌ଟିଓଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସମସ୍ତ ସ୍ଥାନରେ ପ୍ରଶିକ୍ଷଣ ଶେଷ ପରେ ବସ୍‌ରେ ଅଗ୍ନି ନିରାପତ୍ତା ସମ୍ପର୍କରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ତେବେ ବସ୍‌ରେ ଅଗ୍ନି ଅଘଟଣ ଭଳି ଘଟଣା କିଛି ରାଜ୍ୟରେ ସାମ୍ନାକୁ ଆସିବା ପରେ ଓଡ଼ିଶାରେ ଏଭଳି ବିପଦର ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏ ସଂକ୍ରାନ୍ତରେ ବସ୍ ମାଲିକ ସଂଘ ସହ ବୈଠକ କରି ଆଲୋଚନା କରିଥିଲେ। ଅଗ୍ନି ନିରାପତ୍ତା ପାଇଁ ଥିବା ନିୟମ ପାଳନକୁ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଗ୍ନିଶମ ନିର୍ଦ୍ଦେଶାଳୟ ଦ୍ୱାରା ଯାତ୍ରୀବାହୀ ବସ୍‌ରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।



ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କାର୍ଯ୍ୟକ୍ରମ।

### ବସ୍‌ଯାତ୍ରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ

■ ପ୍ରଶିକ୍ଷଣ ନେଲେ ବସ୍ କର୍ମଚାରୀ
■ ପ୍ରତି ଶନିବାର ହେବ ତାଲିମ କାର୍ଯ୍ୟକ୍ରମ
■ ନିରାପତ୍ତା ପାଇଁ ମିଳିତ ପ୍ରୟାସ

# ସ୍ମାର୍ଟ ସିଟିର ବାସ୍ତବତା



ଆକାର ପଟେଲ

ମୁଁ ଯେତେବେଳେ ଘରୁ ବାହାରି ରାସ୍ତାକୁ ଯାଏ ଏବଂ ଚାରିପାଖକୁ ଦେଖେ, ସେତେବେଳେ ୧୦ ବର୍ଷ ପୂର୍ବର ସ୍ଥିତିରେ ଭିନ୍ନତା ଦେଖିବାକୁ ପାଏ ନାହିଁ, କେବଳ ଅଧିକ ସଂଖ୍ୟାରେ ଯାନବାହନ ଯାତାୟାତ କରୁଥିବା ଲକ୍ଷ୍ୟକରେ। କିଛିଦିନ ପୂର୍ବରୁ ସ୍ମାର୍ଟ ସିଟି ମିଶନରେ ଭିତ୍ତିଭୂମିର ବିକାଶ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା, ଯେଉଁମାନେ ସେମାନଙ୍କ ଚାରିପାଖରେ କ'ଣ ଘଟିଛି ବୋଲି ଯଦି ନିରୀକ୍ଷଣ କରିବେ ତେବେ ଜାଣିବାକୁ ପାଇବେ ଯେ, ଚଳିତ ବର୍ଷ ଶେଷ ହୋଇଥିବା ଏକ ୧୦ ବର୍ଷିଆ କାର୍ଯ୍ୟକ୍ରମର କୌଣସି ପ୍ରଭାବ ପଡ଼ିନାହିଁ। ବର୍ତ୍ତମାନ ଏହା ପୂରା ବନ୍ଦ ହୋଇଗଲାଣି ଏବଂ ଏହା ଉପରେ ଆଉ କୌଣସି ପ୍ରତିଶ୍ରୁତି ଦିଆଯିବ ନାହିଁ। ଏବେ ଏହି ମିଶନ ମାଧ୍ୟମରେ କ'ଣ କରାଯାଇଛି ତାହା ଆମେ ବିଚାର କରିପାରିବା।

ସ୍ମାର୍ଟ ସିଟି ମିଶନରେ ପ୍ରସ୍ତାବିତ ପରିଯୋଜନାର ରୂପରେଖକୁ ନେଇ ସହରାଞ୍ଚଳ ମନ୍ତ୍ରଣାଳୟ ଏକ ସଂକ୍ଷିପ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲା। ସେଥିରେ କୁହାଯାଇଥିଲା, ଏହାର ଲକ୍ଷ୍ୟ ହେଉଛି ଏପରି ସହର ତିଆରି କରିବା ଯେଉଁଥିରେ ପ୍ରତ୍ୟେକ ବାସିନ୍ଦାଙ୍କୁ ଉପଯୁକ୍ତ ଜୀବନଯାପନ ବିକଳ୍ପ ମିଳିବ ଏବଂ ଯେକୌଣସି ବିକଶିତ ୟୁରୋପୀୟ ସହର ସହ ତୁଳନୀୟ ଉଚ୍ଚମାନର ଜୀବନଯାପନ ଶୈଳୀ ପ୍ରଦାନ କରିବ। ସରକାର କହିଥିଲେ, ଏହା ୨୦୨୦ ସୁଦ୍ଧା ଘଟିବ। ୨୦୧୪ରେ ଅରୁଣ ଜେଟ୍‌ଲୀ ସଂସଦରେ କହିଥିଲେ, ମଧ୍ୟବିତ୍ତ ବର୍ଗର ସେବା ପାଇଁ ଏହି ସ୍ମାର୍ଟ ସିଟି ଆବଶ୍ୟକ। ୨୦୧୫ରେ ମିଶନର ଲକ୍ଷ୍ୟକୁ ଅଧିକ ସାଧାରଣ କରିବା ପାଇଁ କଥା ବଦଳାଯାଇ ୟୁରୋପୀୟ ସହରକୁ ଅନୁକରଣ କରିବା କଥା କୁହାଯାଇ ନ ଥିଲା। ଏହା ପରିବର୍ତ୍ତେ ଭାରତର ସ୍ମାର୍ଟ ସିଟି ନାଗରିକଙ୍କୁ ପର୍ଯ୍ୟାପ୍ତ ଜଳ ଯୋଗାଣ, ନିଶ୍ଚିତ ବିଦ୍ୟୁତ୍ ଯୋଗାଣ, ପରିମଳ, ସାଧାରଣ ପରିବହନ, ଗରିବଙ୍କ ପାଇଁ ସୁଲଭ ଗୃହ, ମହିଳାଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପ୍ରଦାନ କରାଯିବ ବୋଲି ଦର୍ଶାଯାଇଥିଲା। ଏହା ନିଶ୍ଚିତ ଯେ, ସମସ୍ତ ସହରର ପୌରପାଳିକାଗୁଡ଼ିକ ଯାହା ଉପରେ ଧ୍ୟାନ ଦିଅନ୍ତି ତା'ଠାରୁ ଏହା କିଛି ଭିନ୍ନ ନୁହେଁ। ୨୦୨୧ ମସିହାରେ 'ସ୍ମାର୍ଟ ସିଟି ପ୍ରକଳ୍ପ ସଫଳ ହୋଇପାରିଲା ନାହିଁ, ଏହାର ଅଧା ପାଣ୍ଠି ଖର୍ଚ୍ଚ ହୋଇନାହିଁ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ସୂଚିତ କରାଯାଇଥିଲା ଯେ ପ୍ରକଳ୍ପ ୨୦୨୦ ବେଳକୁ ଏହାର ସଫଳତାର ପଥ ଅତିକ୍ରମ କରିବା ଉଚିତ ଥିଲା, କିନ୍ତୁ ବାସ୍ତବତା ହେଉଛି ୨୦୧୯ ସୁଦ୍ଧା ୨୦୧୫-୧୯ ମଧ୍ୟରେ ଅନୁମୋଦିତ ମୋଟ ୪୮,୦୦୦ କୋଟି ଟଙ୍କା ମଧ୍ୟରୁ କେବଳ ଅଧା ବଣ୍ଟନ କରାଯାଇଥିଲା। ପ୍ରକୃତରେ ଏହାର ତିନି-ଚତୁର୍ଥାଂଶ ଦିଆଯାଇଥିଲା ଏବଂ ସେଥିରୁ ମାତ୍ର ୩୬ ପ୍ରତିଶତ ଖର୍ଚ୍ଚ କରାଯାଇଥିଲା। ଅର୍ଥାତ୍ ୪୮,୦୦୦ କୋଟି ଟଙ୍କାରୁ କେବଳ ୬,୧୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

ନଗର ଉନ୍ନୟନ ପାଇଁ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି (ପିଏସ୍‌ସି) କହିଥିଲା ଯେ, ମିଶନ ଅଧୀନରେ ତୃଣମୂଳ ସ୍ତରରେ ଏପର୍ଯ୍ୟନ୍ତ ହୋଇଥିବା ପ୍ରକୃତ ପ୍ରଗତି ବିଷୟରେ ଏହା ଦ୍ୱନ୍ଦ୍ୱରେ ରହିଛି ଏବଂ ଗୋଟିଏ ସଂସ୍ଥା ଅନ୍ୟ ଏକ ସଂସ୍ଥାର କାର୍ଯ୍ୟର ବିଫଳତାକୁ ଦର୍ଶାଇବାର ଅନେକ ଉଦାହରଣ ଦେଖିଛି। ଦେଶରେ ୨୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଦିଆଯାଇଥିବା ପାଣ୍ଠିର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ ହୋଇଛି। ଷ୍ଟାଣ୍ଡିଂ କମିଟି କହିଛି ଯେ, ଉପଲବ୍ଧ ବ୍ୟବସ୍ଥା ସତ୍ତ୍ୱେ ମିଶନ ଅଧୀନରେ ଖରାପ କାମ ବିଷୟରେ ଅଭିଯୋଗଗୁଡ଼ିକ କମିଟି ପାଖକୁ ଆସିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ। ଏହି ପ୍ରସଙ୍ଗରେ ଆଗ୍ରହୀ ଥିବା ସଂସ୍ଥାଗୁଡ଼ିକର ରିପୋର୍ଟ ସବୁ ସ୍ମାର୍ଟ ସିଟି ମିଶନର କିଛି ପ୍ରାଥମିକ ତ୍ରୁଟିକୁ ସୂଚାଇଥିଲେ। ମିଶନ ଉଚ୍ଚମାନର ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲା। କିନ୍ତୁ ପାଣି, ସ୍କୁଲ, ସରକାରୀ ହସ୍ପିଟାଲ, ଗୃହ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ନ ଥିଲା। ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶକୁ ଏହା ଜୋର ଦେଇଥିଲା, ବିଶେଷକରି ପୂର୍ବରୁ ବିକଶିତ ହୋଇଥିବା ସହରର ଛୋଟ ଛୋଟ ଅଂଶରେ ହିଁ ଅଧିକ ଅର୍ଥ ବ୍ୟୟ କରିବା ଉପରେ ଧ୍ୟାନ ଦେଇଥିଲା। ଉଦାହରଣ ସ୍ୱରୂପ, ବେଙ୍ଗାଲୁରୁରେ ସ୍ମାର୍ଟ ସିଟି ମିଶନରେ ଦିଆଯାଇଥିବା ଅର୍ଥ ଚର୍ଚ୍ଚ ଷ୍ଟ୍ରିଟ୍ କ୍ଷେତ୍ରରେ କରାଯାଇଥିଲା, ଯାହା ସହରର ଅଧିକାଂଶ ସ୍ଥାନ ଅପେକ୍ଷା ଅଧିକ ବିକଶିତ। ଏହି ଅଞ୍ଚଳର ଇନ୍‌ଫାଣ୍ଟ୍ରି ରୋଡ୍, କାମରାଜ ରୋଡ୍, ଟାଟା ଲେନ୍, ଉଡ୍ ଷ୍ଟ୍ରିଟ୍, କ୍ୟାସଲ ଷ୍ଟ୍ରିଟ୍, ଡିକେନ୍‌ସନ ରୋଡ୍, କେନସିଂଟନ ରୋଡ୍, ସେଣ୍ଟ ଜନ୍ସ ରୋଡ୍, ରେସିଡେନ୍ସି ରୋଡ୍, କସ୍ତୁରବା ରୋଡ୍, ବୋରିଂ ହସ୍ପିଟାଲ ରୋଡ୍, ମିଲର୍ସ ରୋଡ୍, ଲାଭେଲ ରୋଡ୍, ମ୍ୟାକ୍‌ଗ୍ରାଥ୍ ରୋଡ୍, କନ୍‌ଭେଣ୍ଟ ରୋଡ୍, କୁଇନ୍ସ ରୋଡ୍, ହେସ୍ ରୋଡ୍, ରାଜା ରାମମୋହନ ରାୟ ରୋଡ୍ ଏବଂ ରେସ୍‌କୋର୍ସ ରୋଡର ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଦିଲ୍ଲୀରେ, ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଅଧୀନରେ ଥିବା ଅଞ୍ଚଳ ପୂର୍ବରୁ ଜାତୀୟ ରାଜଧାନୀ ଅଞ୍ଚଳର ସବୁଠାରୁ ବିକଶିତ ଭାଗ ଥିଲା। ହେଲେ ଏହି ମିଶନର ଲକ୍ଷ୍ୟ ଦିଲ୍ଲୀର କୌଣସି ମଧ୍ୟବିତ୍ତ ଶ୍ରେଣୀ ପାଇଁ ନ ଥିଲା, ବରଂ ଜନସଂଖ୍ୟାର ଅତି କ୍ଷୁଦ୍ର ଅଂଶ ଥିବା ଏକ ନିର୍ଦ୍ଦିଷ୍ଟ ବର୍ଗ(ଉଚ୍ଚବର୍ଗ)ଙ୍କ ପାଇଁ ଏହି ମିଶନ ଉଦ୍ଦିଷ୍ଟ ଥିଲା। ଏହି ଅଭିଜାତ୍ୟବାଦ ମଧ୍ୟ ପୁଣେ, ଦିଲ୍ଲୀ, ଭୋପାଳ ଏବଂ କୋଏମ୍ବାଟୁର ସମେତ ଅନେକ ସହର ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସାର୍ବଜନୀନ ସାଇକେଲ ଶେୟାରିଂ ପ୍ରକଳ୍ପରେ ଲକ୍ଷ୍ୟ କରାଯାଇଥିଲା। କମ୍ପାନୀର ୱେବ୍‌ସାଇଟରେ ସାଇକେଲ ଭଡ଼ା ପାଇଁ ନିର୍ଦ୍ଦେଶାବଳୀ କେବଳ ଇଂରାଜୀରେ ଥିଲା ଏବଂ ଏହା କେବଳ ଅନ୍‌ଲାଇନ ପେମେଣ୍ଟ ଗ୍ରହଣ କରୁଥିଲା। ସ୍ମାର୍ଟ ସିଟି ଭାରତର ସହରାଞ୍ଚଳ ଗରିବଙ୍କୁ ଆହୁରି ସମସ୍ୟାରେ ପକାଉଥିଲା। ୨୦୧୯ରେ ଆବଣ୍ଟିତ ପାଣ୍ଠି ୨୦୧୮ ପରି ସମାନ ଥିଲା ଏବଂ ୨୦୨୧ ବଜେଟରେ 'ସ୍ମାର୍ଟ ସିଟି' ଶବ୍ଦାଂଶ ବ୍ୟବହାର କରାଯାଇ ନ ଥିଲା। ଶିମ୍‌ଲାର ପୂର୍ବତନ ଡେପୁଟି ମେୟର ଟିକେନ୍ଦର ସିଂହ ପନ୍‌ୱାର କହିଥିଲେ, ଏହି ସ୍ମାର୍ଟ ସିଟିଗୁଡ଼ିକ ଦେଶର ଅନ୍ୟ ସହର ପାଇଁ ଆଲୋକବର୍ତ୍ତିକା ହେବା କଥା। ହେଲେ ବଜେଟ ଏହା ଉପରେ ସମ୍ପୂର୍ଣ୍ଣ ନୀରବ, କାରଣ ଏହାର ବିଫଳତା ମୋଦି ସରକାରଙ୍କ ପାଇଁ ସବୁଠାରୁ ବଡ଼ ଲଜ୍ଜା ମଧ୍ୟରୁ ଗୋଟିଏ। ଏହା ପ୍ରକୃତରେ କେଉଁ ପରିବର୍ତ୍ତନ ଆଣିଛି କିମ୍ବା ପ୍ରକୃତରେ କାର୍ଯ୍ୟକ୍ରମଟି ସମାପ୍ତ ହୋଇଯାଇଛି କି ନାହିଁ ସେ ବିଷୟରେ ଆଉ କେବେ ମଧ୍ୟ ଆଲୋଚନା କରାଯିବ ନାହିଁ।

Email:aakar.patel@gmail.com

# ଅହିଂସ ଆନ୍ଦୋଳନ ବେଶି ପ୍ରାସଙ୍ଗିକ



ସହଦେବ ସାହୁ

ସ୍ୱୈରତନ୍ତ୍ରୀ ଅତ୍ୟାଚାରୀ ସରକାରକୁ ତଡ଼ିପାରିବାର ସାର୍ଥକ ଉପାୟ ହେଉଛି ଅହିଂସ ସଂଘର୍ଷ – ଯେଉଁ ସମ୍ରାଜ୍ଞୀଙ୍କ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହେଉ ନ ଥିଲା ତାଙ୍କ ଶାସନକୁ ହଟାଇ ଦେଇପାରିଲେ ନିରସ୍ତ୍ର ଭାରତୀୟମାନେ – ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ। ହିଂସାତ୍ମକ ଆନ୍ଦୋଳନ ଶାସକର ଦମନକାରୀ ହିଂସାକାଣ୍ଡକୁ ନିମନ୍ତ୍ରଣ କରେ, ଭୀଷଣ ଧ୍ୱଂସଲୀଳା ଓ ରକ୍ତପାତ ଆଣେ। ସଶସ୍ତ୍ର ବିଦ୍ରୋହ ବହୁଦିନ ଧରି ଚାଲିଲେ ଆନ୍ଦୋଳନକାରୀମାନେ ବାହାରୁ ଅସ୍ତ୍ରଶସ୍ତ୍ର ଆଣିବାକୁ ବାଧ୍ୟ ହୁଅନ୍ତି। ଅହିଂସ ଆନ୍ଦୋଳନ ସାଧାରଣ ଲୋକଙ୍କ ସାମର୍ଥ୍ୟ ଉପରେ ନିର୍ଭର କରେ। ସେ ସାମର୍ଥ୍ୟ ହେଉଛି ସରକାର ଗଢ଼ିଥିବା ଆଇନକୁ ନ ମାନିବା, କୌଣସି ଗୋଟିଏ କାରଣ ଖୋଜିବା ଯାହା ସମସ୍ତଙ୍କୁ ବାଧୁଥିବ – ଯେପରି ଲୁଣ ମାରିବା ଅଧିକାର ବା ସୋସିଆଲ ମିଡିଆ ବ୍ୟବହାରର ଅଧିକାର। ଅହିଂସ ଆନ୍ଦୋଳନ ସଫଳ ହୁଏ ଉଚ୍ଚ ମାନର ନୈତିକତା ଯୋଗୁ ନୁହେଁ, ଶାସନଗାଦିରେ ବସିଥିବା ବ୍ୟକ୍ତିଙ୍କ ପ୍ରତି ଘୃଣା ଆସିବା ଯୋଗୁ। ସମୟ ଯେତେ ଗଡ଼େ ଆନ୍ଦୋଳନକାରୀଙ୍କ ସଂଖ୍ୟା ସେତେ ବଢ଼େ। ଜନତାର ଲହରି ଶାସନ-ଗାଦିରେ ବସିଥିବା ଗୋଷ୍ଠୀକୁ ଭସାଇ ଦିଏ, ସେମାନେ ଗାଦି ଛାଡ଼ିବାକୁ ବାଧ୍ୟ ହୁଅନ୍ତି କିମ୍ବା ଆଇନ ବଦଳାଇ ଆନ୍ଦୋଳନକାରୀଙ୍କ ମତ ଅନୁଯାୟୀ ଶାସନ ଚଳାନ୍ତି, ଅର୍ଥାତ୍ ଗଣତନ୍ତ୍ର ସଂସ୍ଥାପନ ହୁଏ। ଆଗ କାଳରେ ଗୁଜବ ଆକାରରେ ଖବର ବ୍ୟାପୁଥିଲା, ତେଣୁ ଲୋକେ ତାକୁ ବିଶ୍ୱାସ କରି ଏକାଠି ହେବାକୁ ସମୟ ଲାଗୁଥିଲା ଓ ପ୍ରଶାସନ ତାକୁ ରୋକିବାର ପଦକ୍ଷେପ ନେବାକୁ ବହୁତ ସମୟ ପାଉଥିଲା। ଆଜିକାଲି ଇଣ୍ଟରନେଟ୍ ଯୁଗରେ ସୋସିଆଲ୍ ମିଡିଆ ଭଳି ମଞ୍ଚ କେଇ ଘଣ୍ଟା ଭିତରେ ଲକ୍ଷ ଲକ୍ଷ ଲୋକଙ୍କୁ ରୁଣ୍ଡ କରିପାରୁଛି, କେବଳ ସଂଖ୍ୟା ବିପ୍ଳବକୁ ସଫଳ କରୁଛି। ଏବେ ନୂଆ ପିଢ଼ିର ଶିକ୍ଷିତ ଯୁବଗୋଷ୍ଠୀ (ଯାହାଙ୍କୁ ଜେନ୍ ଜେଡ୍ କୁହାଯାଉଛି) ଆନ୍ଦୋଳନର ଆଗୁଆ ଧାଡ଼ିକୁ ଆସୁଛନ୍ତି, ମାତ୍ର କେଇ ଦିନରେ ଆନ୍ଦୋଳନ ସଫଳ ହେଉଛି ଯେପରି ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମ୍ପ୍ରତି ଘଟିଛି। ଶହେ ବର୍ଷରୁ ବେଶି କାଳ ପାଲେଷ୍ଟିନୀୟଙ୍କ ସଶସ୍ତ୍ର ଆନ୍ଦୋଳନରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ବା ବାସହରା ହୋଇଛନ୍ତି, ସେମାନେ ଅହିଂସା ଓ ଅସହଯୋଗର ମାର୍ଗ ଧରିଥିଲେ ପରିଣାମ କ'ଣ ଏତେ ଖରାପ ହୋଇଥାନ୍ତା? ସୁଦାନ, ମ୍ୟାନମାର୍, ୟେମେନ୍, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ଭଳି କେତେକ ଗୃହଯୁଦ୍ଧରେ ସେହି ପ୍ରଶ୍ନ ଉଠାଇପାରିବା। ଅହିଂସ ପ୍ରତିବାଦ ବା ଅଭିଯାନ ବହୁତ କମ୍ ଜୀବନହାନିରେ ବହୁତ ବେଶି ସଫଳ ହୋଇଥାନ୍ତା କହିଲେ ସରକାର ବିରୋଧରେ ସଂଗ୍ରାମରେ ଲାଗିଥିବା ଲୋକେ ସମ୍ଭବତଃ ଆମର ଏ ପରାମର୍ଶକୁ ପିଲାଳିଆ ଭାବିବେ। ସେମାନେ କହିବେ ପ୍ରତ୍ୟେକ ସଂଘର୍ଷର ଇତିହାସ ଭିନ୍ନ, ହିଂସାକାଣ୍ଡ ଘଟିବା କାହାର ମର୍ଜି ଉପରେ ନିର୍ଭର କରେନାହିଁ, ଏ ଗୋଟିଏ ବାଧ୍ୟବାଧକତା। ତେଣୁ ଅହିଂସ ପ୍ରତିବାଦ ସଫଳ ହେବ ବୋଲି ଅନେକେ ଭାବି ପାରୁନାହାନ୍ତି। କିନ୍ତୁ ୧୯୦୦ ପରଠୁ ଆମେ ଦେଖି ଆସିଛୁ ଯେ ହିଂସାକାଣ୍ଡ ତୁଳନାରେ ଅହିଂସ ଆନ୍ଦୋଳନ ବେଶି ସଫଳ ହୋଇଛି। ଆମ ଦେଶରୁ ବ୍ରିଟିଶ୍ ଶାସନ ହଟିଯିବା ତ ଏକ ପ୍ରକୃଷ୍ଟ ଉଦାହରଣ। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷୀ ଶାସକଙ୍କ ଆଗରେ ନେଲ୍‌ସନ୍ ମଣ୍ଡେଲାଙ୍କ ଲଢ଼େଇ ସଫଳ ହେବା ମୂଳରେ ଅହିଂସ ଆନ୍ଦୋଳନ। ୧୯୦୦ରୁ ୨୦୨୧ ଭିତରେ ସାରା ପୃଥିବୀରେ ଘଟିଥିବା ସରକାର-ବିରୋଧୀ ଆନ୍ଦୋଳନର ବିଶ୍ଳେଷଣ କରି ଦୁଇଜଣ ରାଜନୀତି ବିଜ୍ଞାନର ଅଧ୍ୟାପକ ଏରିକା ଚେନ ୱେଥ୍ ଓ ମାରିଆ ଷ୍ଟିଫେନ୍ ଦର୍ଶାଇଛନ୍ତି ଯେ ଅହିଂସ ଆନ୍ଦୋଳନଗୁଡ଼ିକର ସଫଳତା ହାର ୫୩% ହୋଇଥିବା ବେଳେ ହିଂସାକାଣ୍ଡ ସହ ଆନ୍ଦୋଳନ ମାତ୍ର ୨୬% ସଫଳ ହୋଇଛି। ସଶସ୍ତ୍ର ଯୁଦ୍ଧ ତୁଳନାରେ ଅହିଂସ ଆନ୍ଦୋଳନର ସଫଳତା ହାର ଦୁଇଗୁଣ ବୋଲି ପରିସଂଖ୍ୟାନ ସଂସ୍ଥା -Nonviolent and Violent Campaigns and Outcomes, Navco, – ୧୯୦୦ରୁ ୨୦୦୬ ଯାଏ ସଂଗ୍ରହ କରିଥିବା ତଥ୍ୟାବଳୀରୁ ଏହା ହିସାବ କରିଛି। ସେତିକିରେ କଥା ସରିନାହିଁ, ନାଭକୋ ତଥ୍ୟ କହେ ଯେ ଅହିଂସ ଉପାୟରେ ସ୍ୱୈରତନ୍ତ୍ରୀ ଶାସନ ବଦଳିଗଲା ପରେ ଯେଉଁ ଶାସନ ଆସେ ତାହା ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ହେବାର ସମ୍ଭାବନା ବେଶି। ସଶସ୍ତ୍ର ବିଦ୍ରୋହ ଯୋଗୁ ଯେଉଁ ନୂଆ ଶାସନ ଆସେ ତାହା ସ୍ୱୈରତନ୍ତ୍ରୀ (ଡିକ୍ଟେଟରଶିପ୍) ହେବାର ସମ୍ଭାବନା ବେଶି ଏବଂ ନାଗରିକମାନେ ଅଧିକତର ଦମନର ଶିକାର ହେବାର ଆଶଙ୍କା ଥାଏ।

ନିନ୍ଦୁକମାନେ କହିବେ ଏପରି ପରିସଂଖ୍ୟାନଗତ (ଡାଟା) ବିଶ୍ଳେଷଣ କିଛି ପ୍ରମାଣ କରେ ନାହିଁ। ଯେଉଁ ମାର୍ଗ ବେଶି ଫଳପ୍ରଦ ହେବ ବୋଲି ଲୋକେ ଭାବନ୍ତି ସେହି ମାର୍ଗକୁ ସେମାନେ ଅନୁସରଣ କରନ୍ତି, ଅହିଂସ ହେଉ କି ହିଂସ୍ର। କେତେକ କହନ୍ତି, ପ୍ରତିପକ୍ଷ ସୈନ୍ୟବାହିନୀ ଓ ପୋଲିସ ଲଗାଇ ହିଂସାକାଣ୍ଡ



କଲେ ଜନସାଧାରଣଙ୍କ ଅହିଂସା କାମ କରିବ ନାହିଁ। ଆଉ କେତେକ ସମାଲୋଚକ କହନ୍ତି- ଅହିଂସା କେବଳ ଗଣତାନ୍ତ୍ରିକ ଶାସନ କରୁଥିବା ସରକାରରେ ସଫଳ ହୁଏ, ଅତ୍ୟାଚାରୀମାନେ ତ ବଳ ପ୍ରୟୋଗ କରି ଅହିଂସ ଆନ୍ଦୋଳନକୁ ଭଣ୍ଡୁର କରନ୍ତି। ନାଭକୋ ତଥ୍ୟ ଅହିଂସ ଆନ୍ଦୋଳନର ବହୁତ ସଫଳ ଉଦାହରଣ ଦେଇଛି। ୧୯୮୬ରେ ଫିଲିପାଇନ୍ସରେ ପିପୁଲ୍‌ସ ପାୱାର ରିଭୋଲ୍ୟୁଶନ୍ ଏକଚ୍ଛତ୍ରବାଦୀ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍‌ଙ୍କୁ ଗାଦି ଛାଡ଼ିବାକୁ ବାଧ୍ୟ କରିଥିଲା, ସେ ଦେଶ ଛାଡ଼ି ପଳାୟନ କଲେ। ଚିଲିରେ ୧୯୮୮ରେ ଅଗଷ୍ଟୋ ପିନୋଚେଟ୍‌ଙ୍କ ସାମରିକ ଏକଚ୍ଛତ୍ରବାଦ ଶାସନକୁ ନାସ୍ତି ସୂଚକ ରେଫେରେଣ୍ଡମ୍ ଦେଇ ସେ ଦେଶର ନାଗରିକମାନେ ଅଗଷ୍ଟୋଙ୍କୁ ହଟାଇ ଦେଲେ। ୧୯୮୯ରେ ଚେକୋସ୍ଲୋଭାକିଆରେ ଭେଲ୍‌ଭେଟ୍ ବିପ୍ଳବ କମ୍ୟୁନିଷ୍ଟ ସରକାରକୁ ତଡ଼ିଦେଲା, ତହିଁରୁ ଶାନ୍ତିପୂର୍ଣ୍ଣ ଭାବେ ଦୁଇଟି ସ୍ୱାଧୀନ ଦେଶ ଜନ୍ମ ନେଲା – ଚେକ୍ ରିପବ୍ଲିକ୍ ଓ ସ୍ଲୋଭାକିଆ। ଅବଶ୍ୟ ଅନେକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସ୍ଥାୟୀ ଶାନ୍ତି ଆଣିନାହିଁ – ଯଥା ଟ୍ୟୁନିସିଆର ମଲ୍ଲୀ (Jasmine) ବିପ୍ଳବ। ମାତ୍ର ହିଂସ୍ର ବିପ୍ଳବ ଯେ ବେଶି ସଫଳ ହୋଇଛି ତାହାର ବିଶେଷ ପ୍ରମାଣ ନାହିଁ। ନାଭକୋ ଡାଟା ଦେଖାଉଛି ଯେ ବିଭିନ୍ନ ସାମାଜିକ, ଅର୍ଥନୈତିକ ଓ ରାଜନୀତିକ ଢାଞ୍ଚାରେ ଅର୍ଥାତ୍ ସବୁ ପରିସ୍ଥିତିରେ ଅହିଂସ ଅଭିଯାନ ସଫଳ ହୋଇପାରିବ। ଚେନୋୱେଥ୍ ଓ ଷ୍ଟେଫାନ୍ ନାମକ ଦୁଇ ଲେଖକ ସେମାନଙ୍କ ୨୦୧୧ରେ ବହି କାହିଁକି 'ଆଇନ ଅମାନ୍ୟ ଆନ୍ଦୋଳନ କାମ କରେ' ରେ ଏହା ଲେଖିଛନ୍ତି, ବହିର ନାମ ସହ ଯୋଡ଼ିଛନ୍ତି ଅହିଂସ ବିଦ୍ରୋହର ରଣକୌଶଳଗତ ଯୁକ୍ତି। ସେ ଦୁହେଁ ମାନିଛନ୍ତି – ମିଡିଆ ହିଂସାକାଣ୍ଡ ଭିଆଉଥିବା ଆନ୍ଦୋଳନକୁ ବେଶି ପ୍ରକାଶ କରିଥାଏ – ତଥାପି ଅହିଂସ ଆନ୍ଦୋଳନ ବଢ଼ିବାରେ ଲାଗିଛି, ତୁଣ୍ଡ ବାଇଦ ସହସ୍ର କୋଶ ବ୍ୟାପେ, ମିଡିଆ ଚୁପ୍ ରହିଥିଲେ ବି! ୧୯୮୪ ଅକ୍ଟୋବର ୩୧ରେ ରାଜୀବ ଗାନ୍ଧୀ କଲିକତାରୁ ଦିଲ୍ଲୀକୁ ଅପରାହ୍ନ ୪ଟାରେ ଫେରିବା ଯାଏ ସରକାର ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ଘୋଷଣା କରି ନ ଥିଲେ ବି କଟକ ଆଉ ଭୁବନେଶ୍ୱରରେ ଲୋକେ ସକାଳ ସାଢେ ନଅଟାରେ ଜାଣିସାରିଥିଲେ। ଯେଉଁ ଆଫ୍ରିକୀୟ ଅଞ୍ଚଳରେ ଲୋକ-ମୁଖ-ଖବର ଶୀଘ୍ର ବ୍ୟାପେ, ସେଠାରେ ବି ହିଂସାତ୍ମକ ଘରୋଇ ଯୁଦ୍ଧ ସଂଖ୍ୟା ତୁଳନାରେ ଅହିଂସ ବିପ୍ଳବ ଅଧିକ ସଫଳ ହେବା ଦେଖାଯାଏ, ଅର୍ଥାତ୍ ଦେଶ ବା ମହାଦେଶ ନିର୍ବିଶେଷରେ ଅହିଂସ ବିପ୍ଳବ ସଫଳ ହେବାର ସମ୍ଭାବନା ଅଧିକତର।

ହିଂସାତ୍ମକ ଆନ୍ଦୋଳନ ଅସ୍ତ୍ରଶସ୍ତ୍ର ପାଇଁ ଦେଶବାହାରର ସାହାଯ୍ୟ ଦରକାର କରେ, ଅହିଂସ ଆନ୍ଦୋଳନ ଦେଶ ଭିତରର ଜନତା ଭିତରୁ ଶକ୍ତି ସଂଗ୍ରହ କରେ। ତେଣୁ ତାହା ସଫଳ ହୁଏ ଧୀର ପାଣି ପଥର କାଟେ ନ୍ୟାୟରେ। ସଶସ୍ତ୍ରର ଅସ୍ତ୍ର ଭାଙ୍ଗି ପାରେ, ନିରସ୍ତ୍ରର ମନ ଭାଙ୍ଗିବା ସହଜ ନୁହେଁ। ଯେଉଁ ବହୁରାଷ୍ଟ୍ରୀୟ ସଂଗଠନମାନେ ତଥା ଧନୀ ରାଷ୍ଟ୍ରମାନେ ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ଜନପ୍ରତିବାଦକୁ ସାହାଯ୍ୟ କରନ୍ତି ସେମାନଙ୍କ ନୀତିକୁ ଏ ବିଶ୍ଳେଷଣ ବାଟ ଦେଖାଇବ: ହିଂସାତ୍ମକ ବିଦ୍ରୋହରେ ଲାଗିଥିବା ସଂଗଠନଗୁଡ଼ିକୁ ସାହାଯ୍ୟ ଦେବା ବନ୍ଦ କରନ୍ତୁ, ଯୁବପିଢ଼ିର ଅହିଂସ ବିଦ୍ରୋହକୁ ଉତ୍ସାହିତ କରନ୍ତୁ।

sahadevas@yahoo.com

# 'ମୁଁ' ରାକ୍ଷସ



ଡ. ଦେବୀଲାଲ ମିଶ୍ର

ଏବେ ଚାରିଆଡ଼େ 'ମୁଁ' ରାକ୍ଷସର ପ୍ରାଦୁର୍ଭାବ। ଯାହା ସହ କଥା ହେବା, ତା' ଭିତରେ 'ମୁଁ'। ମୁଁ ଏଇଟା କରିଛି, ମୁଁ ସେଇଟା କରିଛି। ମୋ' ବିନା କିଛି ସମ୍ଭବ ନୁହେଁ। ମୋ'ଠୁଁ ବଡ଼ ଦାନୀ, ଜ୍ଞାନୀ, କର୍ମୀ କେହି ନାହାନ୍ତି। ହୁଏତ ପ୍ରତିଦିନ ଆମେ ଏମିତି ଅନେକ କଥା କହୁ ବା ଶୁଣୁ। ତେବେ ଏହି 'ମୁଁ' ପଛରେ କ'ଣ ରହିଛି? ଏ ପ୍ରଶ୍ନ ବୋଧହୁଏ ଆମେ କେବେ ନିଜକୁ ପଚାରି ନାହେଁ। ଆମ ପାଖରେ ହୁଏତ ଆତ୍ମସମୀକ୍ଷା କରିବାର ସମୟ ନାହିଁ ବା ଆମେ ଆତ୍ମସମୀକ୍ଷା କରିବାକୁ ଗୁରୁତ୍ୱ ଦେଉନାହୁଁ।

ସ୍ୱାମୀ ବିବେକାନନ୍ଦ କହିଥିଲେ- ଏ ଜୀବନ ହେଉଛି କ୍ଷଣସ୍ଥାୟୀ। ଏ ପୃଥିବୀରେ ଥିବା ସମସ୍ତ ଗର୍ବ, ଅହଂକାର ଓ ଆତ୍ମବଡ଼ିମା ଅଧିକ ଦିନ ରହେନାହିଁ। ଏଇଠି କେବଳ ସେଇମାନେ ହିଁ ବଞ୍ଚନ୍ତି, ଯେଉଁମାନେ ଅନ୍ୟ ପାଇଁ ବଞ୍ଚନ୍ତି। ଏହାର ମାର୍ମିକ ଅର୍ଥ ହେଉଛି: ମଣିଷ ତା'ର ଅହଂକାରକୁ ନେଇ ବେଶିଦିନ ବଞ୍ଚି ପାରେନାହିଁ। ଅହଙ୍କାରର ପତନ ହୁଏ। ତେଣୁ ମଣିଷ ପ୍ରଥମରୁ ନମ୍ର ଏବଂ କୃତଜ୍ଞତାପୂର୍ଣ୍ଣ ଆଚରଣ କଲେ ତାହାର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ।

ଅହଂକାର ବ୍ୟକ୍ତିକୁ ଶିକ୍ଷାଠାରୁ ଦୂରେଇଦିଏ। ପ୍ରେମ ଏବଂ ତ୍ୟାଗଠାରୁ ଦୂରେଇ ରଖେ। ନା ମଣିଷ କିଛି ଶିଖିପାରେ ନା ତା'ର ଚେତନାର ପୂର୍ଣ୍ଣ ବିକାଶ ସମ୍ଭବ ହୋଇପାରେ। ଅହଂକାର ଅଜ୍ଞତାକୁ ଜନ୍ମଦିଏ, ଅଜ୍ଞତା ମଣିଷକୁ ବିନାଶମୁଖୀ କରାଏ। ମହାନ୍ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଭାଷାରେ, ଅହଂକାର ଏମିତି ଏକ ଭୟଙ୍କର ବନ୍ଧନ, ଯାହା ଆମକୁ ଅଜ୍ଞାନତା ସହ ବାନ୍ଧିରଖେ। ଅହଂକାର ହିଁ ପ୍ରତ୍ୟେକ ମଣିଷର ଦୁଃସ୍ଥିତି ବା ଦୁର୍ଦ୍ଦଶାର ପ୍ରମୁଖ କାରଣ। ସେ କହିଥିଲେ ଯେ ଭଗବତ୍ ଚେତନାରେ ଅହଂକାରର କୌଣସି ସ୍ଥାନ ନାହିଁ। ଯଦି କୌଣସି ବ୍ୟକ୍ତି ନିଜ ଅହଂକାର ତ୍ୟାଗ ପାଇଁ ପ୍ରସ୍ତୁତ ନୁହେଁ, ତେବେ ସେ ସାମାନ୍ୟ ମନୁଷ୍ୟ ସତ୍ତାରୁ ଆଗକୁ ବଢ଼ିପାରିବ ନାହିଁ। ଅର୍ଥାତ୍ ଅହଂକାର ତ୍ୟାଗ ବିନା କୌଣସି ମହାନ୍ ଉପଲବ୍ଧି ସମ୍ଭବ ନୁହେଁ।

ଏହି ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦ ଶିକାଗୋ ଧର୍ମ ସମ୍ମିଳନୀରେ ସେପ୍ଟେମ୍ବର ୧୫ରେ ରଖିଥିବା ବକ୍ତବ୍ୟର କିଛି ଅଂଶ ପ୍ରଣିଧାନଯୋଗ୍ୟ। ଏହିଦିନ ସେ ଶୁଣାଇଥିବା କାହାଣୀଟି ଏପରି ଥିଲା: ଗୋଟିଏ କୂପରେ ବେଙ୍ଗଟିଏ ରହୁଥିଲା। ସେ ଜନ୍ମରୁ କୂପରେ ଥିଲା। ଏକଦା ସମୁଦ୍ରରୁ ଗୋଟିଏ ବେଙ୍ଗ ଆସି ସେ କୂପ ନିକଟରେ ପହଞ୍ଚିଲା। ସମୁଦ୍ରରୁ ଆସିଥିବା ବେଙ୍ଗକୁ ଦେଖି କୂପରେ ରହୁଥିବା ବେଙ୍ଗଟି ପଚାରିଲା: ତୁ କିଏ? କେଉଁଠୁ ଆସିଛୁ? ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି କହିଲା: ମୁଁ ସମୁଦ୍ରରୁ ଆସିଛି। ସେଇଠୁ କୂପରେ ରହୁଥିବା ବେଙ୍ଗ ହଠାତ୍



କୂପର ଗୋଟିଏ ପଟରୁ ଅନ୍ୟପଟକୁ ଡେଇଁ ପଡ଼ିଲା ଏବଂ ପଚାରିଲା ତୋ' ସମୁଦ୍ର କ'ଣ ଏତେ ବଡ଼। ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି ହସିବାକୁ ଲାଗିଲା ଏବଂ ଏକ କୂପକୁ ସମୁଦ୍ର ସହିତ ତୁଳନା କରୁଥିବାରୁ ସେ ବେଙ୍ଗଟିକୁ ଅଜ୍ଞ ବୋଲି କହିଲା। ଏକଥା ଶୁଣି କୂପବେଙ୍ଗଟି ଭୀଷଣ କ୍ରୋଧିତ ହୋଇ କହିଲା, ଏ ବେଙ୍ଗ ମିଛ କହୁଛି। ମୁଁ ଯାହା କହୁଛି ତାହା ସତ୍ୟ। ମୋ'କୂପଠାରୁ ସଂସାରରେ କିଛି ବି ବଡ଼ ନୁହେଁ। ଏ ବେଙ୍ଗ ମିଛ କହୁଛି। ଏହାକୁ ତୁରନ୍ତ ଏଠାରୁ ବାହାର କରିଦିଆଯାଉ। କାହାଣୀଟି ଶୁଣାଇ ସାରି ସ୍ୱାମୀଜୀ କହିଥିଲେ, ଆମ ସମସ୍ତଙ୍କର ପ୍ରମୁଖ ସମସ୍ୟା ହେଉଛି ଯେ ଆମେ ନିଜ ନିଜ ଛୋଟିଆ କୂପରେ ବସିଛେ ଏବଂ ଭାବୁଛେ ଯେ ଆମର ଏହି ଛୋଟ କୂପ ହେଉଛି ସମଗ୍ର ପୃଥିବୀ। ଯେଉଁ ପର୍ଯ୍ୟନ୍ତ ଆମ ପ୍ରକୃତି ବା ଚରିତ୍ରରେ ଲୁଚି ରହିଥିବା ଏହି ସଂକୀର୍ଣ୍ଣତାରୁ ଆମେ ମୁକ୍ତ ହୋଇପାରିବା ନାହିଁ, ସେ ପର୍ଯ୍ୟନ୍ତ ଆତ୍ମଜ୍ଞାନର ସନ୍ଧାନ କରିପାରିବା ନାହିଁ କି ଆମ ବ୍ୟକ୍ତିତ୍ୱର ପ୍ରକୃତ ବିକାଶ ହୋଇପାରିବ ନାହିଁ। ଅହଂକାର ଦ୍ୱାରା ସୃଷ୍ଟ ଅଜ୍ଞତା ଏହି ସଂକୀର୍ଣ୍ଣତାର ମୁଖ୍ୟ କାରଣ।

ଅହଂକାର ଯୋଗୁ ଆମର ସାମର୍ଥ୍ୟ, ଉର୍ଜା ଓ ବ୍ୟକ୍ତିତ୍ୱ ନକାରାତ୍ମକ ଭାବେ ପ୍ରଭାବିତ ହୋଇଥାଏ। ଆମେ ଅନ୍ୟଠାରୁ କିଛି ଭଲ ଜିନିଷ ଶିଖିବା ପରିବର୍ତ୍ତେ ତା' ସହ ପ୍ରତିଦ୍ୱନ୍ଦ୍ୱିତା କରୁ; ଯଦ୍ଦ୍ୱାରା ଆମର ଶକ୍ତି, ସମୟ ଓ ସାମର୍ଥ୍ୟର ଅଯଥା ଅପଚୟ ହୁଏ ଏବଂ ଆମ ଭିତରେ ନକାରାତ୍ମକ ବିଚାର ଓ ବାତାବରଣ ସୃଷ୍ଟି ହୋଇଥାଏ। ପରିସ୍ଥିତି ଏମିତି ବିକଟ ହୋଇଯାଏ ଯେ, ନିଜର ଆତ୍ମସମୀକ୍ଷା ନ କରି ଆମେ ଅନ୍ୟର ବ୍ୟବହାର ଓ ଚରିତ୍ର ଉପରେ ମତାମତ ଦେଇ ଖୁସି ହେଉ। ଅନ୍ୟମାନଙ୍କୁ ଅକାରଣରେ ଉପଦେଶ ଦେଇଥାଉ। ନିଜ ବ୍ୟକ୍ତିତ୍ୱର ବିକାଶ ଓ ଚାରିତ୍ରିକ ଶୁଦ୍ଧତା ପ୍ରତି ସଚେତନ ନ ହୋଇ ଆମେ ଅନ୍ୟର ଆଲୋଚନା କରୁ। ଜ୍ଞାନ ବାଣ୍ଟିବା ନାଁରେ ଆମେ ଅନ୍ୟ ସହ ନିଜ ଅଜ୍ଞତା ବାଣ୍ଟିଥାଉ, ଯାହାର ପ୍ରଭାବ ଅତ୍ୟନ୍ତ ନକାରାତ୍ମକ ହୋଇଥାଏ। ଆମ ଭିତରେ ଅନ୍ୟ ପ୍ରତି ଈର୍ଷା ଓ ଦ୍ୱେଷ ସୃଷ୍ଟି ହୁଏ। ଅସହିଷ୍ଣୁତା ବଢ଼େ ଏବଂ ଅନ୍ୟର ଖୁସିକୁ ଆମେ ସହଜରେ ଗ୍ରହଣ କରିପାରୁ ନାହୁଁ।

ଏ ଜୀବନ ଅତି ମୂଲ୍ୟବାନ୍। ଯେତେ ସମ୍ଭବ ଜୀବନକୁ ଆମେ ସକାରାତ୍ମକ ଭାବନା, ବିଚାର ଓ ବ୍ୟବହାରରେ ଭରିଦେବା ଦରକାର। କିଏ ଜାଣେ, କାଲି ଏ ଜୀବନର ଗତି କୁଆଡେ! ତେଣୁ ପ୍ରତ୍ୟେକ ମୁହୂର୍ତ୍ତକୁ ଆମେ ସକାରାତ୍ମକ ଉର୍ଜା, ଉଦ୍ଦେଶ୍ୟ ଓ କୃତଜ୍ଞତା ସହ ବଞ୍ଚିବା ଉଚିତ। ଏ ଜୀବନ, ଏ ଶରୀର କେବଳ ଆମର ନୁହେଁ। ଏଥିରେ ଅନ୍ୟମାନଙ୍କର ତ୍ୟାଗ ଓ ଅବଦାନ ମଧ୍ୟ ଲୁଚି ରହିଛି। ତେଣୁ ଆମେ କୃତଜ୍ଞ ରହିବା ଜରୁରୀ।

ସ୍ୱାମୀ ବିବେକାନନ୍ଦ କହିଥିଲେ, ଯେ ନିଜ ଉପରେ ବିଜୟ ପାଇପାରେ, ତା' ପାଇଁ କିଛି ଅସମ୍ଭବ ନୁହେଁ। ନିଜ ଉପରେ ବିଜୟ ପାଇବାର ଅର୍ଥ ହେଉଛି ନିଜ ଅହଂକାର ଓ ନକାରାତ୍ମକ ଭାବନା ଉପରେ ବିଜୟ ପାଇବା ଏବଂ ନିଜକୁ ସକଳ ଚାରିତ୍ରିକ ସଂକୀର୍ଣ୍ଣତାରୁ ମୁକ୍ତ କରିବା। ତେଣୁ ନିଜ ଭିତରେ ଥିବା 'ମୁଁ' ରାକ୍ଷସ କବଳରୁ ସମସ୍ତେ ନିଜକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଆବଶ୍ୟକ। ଆତ୍ମସମୀକ୍ଷା, ଆତ୍ମସଚେତନତା ଓ ଆତ୍ମଶୁଦ୍ଧି ସମସ୍ତଙ୍କର ଧ୍ୟେୟ ହେବା ଜରୁରୀ।

ଅଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୯୫୮୦୧୪

## ଏଇ ଭାରତରେ

ଭାରତର ବିଭିନ୍ନ ସ୍ଥାନରେ ଜଳାଶୟର ସୁରକ୍ଷା କରା ନ ଯିବା ଏବଂ ଜଳଉତ୍ସଗୁଡ଼ିକୁ ପ୍ରଦୂଷିତ କରିବା ଯୋଗୁ ପାନୀୟ ଜଳାଭାବ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସମସ୍ୟା ଦେଖାଯାଇଥିଲା ତାମିଲନାଡୁର କୋଏମ୍ବାଟୁରରେ। ସେଠାକାର କୂଅ ସବୁ ଶୁଖିଯିବା ସହ ହ୍ରଦ ଓ ଅନ୍ୟସବୁ ଜଳଉତ୍ସଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଇବା ଏବଂ ପ୍ରଦୂଷଣ ବୃଦ୍ଧି ହେତୁ ଜଳ ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିଲା। ଏହାକୁ ଲକ୍ଷ୍ୟ କରି ମଣିକନ୍ଦନ ଆର୍ ସେଠାକାର ହ୍ରଦ ଓ କେନାଲର ପୁନରୁଦ୍ଧାର ପାଇଁ ଆଗକୁ ଆସିଥିଲେ। ଅଧାରୁ ସ୍କୁଲ ଶିକ୍ଷା ଛାଡ଼ି ଦେଇଥିବା ମଣିକନ୍ଦନ କୋଭାଇ କୁଲାଙ୍ଗାଲ ଆମାଇପୁ ନାମକ ନାଗରିକ ଅଭିଯାନ ଆରମ୍ଭ କରି ଏବେ ସେ କୋଏମ୍ବାଟୁର ସମେତ ସାରା ଭାରତରେ ୧୫ଟି ହ୍ରଦର ପୁନରୁଦ୍ଧାର କରିସାରିଲେଣି। କୋଏମ୍ବାଟୁରରେ ୨୦କି.ମି. କେନାଲରୁ ପ୍ରଦୂଷଣ ହଟାଇ ପାରିଛନ୍ତି। ମୋଟରେ ସେ ୨୦୦ ଟନ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିଛନ୍ତି। ପୁନରୁଦ୍ଧାର ପରେ ହ୍ରଦ, କେନାଲ ଓ ଅନ୍ୟ ଜଳଉତ୍ସଗୁଡ଼ିକର ସୁରକ୍ଷା ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟରେ ସେ ଏବେ ୩୩,୦୦୦ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ିପାରିଛନ୍ତି। କେନାଲ ଓ ହ୍ରଦ କଡ଼ରେ ସେ ୫୦,୦୦୦ ଗଛ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୭୬

- କାନାଡ଼ାର ଶ୍ରମିକ ନେତା ତଥା ବିଶ୍ୱ ଶ୍ରମିକ ଫେଡେରେସନର ସଭାପତି ଶ୍ରୀ ମାର୍ଶଲ ପେପିଙ୍କୁ ବଲିଭିୟାଠାରେ ଗିରଫ କରାଯାଇଛି।
- ଭାରତ ଓ ଇରାନ ମଧ୍ୟରେ ବୈଷୟିକ ସହଯୋଗ ନିମନ୍ତେ ଇରାନ ରେଳବାଇର ସଭାପତି ଓ ଭାରତୀୟ ରେଳବାଇ ବୋର୍ଡର ଚେୟାରମ୍ୟାନ୍‌ଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ତୁମରି ଦେହ ପରଶପ୍ରିୟ
ଲଭିବି ବୋଲି ଅଙ୍ଗେ
ଜଡ଼ାଏଁ ଦେହେ ଆପଣା ବାହୁ
ନିଶୀଥେ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖଇଁ ଆଜି ନିଜରେ
ସୁଷମା ମୋର ନ ପାରେ ସହି ସଜରେ ।
–(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧ ଦୋକାନରେ ବାୟୋ-ପ୍ଲାଷ୍ଟିକର ବ୍ୟବହାର

ମହାଶୟ,

ସମ୍ପ୍ରତି କିଛି ଔଷଧ ଦୋକାନୀ ପରିବେଶ ଅନୁକୂଳ କମ୍ପୋଷ୍ଟେବଲ ବ୍ୟାଗ (ଜୈବ-ପ୍ଲାଷ୍ଟିକ) ବ୍ୟବହାର କରୁଛନ୍ତି, ଯାହାକି ସ୍ୱାଗତଯୋଗ୍ୟ। କମ୍ପୋଷ୍ଟେବଲ ବ୍ୟାଗ ହେଉଛି ଏକ ପ୍ରକାରର ବାୟୋ-ଡିଗ୍ରେଡେବଲ ବ୍ୟାଗ, ଯାହା ବିଭିନ୍ନ ଜୈବିକ ପଦାର୍ଥରୁ ତିଆରି ହୋଇଥାଏ ଏବଂ କମ୍ପୋଷ୍ଟିଂ ପରିସ୍ଥିତିରେ ଏହା କୌଣସି ବିଷାକ୍ତ ପଦାର୍ଥ ନିର୍ଗତ ନ କରି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାଦାନରେ ରୂପାନ୍ତରିତ ହୁଏ। ପରିବେଶ ସୁରକ୍ଷା ପାଇଁ କମ୍ପୋଷ୍ଟେବଲ ବ୍ୟାଗର ଗୁରୁତ୍ୱ ରହିଛି। ଏହି ପରିପ୍ରେକ୍ଷୀରେ, କର୍ତ୍ତୃପକ୍ଷ ସମସ୍ତ ସରକାରୀ ଏବଂ ବେସରକାରୀ ଔଷଧ ଦୋକାନକୁ କମ୍ପୋଷ୍ଟେବଲ ବ୍ୟାଗ/କାଗଜ ପ୍ୟାକ ବ୍ୟବହାର କରିବାକୁ ପରାମର୍ଶ ଦେଇପାରନ୍ତି। ସ୍ୱଚ୍ଛ ଏବଂ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଜୈବ-ପ୍ଲାଷ୍ଟିକର ବ୍ୟବହାର ଏକ ସକାରାତ୍ମକ ପଦକ୍ଷେପ ହୋଇପାରିବ।

– ନବନିତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 4 | 5 | 9 | | |
| | | | | | 8 | | | |
| | | | | | 3 | | 4 | 5 |
| | 6 | | | | | | | |
| 9 | | | | | | 2 | | |
| 8 | | | 3 | 2 | 6 | | | 7 |
| 6 | | | | | | | | |
| 3 | 4 | | | 8 | 9 | 1 | | |
| | 1 | | 4 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 1 | 3 | 2 | 4 | 9 | 6 | 5 |
| 2 | 4 | 9 | 1 | 5 | 6 | 7 | 3 | 8 |
| 5 | 6 | 3 | 9 | 8 | 7 | 1 | 2 | 4 |
| 9 | 2 | 8 | 5 | 7 | 3 | 4 | 1 | 6 |
| 1 | 5 | 4 | 8 | 6 | 9 | 2 | 7 | 3 |
| 6 | 3 | 7 | 2 | 4 | 1 | 5 | 8 | 9 |
| 4 | 1 | 6 | 7 | 9 | 8 | 3 | 5 | 2 |
| 3 | 9 | 5 | 6 | 1 | 2 | 8 | 4 | 7 |
| 7 | 8 | 2 | 4 | 3 | 5 | 6 | 9 | 1 |

ଗତକାଲିର ଉତ୍ତର

## ସୂଚନା

ଧରିତ୍ରୀର ମାଲକାନଗିରି ପ୍ରତିନିଧିଭାବେ ସୁଚିତ୍ରା ଦାସ ନଭେମ୍ବର ୧ରୁ କାର୍ଯ୍ୟ ଆରମ୍ଭ କରିଛନ୍ତି । ତାଙ୍କର ମୋବାଇଲ୍ ନଂ-୯୪୩୮୭୦୭୧୦୭ରେ ଖବର ପ୍ରେରଣ, ବିଜ୍ଞାପନ ସଂକ୍ରାନ୍ତୀୟ ଯୋଗାଯୋଗ କରାଯାଇପାରିବ ।

## ସଂକ୍ଷେପରେ

# ୧୧ ମୋବାଇଲ ମାଲିକଙ୍କୁ ଫେରାଇଲା ସାଇବର ସୁରକ୍ଷା ସେଲ୍



ମାଲକାନଗିରି,୧।୧୧
(ଦୁର୍ଯ୍ୟୋଧନ ପାତ୍ର/ସୁଚିତ୍ରା ଦାସ)

ମାଲକାନଗିରି ଜିଲାରେ ସାଇବର ପୋର୍ଟାଲ ଆରମ୍ଭ ହେବା ପରେ ଜିଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ଓ ହଜିଥିବା ୧୧ ମୋବାଇଲ ଫୋନକୁ ସ୍ଥାନୀୟ ସାଇବର ପୋର୍ଟାଲ ମାଧ୍ୟମରେ ଠାବ କରାଯାଇଛି । ମୋବାଇଲଗୁଡ଼ିକ ସମ୍ବନ୍ଧରେ ମାଲିକମାନେ ମାଲକାନଗିରି ଥାନାରେ ରିପୋର୍ଟ ଦେଇଥିଲେ । ରିପୋର୍ଟକୁ ଆଧାର କରି ମାଲକାନଗିରି ପୋଲିସ ସାଇବର ପୋର୍ଟାଲ ମାଧ୍ୟମରେ ଉକ୍ତ ମୋବାଇଲଗୁଡ଼ିକୁ ଜବତ କରିଛି । ମୋବାଇଲଗୁଡ଼ିକୁ ପୋଲିସ ଉଦ୍ଧାର କରି ମାଲିକଙ୍କୁ ପ୍ରଦାନ କରିଛି । ଜିଲା ପୋଲିସ ପକ୍ଷରୁ ମାଲକାନଗିରି ଆଦର୍ଶ ଥାନା ପରିସର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଦ୍ଧାର ମୋବାଇଲଗୁଡ଼ିକୁ ଏହାର ଉପଯୁକ୍ତ ମାଲିକଙ୍କୁ ଡକାଯାଇ ହସ୍ତାନ୍ତର କରାଯାଇଛି । ହଜିଥିବା ମୋବାଇଲ ଫେରି ପାଇଥିବାରୁ ମାଲିକମାନେ ପୋଲିସକୁ ପ୍ରଶଂସା କରିଛନ୍ତି ।

# ଫାର୍ମାସିଷ୍ଟଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

ମାଲକାନଗିରି,୧।୧୧
(ଦୁର୍ଯ୍ୟୋଧନ ପାତ୍ର/ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍‌ଭି ୭ ଗ୍ରାମରେ ଜଣେ ଫାର୍ମାସିଷ୍ଟଙ୍କ ଝୁଲନ୍ତା ମୃତଦେହ ଶନିବାର ଜବତ ହୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତକ ହେଲେ ମାଲକାନଗିରି ବ୍ଲକ୍ ପଦ୍ମଗିରି ପଞ୍ଚାୟତ ଅଧୀନ ଏମ୍‌ଭି ୮୬ ଗ୍ରାମର ସୁକରଞ୍ଜନ ରାୟଙ୍କ ପୁଅ ସୁଜନ ।

ସୂଚନାନୁଯାୟୀ, ସୁଜନ ଫାର୍ମାସିଷ୍ଟ ଥିବା ବେଳେ ଏମ୍‌ଭି ୪୨ ଗ୍ରାମରେ ଘର ଭଡ଼ା ନେଇ ରହୁଥିଲେ । ଶୁକ୍ରବାର ରାତିରେ ଏମ୍‌ଭି ୨୩ ଗ୍ରାମରେ ହେଉଥିବା ଜଗଧାତ୍ରୀ ଯାତ୍ରା ଦେଖିବାକୁ ଯାଇଥିଲେ । ଶନିବାର ସକାଳୁ ଏମ୍‌ଭି ୭ ଗ୍ରାମ ନିକଟ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ । ଏହାପରେ ସେ ସୁଜନ ବୋଲି ଜଣାପଡ଼ିଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସୁଜନଙ୍କୁ ହତ୍ୟା କରାଯାଇଥିବା ଓ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ କରିଥିଲେ । ପୋଲିସ ଓ କୋରାପୁଟ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ସ୍ଥାନାନ୍ତର କରିଥିଲା । ଏହା ପ୍ରେମ ଜନିତ ହତ୍ୟା ହୋଇଥିବା ପୋଲିସ ସନ୍ଦେହ କରୁଥିବା ବେଳେ ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

# ନୀଳାଗୁଡ଼ାରେ ଅବକାରୀ ଚଢ଼ାଉ

ଜୟପୁର,୧।୧୧(ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ସଦର ଥାନା ଅଧୀନ ନୀଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ାଉ କରି ୨୬ ଲିଟର ପୋଚ ଓ ୧୪୦ ଲିଟର ମଦ ଜବତ ସହ ନଷ୍ଟ କରାଯାଇଛି । ମଦ ମାଫିଆମାନେ ଚମ୍ପଟ ମାରିଥିଲେ । ଅବକାରି ବିଭାଗ ବହୁ ମଦ ଭାଙ୍ଗିଥିବା ଓଆଇସି ସୁବ୍ରତ କିଶୋରି ହିରଣ ସୂଚନା ଦେଇଛନ୍ତି ।

# 'ସଜାଗ, ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହେବ'

## ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା



ଦୁର୍ନୀତି ନିବାରଣ ସଚେତନତା ରାଲି କରାଯାଉଛି ।

ମାଲକାନଗିରି,୧।୧୧
(ସୁଚିତ୍ରା ଦାସ/ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବ୍ରତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ମାଲକାନଗିରି ଦୁର୍ନୀତି ନିବାରଣ ଶାଖା ଉପ ଆରକ୍ଷୀ ଅଧିକ୍ଷକ ସଦାନନ୍ଦ ପାଣି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଦୁର୍ନୀତି ନିବାରଣ ଅଧିକାରୀ ରମେଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଦେଶ ସ୍ୱାଧୀନତା ହେବା ଅନେକ ବର୍ଷ ପରେ ମଧ୍ୟ ଦୁର୍ନୀତି ଲୋପ ପାଉନାହିଁ । ଆବଶ୍ୟକତାଠାରୁ ଅଧିକ ଲୋଭ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି । ସଜାଗ ଏବଂ ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଓ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ଅତିଥି କହିଥିଲେ । ଏହି ମାନସିକତା ଜାଗ୍ରତ କରିବା ପାଇଁ ପ୍ରତି ନାଗରିକ ଯତ୍ନବାନ ହେବା ଜରୁରୀ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ କହିଥିଲେ । ଲୋକଙ୍କ ମାନସିକତା ପରିବର୍ତ୍ତନ କରିବା ଆବଶ୍ୟକତା ରହିଛି । ଏଥିପାଇଁ ସମସ୍ତେ ଏକଜୁଟ ହୋଇ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ହେବ ବୋଲି ଆହ୍ୱାନ ଦିଆଯାଇଥିଲା । ଉପ ଆରକ୍ଷୀ ଅଧିକ୍ଷକ ପାଣି ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ । ମହାବିଦ୍ୟାଳୟ ସ୍ତରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶନିବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲା ପରିଷଦ ଯାଏ ଏକ ସଚେତନତା ରାଲି କରାଯାଇଥିଲା । ଏଥିରେ ଜିଲାର ପାରମ୍ପରିକ ଲୋକନୃତ୍ୟକୁ ସାମିଲ କରାଯାଇଥିଲା । ବିଭିନ୍ନ କଲେଜ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲାସ୍ତରୀୟ ଅଧିକାରୀ ଓ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ରାଲିରେ ସାମିଲ ହୋଇଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମାନସ ମିଶ୍ର, ବାଲାଜୀ ପଟ୍ଟନାୟକ, ଜିଲା ଖୀପ୍ର ଲେଖକ ନିର୍ମଳ କୁମାର ବାଘ ଓ ଜିଲାନ୍ୱିତ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଜିଲା ପରିଷଦ, ଜିଲା ଶିକ୍ଷା ବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହଯୋଗ କରିଥିଲେ ।

# ବିଧାୟକଙ୍କ ବିରୋଧରେ ଏକତ୍ର ହେଲେ ୧୮ ପଞ୍ଚାୟତର ଜନପ୍ରତିନିଧି

## ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି,୧।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ବିରୋଧରେ ବ୍ଲକ୍‌ର ସମସ୍ତ ଜନ ପ୍ରତିନିଧି ସ୍ୱର ଉତ୍ତୋଳନ କରିଛନ୍ତି । ଚିତ୍ରକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତା କୁମାରଙ୍କୁ ବିଧାୟକଙ୍କ ବିରୋଧରେ ଏକ ଦାବିପତ୍ର ଶନିବାର ପ୍ରଦାନ କରିଛନ୍ତି । ଚିତ୍ରକୋଣ୍ଡା ବ୍ଲକର ୧୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ମିଳିତ ହୋଇ ଚିତ୍ରକୋଣ୍ଡା ବିଧାୟକ ଖିଲଙ୍କ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରି ଦାବିପତ୍ର ଦେଇଛନ୍ତି । ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର ବିକାଶ ଦିଗରେ ବିଭିନ୍ନ ଉନ୍ନୟନମୂଳକ କାମ ହେଉଛି । ଗ୍ରାମର କେଉଁ କାମ ହେବ ଗ୍ରାମସଭା, ପଲ୍ଲୀସଭାରେ ସ୍ୱୀକୃତି ପାଇ ସରକାରଙ୍କ ଅନୁମୋଦନ ପାଇଁ ଯାଉଛି । ସେଥିରୁ ୪୦ ପ୍ରତିଶତ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ବିଧାୟକ ଇଛା ମୁତାବକ ଦେବା ପ୍ରାବଧାନ ରହିଛି । କିନ୍ତୁ କାମଗୁଡ଼ିକ ଅନୁମୋଦନ ହୋଇ ଆସିବା ପରେ ବିଧାୟକ ସମସ୍ତ କାମର ଠିକାଦାରୀ କଂଗ୍ରେସ କର୍ମୀ କରିବେ ବୋଲି ବ୍ଲକ ପ୍ରଶାସନକୁ ଚାପ ପକାଉଥିବା ଜନ ପ୍ରତିନିଧିମାନେ ଅଭିଯୋଗ ଆଣିଛନ୍ତି । ଫଳରେ ପଞ୍ଚାୟତ ପ୍ରତିନିଧିଙ୍କ ଉନ୍ନୟନ କାମରେ କୌଣସି ଭୂମିକା ରହୁ ନ ଥିବା କୁହାଯାଇଛି । ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଏକତ୍ର ହୋଇ ବିଧାୟକ କେଉଁ ଅଧିକାରରେ ସମସ୍ତ କାମକୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ବାଣ୍ଟିବାକୁ ଦାବି କରୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ । ଆସିଥିବା ସମସ୍ତ କାମରେ ପଞ୍ଚାୟତ ପ୍ରତିନିଧିଙ୍କ ଅଗ୍ରାଧିକାର ରହୁ ବୋଲି ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ୧୮ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ ।


ଜନ ପ୍ରତିନିଧିମାନେ ଚିତ୍ରକୋଣ୍ଡା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଅଣ୍ଡା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି

କୋରୁକୋଣ୍ଡା,୧।୧୧(ଶିବଦତ୍ତ ସାହୁ)



ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ଅଣ୍ଡା ଦର ନିୟନ୍ତ୍ରଣ ବାହାରେ ରହିଛି । ବଜାରରେ ଛୋଟ ସାଇଜ ଗୋଟିଏ ଅଣ୍ଡାର ଦର ୭ ଟଙ୍କା ଏବଂ ବଡ ସାଇଜର ଅଣ୍ଡାର ଦର ୮ଟଙ୍କାରେ ପହଞ୍ଚିଛି । ଏହି ସମସ୍ତ ଅଞ୍ଚଳରେ ଅଣ୍ଡାର ଉତ୍ପାଦନ କମ ଚାହିଦା ଅଧିକ କାରଣରୁ ଟ୍ରେ ପ୍ରତି ଅଣ୍ଡା ଦର ୩୦ ଟଙ୍କା ବୃଦ୍ଧିପାଇଛି । ଗୋଟିଏ ଅଣ୍ଡା ପିଛା ୨ରୁ ୩ ଟଙ୍କା ବଢ଼ିଛି । ଏହା ଗରିବଙ୍କ ପାଇଁ ଅସହ୍ୟ ହୋଇଛି । ବଜାରରେ ପନିପରିବାଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭଳି ଅଣ୍ଡା ଦର ମଧ୍ୟ ବୃଦ୍ଧି ପାଇଛି । ବାଲିମେଳା ସହର ଓ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଦୈନିକ ଆବଶ୍ୟକ ହେଉଥିବା ଅଣ୍ଡାର ଚାହିଦା ପୂରଣ ହୋଇପାରୁନି । ସ୍ଥାନୀୟ ଚାଷୀଙ୍କ ନିକଟରୁ ବାହାରୁଥିବା ଅଣ୍ଡାର ପରିମାଣ ସମୁଦ୍ରକୁ ଶଙ୍ଖେ ଭଳି । ମାଛ,ଚିକେନ ଓ ଅଣ୍ଡା ପାଇଁ ମଧ୍ୟ ଆନ୍ଧ୍ର ପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି । କିଛିଦିନ ହେବ ଅଣ୍ଡା ଦର ନିୟନ୍ତ୍ରଣକୁ ଆସୁନି । ୫ରୁ ୬ ଟଙ୍କାରେ ମିଳୁଥିବା ଅଣ୍ଡା ବର୍ତ୍ତମାନ ବଢ଼ି ୮ଟଙ୍କାରେ ବିକ୍ରି ହେଉଛି । ହୋଲସେଲ ଅଣ୍ଡା ଟ୍ରେ ପିଛା ୧୬୦ ଟଙ୍କାରୁ ବଢ଼ି ୧୯୦ଟଙ୍କାରେ ପହଞ୍ଚିଛି । ବାଲିମେଳା ସହରକୁ ଆସି କିଣି ନେଉଥିବା ଗ୍ରାମାଞ୍ଚଳର କିଛି ଦୋକାନୀ ଗୋଟିଏ ଅଣ୍ଡାକୁ ୯ ଟଙ୍କାରେ ମଧ୍ୟ ବିକ୍ରି କରୁଛନ୍ତି । ଚିକେନ ବଦଳରେ ଅଣ୍ଡା ଉପରେ ନିର୍ଭରଶୀଳ ଗରିବ ପରିବାର ଗତ କିଛି ଦିନ ହେବ ଅଣ୍ଡା କିଣିବାକୁ ପଛଘୁଞ୍ଚା ଦେଇଛନ୍ତି । ଏହି ସମସ୍ତ ଅଞ୍ଚଳର ହୋଲସେଲ ବେପାରୀମାନେ ଆନ୍ଧ୍ର ପ୍ରଦେଶର ଅଣ୍ଡା ଉପରେ ନିର୍ଭର କରି ବ୍ୟବସାୟୀ କରୁଛନ୍ତି । ଅଣ୍ଡା ଦର ବୃଦ୍ଧି ଯୋଗୁ ସ୍କୁଲ ଆଉ ଅଙ୍ଗନୱାଡି କେନ୍ଦ୍ରରେ ପଢ଼ୁଥିବା ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ବଜାରରୁ ଅଣ୍ଡା କିଣିବା ସମୟର ବଢ଼ିଥିବା ଦର ଯୋଗୁ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ପ୍ରଶାସନ ପକ୍ଷରୁ ହେଉଥିବା ଦରଦାମ ବୃଦ୍ଧିକୁ ଆଦୌ ଯାଞ୍ଚ କରାଯାଉ ନ ଥିବା ଜଣାପଡ଼ିଛି । ଅଞ୍ଚଳର କିଛି ଅସାଧୁ ବ୍ୟବସାୟୀ କିଣା ଦରଠାରୁ ଅଧିକ ଟଙ୍କା ବଢ଼ାଇ ବିକ୍ରି କରୁଥିବା ନେଇ କିଛି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ପ୍ରଶାସନ ଏବଂ ଖାଉଟି ବିଭାଗ ଏହାକୁ ଗୁରୁତର ମନେ କରି ବୃଦ୍ଧି ପାଇଥିବା ଦରକୁ ନିୟନ୍ତ୍ରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ।


## ବିଜ୍ଞାପନ

ନୟାଗଡ଼ ଅନାଥ ପରିତ୍ୟକ୍ତ ବାଳାଶ୍ରମ (ଏକ ସରକାରୀ ସହାୟତାପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରତିଷ୍ଠାନ)ରେ ଏହି ପଦବୀଗୁଡ଼ାକ ଯଥା – **ସମାଜ କର୍ମୀ ତଥା ଏଆର୍ଲି ଚାଇଲଡ୍‌ହୁଡ୍ ଏଜୁକେଟର, ନର୍ସ, ଆୟା (ମହିଳା), ରାତ୍ର ଜଗୁଆଳି** ପଦବୀ ଖାଲି ରହିଅଛି । ଯଦି କେହି ଆବେଦନ କରିବାକୁ ଚାହାଁନ୍ତି, ତେବେ ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରିତ କରିବେ । ବିଜ୍ଞାପନ ବିବରଣୀ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି www.apbnayagarh.org.in ର ନୋଟିସ୍ ସେକ୍ସନକୁ ଯାଆନ୍ତୁ ।

ସମ୍ପାଦକ
ଅନାଥ ପରିତ୍ୟକ୍ତ ବାଳାଶ୍ରମ, ନୟାଗଡ଼

No.T-97

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
***********
## ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.03.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0204/2526

## NOTICE INVITING TENDER (NIT)

No.2609/STC/2025 Dated : 31.10.2025

Sealed tenders are invited from the reputed & credible firms/agencies for Supply of Pipe Band & Brass Band to PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Pipe Band & Brass Band to PM SHRI Schools of Nabarangpur District | Rs.2500/- | Rs.80000/- | 24.11.2025 5.30 P.M. | 25.11.2025 11.00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur

## OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)
P.O - NUAGAM (ASKA)-761111, GANJAM DISTRICT, ODISHA
Phones : 06822-273464, email : askasugar@yahoo.co.in, website : askasugar.com
Letter No - Engg./1711/date. 01.11.2025

### TENDER CALL NOTICE

Sealed Tenders are invited from licensed labour Contractors/Firm/Agencies/ Organizations etc. for undertaking **"Repairing of damage structural items (Steel & piping) by engaging skilled & unskilled labour including painting"** at the Aska Co-operative Sugar Industries Ltd., Nuagam, Aska. Interested Contractors can download the tender form our website www.askasugar.com. The cost of tender paper is Rs.590/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed post./Registered post only which should reach in the office by dated 07.11.2025 by 5.00 P.M. interested parties may visit our website www.askasugar.com for details of the tender call notice. For any future correction please refer our above website.

Sd./- Managing Director, A.C.S.I.Ltd., Aska

obcc No.CAD-2125

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.9220 Date. 28.10.2025
File : SMT-2082

### NOTICE INVITING TENDER

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for **a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga.** | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd./- Chief Engineer (Civil)

केनरा बैंक Canara Bank सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) (ଏହା ପରେ "ଆକ୍ଟ"କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ଜଗତ୍‌ସିଂହପୁର ଶାଖା (୧୮୦୨୭)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଜଗତ୍‌ସିଂହପୁର ଶାଖା (୧୮୦୨୭) / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | କ) ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: |

ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି / ଖ) ୨୫.୦୮.୨୦୨୫ / ଗ) ୩୧.୧୦.୨୦୨୫ / ଘ) ଟ.୧୪,୪୮,୮୪୨.୨୦ (ଚଉଦ ଲକ୍ଷ ଅଠଚାଳିଶ ହଜାର ଆଠ ଶହ ବୟାଳିଶି ଟଙ୍କା ଏବଂ କୋଡିଏ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ।

ସ୍ଥାନ: କଟକ, ତାରିଖ: ୦୧.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## वन विभाग छत्तीशगढ़, बस्तर (सामान्य) वनमंडल, जगदलपुर
### ई-ऑक्सन विज्ञापन

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 04.11.2025 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हो सकती है, कृपया ईऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 40 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा।

**काष्ठागार सरगीपाल ई-अक्सन समय 9.00 बजे प्रातः दिनांक 04.11.2025**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 68.000 | 6 | 6 | 1081.736 | 10440 | 2937 |
| साल | 375.000 | 17 | 9 | 2383.387 | 58 | 20 |
| बीजा | 6.000 | 0 | 0 | 92.504 | 7 | 0 |
| साजा | 9.000 | 0 | 3 | 49.724 | 0 | 12 |
| हल्दु | 3.000 | 1 | 0 | 83.170 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 0.000 | 0 | 0 | 1.150 | 0 | 0 |
| तिंसा | 0.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 17.000 | 0 | 0 | 40.109 | 0 | 0 |
| अन्य | 3.000 | 2 | 0 | 51.939 | 18 | 14 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 99.268 | 3547 | 1030 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | 481.000 | 26 | 18 | 3887.693 | 14072 | 4013 |

अविक्रित सागोन चट्टा - 315 चट्टा
अविक्रित अकेशिया चट्टा - 125 चट्टा
अविक्रित मिश्रित चट्टा - 03 चट्टा
अविक्रित औघोगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर
G-252604480/2

## केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR
At-Old Boys Hostel, KSUB College Campus, Bhanjanagar, Dist.-Ganjam-761126 (Odisha)

### प्रत्यक्ष साक्षात्कार / WALK-IN-INTERVIEW

विद्यालय में शैक्षणिक वर्ष 2025-26 में अंशकालिन अनुबंध के आधार पर प्रशिक्षित स्नातक शिक्षक (गणित) का पैनल तैयार करने हेतु हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक साक्षात्कार में भाग ले सकते हैं। पंजीकरण दिनांक 06.11.2025 को प्रात: 08:00 से 10:00 बजे तक। साक्षात्कार प्रात: 10:00 बजे के उपरांत। इस साक्षात्कार से सम्बंधित अधिक जानकारी के लिए कृपया विद्यालय की वेबसाइट देखे : **https://bhanjnagar.kvs.ac.in** / अथवा दूरभाष संख्या 06821-296583 पर संपर्क करें।

A walk-in-interview will be held at the Vidyalaya for preparing a panel of Trained Graduate teacher (Mathematics) on a part-time contractual basis for the academic year 2025-26. Interested and eligible candidates may appear for the interview. Registration will take place on 06.11.2025, from 08:00 AM to 10:00 AM and the interview will start at 10:00 AM onwards. For more details please visit the school website : https://bhanjnagar.kvs.ac.in or contact 06821-296583

Sd./- प्राचार्य

## कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, रामगढ़
रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

एस०बी०डी० आधारित अल्पकालीन ई–निविदा आमंत्रण सूचना
ई–निविदा प्रसंग संख्या :– **RCD/RAMGARH/ 1064 /2025-26**
दिनांक :– **29-10-2025**

| | | |
|---|---|---|
| 1. | कार्य का नाम | IRQP Work of Badki Pona to Kulhi Road from KM 0.00 to 13.85 KM (Total Length- 13.85 KM) Under Road Divison, Ramgarh for the of Year 2025-26 |
| 2. | प्राक्कलित राशि (रूपये में) | रुपये 7,82,50,000.00 (सात करोड़ बयासी लाख पचास हजार) मात्र |
| 3. | कार्य समाप्ति की अवधि | 06(छः) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14/11/2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 22/11/2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351–25637 |
| 8. | ई–प्रोक्योरमेंट सेल का हेल्प लाईन नंबर | 0651–2401010 |

➢ निविदा की अन्य शर्ते वेबसाइट http://jharkhandtenders.gov.in पर देखी जा सकती है।
➢ पथ निर्माण विभाग, झारखण्ड में निबंधित निविदाकारों को **UCAN** से संबंधित प्रमाण पत्र की छायाप्रति संलग्न करना अनिवार्य है।
➢ निविदा की राशि घट–बढ़ सकती है।
➢ **Cost of bidding document (Non-refundable fee) & Bid Security as indicated shall be payable online through** http://jharkhandtenders.gov.in.

कार्यपालक अभियंता
पथ निर्माण विभाग पथ प्रमण्डल रामगढ़
PR 365006 (Road)25-26*D

# ଦୁର୍ନୀତିମୁକ୍ତ ଜିଲା ଗଠନ ନେଇ ଶପଥପାଠ

କୋରାପୁଟ,୧।୧୧(ଅମିତାଭ ବେହେରା)


ବୈଠକରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ ସଦର ମହକୁମାରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ସଭାରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇଥିଲେ। ଏହି ଅବସରରେ ଦୁର୍ନୀତିମୁକ୍ତ ଜିଲା ଗଠନ ନେଇ ସମସ୍ତେ ଶପଥ ପାଠ କରାଯାଇଥିଲା। ଦୁର୍ନୀତି ବିକାଶର ଅନ୍ତରାୟ ଯୋଗୁ ଏହାର ନିବାରଣ କରିବା ପାଇଁ ସମସ୍ତେ ମିଳିତ ପଦକ୍ଷେପ ନେବା ଆବଶ୍ୟକତା ରହିଛି ବୋଲି ଜିଲାପାଳ ମହାଜନ କହିଛନ୍ତି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡା,ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ବଦଲେ,ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଓ କୋରାପୁଟ ଏସ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ବୋଲି ଉପଜିଲାପାଳ ପ୍ରେମଲାଲ ହିଆଲ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ଆଇସିଡିଏସ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ,ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ଡାଣ୍ଡି, ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ,ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ,ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ସୁଶାନ୍ତ କୁମାର ସାହୁ,କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ଆନନ୍ଦ ପ୍ରସାଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ନନ୍ଦକିଶୋର ଗୁରୁ ମଞ୍ଚ ପରିଚାଳନା

### ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କରିଥିଲେ। ଭିଜିଲାନ୍ସ ଇନ୍ସପେକ୍ଟର ସଞ୍ଜୟ କୁମାର ପ୍ରଧାନ, ସୂର୍ଯ୍ୟ ପ୍ରକାଶ ନାୟକ, ଅନୁଭା ଦାସ, ସାବିତ୍ରୀ ପ୍ରଧାନ ଓ ସନ୍ତୋଷୀ ବାରିକ ଓ ଅଭୟ ପ୍ରଧାନ ପ୍ରମୁଖଙ୍କ ସହ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଲିଭା କୁମାର ବେହେରା ଓ ଏସ୍.କେ. ସେଠୀ ପରିଚାଳନାରେ ସହଯୋଗ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ଶୋଭାଯାତ୍ରା କରି ସହର ପରିକ୍ରମା କରାଯାଇଥିଲା। ଜିଲାପାଳ ମହାଜନ ସବୁଜ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏଥିରେ ସହରର ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଦୁର୍ନୀତି ନିବାରଣ ନେଇ ବିଭିନ୍ନ ସଚେତନତା ପ୍ଲା କାର୍ଡ ଧରି ସହର ପରିକ୍ରମା କରିଥିଲେ।

# ୧୦ ଦଫା ଦାବି ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର


ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଜୟପୁର,୧।୧୧(ପବନ ପାଣିଗ୍ରାହୀ)

ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ନିଷ୍ପେଷିତ ଅବହେଳିତ ଅବସ୍ଥାରେ ରହୁଥିବା ଅଭିଯୋଗକରି ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ପକ୍ଷରୁ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀ କରୁଣାକର ଭୂଏଙ୍କୁ ଶନିବାର ପ୍ରଦାନ କରାଯାଇଛି। ସଭାପତି ଶଶିଭୂଷଣ ଦାଶ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଦେଇ ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରିଥିଲେ। ଦାବିଗୁଡ଼ିକ ନ୍ୟାଯ୍ୟ ବୋଲି ସଭାପତି ଦାଶ କହିଛନ୍ତି। ଗୋଟିଏ ଶିକ୍ଷୟିତ୍ରୀ ଶିକ୍ଷକରେ ବିଦ୍ୟାଳୟଗୁଡ଼ିକ ଚାଲୁଥିବାରୁ ଶିକ୍ଷକ ନିଯୁକ୍ତି କରିବା, ଉପାନ୍ତ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକଙ୍କୁ ଉପଯୁକ୍ତ ସ୍ଥାନକୁ ବଦଳି କରିବା, ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଯୁକ୍ତ ସ୍ଥାନକୁ ବଦଳି କରି ଆଣିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ କନିଷ୍ଠ ସହାୟକ ପଦବୀରେ ପଦୋନ୍ନତି ଦେବା, ସ୍ଥଗିତ ରଖାଯାଇଥିବା ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା, ଯୋଗ୍ୟତା ଭିତ୍ତିରେ କନିଷ୍ଠ ସହାୟକ ଓ ବରିଷ୍ଠ ସହାୟକମାନଙ୍କୁ ପଦୋନ୍ନତି ଦେବା, ଆବଶ୍ୟକତା ଅନୁପାତରେ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀ ନିଯୁକ୍ତ କରିବା ଆଦି ଦାବି ନେଇ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଏହି ସମୟରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ ଉପସ୍ଥିତ ଥିଲେ।

# ଜିଲା ପ୍ରଶାସନକୁ ବାତ୍ୟା କ୍ଷୟକ୍ଷତି ରିପୋର୍ଟ ପ୍ରଦାନ


ବର୍ଷାରେ ନଷ୍ଟ ହୋଇଥିବା ମାଣ୍ଡିଆ ଫସଲ।

ପଟ୍ଟାଙ୍ଗି,୧।୧୧(ଶରତ କୁମାର ଧଳ)

### ଲଗାଣ ବର୍ଷାରେ ଫସଲ ନଷ୍ଟ

ବାତ୍ୟା ମୋନ୍ଥା ଯୋଗୁ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଆନ୍ଧ୍ର ପ୍ରଦେଶ ସୀମାନ୍ତବର୍ତ୍ତୀ ହୋଇଥିବାରୁ ଲଗାଣ ବର୍ଷାରେ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତଗୁଡ଼ିକରେ ବାତ୍ୟା ଅନେକ ପ୍ରଭାବ ପକାଇ ଘର ଏବଂ ଫସଲ ନଷ୍ଟ କରି ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ଏ ନେଇ ଜିଲା ପ୍ରଶାସନକୁ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ସୂଚନାନୁଯାୟୀ, ୨୮, ୨୯ ତାରିଖରେ ବର୍ଷା ହୋଇ ବ୍ଲକ୍‌ର ଚନ୍ଦକା ପେଟୁରୁ, ପଟ୍ଟାଙ୍ଗି, ପୁକାଲି, ରାଲେଗଡା, ସମ୍ବାଇ, ସୁଙ୍କି ଏବଂ ତଳଗୋଲୁର ଆଦି ପଞ୍ଚାୟତରେ ୨୦୬ ଘର ନଷ୍ଟ ହୋଇଥିବା ଜଣାପଡ଼ିଛି। କୋଟିଆ, ପୁକାଲି, ଚନ୍ଦକା ଓ ମାଳିପୁଟ ଆଦି ପଞ୍ଚାୟତରେ ଚାଷୀଙ୍କ ଚାଷ ନଷ୍ଟ ହୋଇଛି। ବ୍ଲକରେ ମୋଟ ୯ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ବ୍ଲକ୍ ପ୍ରଶାସନର ରିପୋର୍ଟରୁ ଜଣାପଡ଼ିଛି। ନଷ୍ଟ ହୋଇଥିବା ଘରର ପରିବାର ସଦସ୍ୟଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପଲଥିନ୍ ଯୋଗାଇ ଦିଆଯାଇଥିଲା। ଆଉ କିଛି ନଷ୍ଟ ହୋଇଥିବା ଘର ପାଇଁ ଲୋକମାନେ ସହାୟତା ମାଗୁଥିବା ଜଣାପଡ଼ିଛି। ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରସ୍ତୁତ କରି ଜିଲା ପ୍ରଶାସନଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ରହିଛି। ଏ ନେଇ ଜିଲା ସ୍ତରରେ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ଜଣାପଡ଼ିଛି। ବାତ୍ୟାର ପ୍ରଭାବରେ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବାରୁ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଧାର କରଜ କରି ଚାଷ କରିଥିବାରୁ ଏହା ଉଜୁଡିଯିବା ପରେ ସେମାନେ ଚିନ୍ତାରେ ରହିଛନ୍ତି। ବ୍ଲକ୍‌ର ୬୫ ପ୍ରତିଶତ ଆଦିବାସୀ ଚାଷୀ ଚାଷ ଉପରେ ନିର୍ଭର କରୁଛନ୍ତି। ମାଣ୍ଡିଆ ଚାଷ ନଷ୍ଟ ହୋଇଥିବାରୁ ସେମାନଙ୍କ ରୋଜଗାରରେ ମାଧ୍ୟମ ଉଜୁଡ଼ି ଯାଇଥିବା କହିଛନ୍ତି। ବ୍ଲକ୍‌ର ତଳ ଗୋଲୁର, ଅମ୍ବାବାଲି ଆଦି ପଞ୍ଚାୟତରେ ପ୍ରଚୁର ପରିମାଣରେ ହୋଇଥିବା ମାଣ୍ଡିଆ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

# ସୁରଭି ମଞ୍ଚରେ ଶିଶୁ କଳାକାରଙ୍କ କଳା ପ୍ରଦର୍ଶନ

ଲକ୍ଷ୍ମୀପୁର,୧।୧୧(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ୧୧ କ୍ଲଷ୍ଟରରୁ ୧୭ ବିଭାଗରେ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ

ବ୍ଲକ୍ ଶିକ୍ଷାଧିକାରୀ ରୀତା ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଓ ମୁଖ୍ୟବକ୍ତା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ଚ୍ଚିତା ପ୍ରଧାନ ଯୋଗଦେଇଥିଲେ। ଏବିଇଓ ବିଭୂତି ଭୂଷଣ ଟାକ୍ରୀ, ମଦନ ମୁଦୁଲି,ରାଜ୍ୟ ସଂଘ ଉପସଭାପତି ସୁରେନ୍ଦ୍ର କୁଲଦୀପ,ଜିଲା ଉପସଭାନେତ୍ରୀ ବୈଜୟନ୍ତୀ ମାଳା ଖୋସ୍‌ଲା,ବ୍ଲକ୍ ଶିକ୍ଷକ ସଂଘ ସଭାପତି ଦୟାନିଧି ଗରଡ଼ା,ସାଧାରଣ ସମ୍ପାଦକ ତ୍ରିନାଥ ମହାପାତ୍ର, ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡୁମୁରିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ଭାଷଣ ଦେଇଥିଲେ। ବଡ଼ ନେର୍କା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ୍‌ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।


ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ନନ୍ଦପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ନନ୍ଦପୁର,୧।୧୧(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ତହସିଲରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏ ନେଇ ନନ୍ଦପୁର ବ୍ଲକ୍ ଓସ୍ୱାନ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଦେବବ୍ରତ ମହାରଣା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ରାଜସ୍ୱ ମଣ୍ଡଳ ପରିଦର୍ଶକ ସୋମନାଥ ମୁଦୁଲି, ଭାଜପାର ବରିଷ୍ଠ କର୍ମକର୍ତ୍ତା ଭଗବାନ ମୁଦୁଲି, ଜୟରାମ ଭୋଇ, ହରିହର ବେହେରା, ସୁଦର୍ଶନ ପାଙ୍ଗୀ, ସମସ୍ତ ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟର ସଦ୍ୟ ଘୋଷିତ ୪୪ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ନନ୍ଦପୁର ନାମରେ ନାମିତ ଥାଇ ପଟ୍ଟାଙ୍ଗିରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଥିଲା। ବର୍ତ୍ତମାନ ନନ୍ଦପୁର ତହସିଲକୁ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ମାନ୍ୟତା ମିଳିବା ପରେ ଜମି କିଣାବିକା, ବିବାହ, ଜମି ବନ୍ଧକ ଓ ଲିଜ୍ ଡିଡ୍, ମୂଲ୍ୟାୟନ ଆଦି କାର୍ଯ୍ୟ ଏଠାରେ କରାଯାଇପାରିବ ବୋଲି ତହସିଲଦାର ମହାରଣା ସୂଚନା ଦେଇଛନ୍ତି। ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବା ବ୍ଲକ୍‌ବାସୀଙ୍କ ଦୀର୍ଘଦିନର ଦାବି ରହିଥିଲା।

# ଜାତୀୟ ରାଜପଥ ମରଣଯନ୍ତା

ସୁନାବେଡ଼ା/ସେମିଳିଗୁଡ଼ା,୧।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ୨୬ ନଂ. ଜାତୀୟ ରାଜପଥ ଟ୍ରାଫିକ୍ ଛକ ନିକଟରୁ ଉଇଡ଼ା ଅଫିସ ଛକ ଯାଏ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଜିଲାର ପ୍ରମୁଖ ପର୍ଯ୍ୟଟନୀ କ୍ଷେତ୍ର ଦେଓମାଳି, ରାଣୀ ଡୁଡୁମା,ବାଲାଡା କେଭ, ପୁଟସିଲ, ତାଲା ମାଳି ଆଦି ଅନେକ ପର୍ଯ୍ୟଟନସ୍ଥଳକୁ ସଂଯୋଗର ମାଧ୍ୟମ ସାଜିଥିବା ଏହି ସହରର ରାସ୍ତାଘାଟ ପ୍ରତି


ରାସ୍ତା ମଝିରେ ଖାଲଖମା ହୋଇଛି।

ବିଭାଗ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଶତାଧିକ ଗାଡ଼ି ଯାତାୟାତ କରୁଥିବା ବେଳେ ଦୈନିକ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତା ଦେଇ ଦୈନିକ ରାଜନେତା, ବିଭିନ୍ନ ବିଭାଗର ଅଧିକାରୀ ମଧ୍ୟ ଯାତାୟାତ କରୁଥିଲେ ସୁଦ୍ଧା ଏଥିପ୍ରତି କାହାର ନଜର ପଡୁ ନ ଥିବା କୁହାଯାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟର୍ଜନୀ ସେଠୀଙ୍କୁ ଯୋଗାଯୋଗ କରିବାରୁ ପିଚୁ କାମ ଆସନ୍ତା ସପ୍ତାହ ବେଳକୁ ଆରମ୍ଭ କରିଦେବୁ। କିଛି ପଟ ହୋଲ୍‌ଗୁଡ଼ିକର ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

# ପଶୁ ସମ୍ପଦ ସୁରକ୍ଷା ନେଇ ଭ୍ରାମ୍ୟମାଣ ଗାଡ଼ି ଶୁଭାରମ୍ଭ

କୋରାପୁଟ,୧।୧୧(ଅମିତାଭ ବେହେରା)

କୋରାପୁଟ ସଦ୍‌ଭାବନା ସଭାଗୃହରେ ଜିଲାର ପଶୁସମ୍ପଦଙ୍କ ସୁରକ୍ଷା ଓ ତୁରନ୍ତ ସେବା ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏକ ଭ୍ରାମ୍ୟମାଣ ଗାଡ଼ିର ଶନିବାର ଶୁଭାରମ୍ଭ କରିଛନ୍ତି। ପଶୁସମ୍ପଦ ସୁରକ୍ଷା ସହ ସେମାନଙ୍କୁ ତୁରନ୍ତ ଚିକିତ୍ସା ଦେବା ନେଇ ରାଜ୍ୟ ପଶୁ ସମ୍ପଦ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଜିଲାର ଜୟପୁର ଉପଖଣ୍ଡ ପାଇଁ ଯୋଗାଇ ଦିଆଯାଇଛି। ଟୋଲ୍ ଫ୍ରି ନଂ ୧୯୬୨ରେ ଫୋନ୍ କଲେ ଉକ୍ତ ସ୍ଥାନକୁ ତୁରନ୍ତ ଏହି ଭ୍ରାମ୍ୟମାଣ ଗାଡ଼ି ପହଞ୍ଚି ସେବା ଯୋଗାଇବ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପଶୁଧନ ଅଧିକାରୀ ଲକ୍ଷ୍ମୀଧର ବେହେରା, ଜିଲା ଯୋଜନା ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଏଡିଭିଓ ପରିକ୍ଷିତ କୁଣ୍ଡୁ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

କୁନ୍ଦୁରା,୧।୧୧(ସନ୍ତୋଷ ପ୍ରହରାଜ)

### ଜିଲା ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ବ୍ଲକ୍ ଆକାଉଣ୍ଟ ମ୍ୟାନେଜର କାଜଲ ତରାସିଆ ଓ କିରାଣୀ କାଲେନ କଜୁରଙ୍କ ଦୁର୍ବ୍ୟବହାରକୁ ନେଇ ଆଶା କର୍ମୀ ସଂଘ ପକ୍ଷରୁ ଏମଓଆଇସି ଗଣେଷ ପ୍ରସାଦ ଦାସଙ୍କୁ ଭେଟି ଜିଲା ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଶନିବାର ଦାବିପତ୍ର ପ୍ରଦାନ କରାଯାଇଛି। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ବ୍ଲକ୍ ଆକାଉଣ୍ଟ ମ୍ୟାନେଜର ତରାସିଆ ଏବଂ କିରାଣୀ କଜୁର ଆଶା କର୍ମୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜନ୍ମ ଏବଂ ମୃତ୍ୟୁ ପ୍ରମାଣପତ୍ର ନେଇ କାର୍ଯ୍ୟରତ କିରାଣୀଙ୍କ ନିକଟକୁ ଆଶା କର୍ମୀମାନେ ଯାଉଥିଲେ। କିରାଣୀ ବିଭିନ୍ନ ଆଳ ଦେଖାଇ ପ୍ରମାଣ ପତ୍ର ପ୍ରଦାନରେ ବିଳମ୍ବ କରୁଥିବା ଅଭିଯୋଗ କରାଯାଇଛି। ଏଥିସହ କିରାଣୀ ଧମକ ଦେବା ସହ ଅପମାନିତ କରୁଥିବା ଦାୟିତ୍ୱରେ ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାସଙ୍କୁ କହିଛନ୍ତି। ସୂଚନାନୁଯାୟୀ, ବିଭିନ୍ନ ଲାଞ୍ଚ କାରବାରରେ ଜଡ଼ିତ ରହିଥିବା ନେଇ ଏହି ମହିଳା କିରାଣୀଙ୍କୁ ଜୟପୁରରୁ କୁନ୍ଦୁରା ଅସ୍ଥାୟୀ ସ୍ଥାନାନ୍ତର କରାଯାଇଛି। ଆଶାକର୍ମୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ପାଇଁ ଅବହେଳା କରୁଥିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ଲକ ଆକାଉଣ୍ଟ ମ୍ୟାନେଜର ତରାସିଆ ବିଭିନ୍ନ ପ୍ରକାର ଫନ୍ଦି କରି ୨-୩ ମାସ ହେବା ଯାଏ ସେମାନଙ୍କ ମାସିକ ପ୍ରାପ୍ୟ ପ୍ରଦାନ କରୁ ନ ଥିବା କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏନ୍‌ଆରଏଚଏମ୍ ଅଧୀନରେ ଅନେକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଆଶା କର୍ମୀମାନଙ୍କ ଦରମା ପ୍ରଦାନରେ ଟାଳ ଟୁଳ ନୀତି ଦେଖାଉଥିବା ଅଭିଯୋଗ କରିଛନ୍ତି। ଆକାଉଣ୍ଟ ମ୍ୟାନେଜର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଥାଇ ଆଶା କର୍ମୀଙ୍କ କଥାକୁ ଗୁରୁତ୍ୱ ଦେଉନଥିବା ଆଶା କର୍ମୀ କହିଛନ୍ତି। ଗତ ଦିନରେ ମଧ୍ୟ ସେ ହଇରାଣ କରୁଥିବା ଦାବିପତ୍ରରେ କୁହାଯାଇଛି। ଏହାକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାସ ମଧ୍ୟ ବ୍ଲକ ଆକାଉଣ୍ଟ ମ୍ୟାନେଜରଙ୍କ ଉପରେ ବିରକ୍ତି ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ସିଡିଏମଓଙ୍କୁ ଦେଇ ସମସ୍ୟାର ସମାଧାନ ଅତିଶୀଘ୍ର କରାଯିବ ବୋଲି କହିଛନ୍ତି। ଏକ ମାସ ମଧ୍ୟରେ ବ୍ଲକ ଆକାଉଣ୍ଟ ମ୍ୟାନେଜର ଏବଂ ମହିଳା କିରାଣୀଙ୍କୁ ବଦଳି କରାନଗଲେ ଆସନ୍ତା ମାସଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବୁ ବୋଲି ଆଶା କର୍ମୀମାନେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ତୁଷାର ଭଟ୍ଟ ମହିଳା କିରାଣୀ, ବିପିଏମ ଏବଂ ଏମଓଆଇସିଙ୍କ ସହ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ନେଇ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରବି ନାରାୟଣ ମିଶ୍ରଙ୍କୁ ପଚାରିବାରୁ ତାହା ମୁଁ ବୁଝୁନି। ଏହାକୁ ଆଶା କୋର୍ଡିନେଟର ବୁଝୁଥିବାରୁ ତାଙ୍କୁ ପଚାରିବାକୁ କହିଥିଲେ।


ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# କେକେ-କେଆର୍ ରେଳପଥ ଗଞ୍ଜେଇ ଚାଲାଣର ନୂଆ ବାଟ

### ୮ ମାସରେ ରୁଜୁ ୨୩ ମାମଲା, ୪୮ ଗିରଫ

ନନ୍ଦପୁର,୧।୧୧(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ଦେଇ ଯାଇଥିବା କୋଟାଭାଲସା-କିରାଣ୍ଡୁଲ(କେକେ) ଓ କୋରାପୁଟ-ରାୟଗଡ଼ା(କେଆର୍) ୨ ରେଳପଥ ଗଞ୍ଜେଇ ଚାଲାଣକାରୀଙ୍କ ପାଇଁ ନୂଆଁ ବାଟ ସାଜିଛି। ୮ ମାସ ମଧ୍ୟରେ କୋରାପୁଟ ରେଲୱେ ପୋଲିସ ୨୩ ମାମଲା ରୁଜୁକରି ସ୍ଥାନୀୟ ଅଞ୍ଚଳର ୯ ମାଫିଆ,ପର୍ଯ୍ୟଟକ ବେଶରେ ୮ ମହିଳାଙ୍କ ସମେତ ମୋଟ ୪୮ ଚାଲାଣକାରୀଙ୍କୁ ଗିରଫ କରିଥିବା ଜିଆର୍‌ପି ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଅନ୍ୟ ରାଜ୍ୟ ଯଥା ଛତିଶଗଡ଼, ଝାଡ଼ଖଣ୍ଡ, ୟୁପି, ବିହାର, ଆନ୍ଧ୍ର, ତେଲଙ୍ଗାନା ଅଞ୍ଚଳର ଗଞ୍ଜେଇ ଚାଲାଣକାରୀ ପର୍ଯ୍ୟଟକ ସାଜି କୋରାପୁଟ ଜିଲାକୁ ଆସୁଛନ୍ତି। ଫେରିବା ସମୟରେ ବଡ ଷ୍ଟେଶନ ଅଞ୍ଚଳରେ କ୍ରିୟାଶୀଳ ଥିବା ମାଫିଆ ମୂଳଚାଲ କରୁଛନ୍ତି। ପର୍ଯ୍ୟଟକ ସାଜିଥିବା ଗଞ୍ଜେଇ ଚାଲାଣକାରୀଙ୍କୁ ଛୋଟ ଷ୍ଟେଶନରେ ପେଡଲରମାନଙ୍କ ଜରିଆରେ ଗଞ୍ଜେଇ ଯୋଗାଇ ଦେଉଛନ୍ତି। ଏହା ଉପରେ ନଜର ରଖି ଜିଆର୍‌ପି ଟିମ୍ ୮ ମାସରେ ୨୩ ଗଞ୍ଜେଇ ଧରପଗଡ଼ ମାମଲାରେ ୩୪୫ କିଲୋ ଗଞ୍ଜେଇ ଜବତ କରିଛି।


ବିଭିନ୍ନ ଷ୍ଟେଶନରେ ରେଲୱେ ପୋଲିସ ଦ୍ୱାରା ଜବତ ଗଞ୍ଜେଇ ଓ ଗିରଫ ଚାଲାଣକାରୀ।

ସୂଚନା ମୁତାବକ ଅବିଭକ୍ତ କୋରାପୁଟ ଜିଲାରେ ଉତ୍ପାଦିତ ଗଞ୍ଜେଇ ବର୍ତ୍ତମାନ ସର୍ବ ଭାରତୀୟ ସ୍ତରରେ ଉତ୍କୃଷ୍ଟ ମାନର ଗଞ୍ଜେଇ ଭାବେ ମାନ୍ୟତା ପାଇଛି। ରାଜ୍ୟ ପୋଲିସ ଓ ଅବକାରୀ ବିଭାଗ ରାସ୍ତାଘାଟ ଉପରେ ନଜର ରଖି ବ୍ୟାପକ ଗଞ୍ଜେଇ ଧରପଗଡ଼ କରୁଥିବା ଦେଖି ଚାଲାଣକାରୀ ଏବେ ଗଞ୍ଜେଇ ଚାଲାଣର ନୂଆ ତରିକା ଓ ନୂଆପଥ ଆପଣାଉଥିବା ଦେଖିବାକୁ ମିଳୁଛି। ଜିଲାର ଗ୍ରାମାଞ୍ଚଳ ଦେଇ ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ସଂଯୋଗ କରୁଥିବା କୋଟଭାଲସା-କିରାଣ୍ଡୁଲ ରେଳପଥ ଓ କୋରାପୁଟଠାରୁ ରାୟଗଡ଼ା ସଂଯୋଗ କରୁଥିବା କେଆର୍ ରେଳପଥ ବର୍ତ୍ତମାନ ଗଞ୍ଜେଇ ଚାଲାଣର ନୂଆପଥ ହୋଇଛି। ସ୍ଥାନୀୟ ଅଞ୍ଚଳର ଗଞ୍ଜେଇ ମାଫିଆ ପର୍ଯ୍ୟଟକ ଭାବେ ଆସୁଥିବା ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କ ସହ ସହରାଞ୍ଚଳରେ ମୂଳଚାଲ କରୁଛନ୍ତି। କେକେ ଲାଇନରେ ଥିବା ଦାରଲିପୁଟ, ପାଡୁଆ, ଭେଜା, ମାଛକୁଣ୍ଡ, ପାଲିବା, ସୁକୁ(ଏସ୍‌ଏକ୍ସଭି) ଓ ସୁକୁ,କୋରାପୁଟ ଜଙ୍କସନ୍, କୋରାପୁଟ କ୍ୟାବିନ ବି, ମନାବାର, ଜାରତି, ମାଲିଗୁଡ଼ା, ଛତ୍ରିପୁଟ, ଜୟପୁର, ଧନପୂର୍, ଖଡପା, କୋଟପୁର ଆଦି ଷ୍ଟେଶନ ସମେତ କେଆର୍ ଲାଇନର ଡୁମୁରିପୁଟ, ଦାମନଯୋଡ଼ି, ବାଇଗୁଡା, କାକିରିଗୁମା, ଲକ୍ଷ୍ମୀପୁର, ସୀଙ୍ଗରାମ,ଟିକିରି, ରାଉଳି, ରେଲିଗୁମା, ଭାଲୁମସ୍କା, ସିକରପାଇ, କେଉଟଗୁଡ଼ା, ସିଙ୍ଗାପୁର ଓ ରାୟଗଡ଼ା ଆଦି ଷ୍ଟେଶନରେ ପେଡଲରମାନଙ୍କ ଜରିଆରେ ଗଞ୍ଜେଇ ବେପାରୀଙ୍କୁ ଯୋଗାଇ ଦେଉଛନ୍ତି। ଏହି ଗିରଫ ଚାଲାଣକାରୀଙ୍କ ମଧ୍ୟରେ ୮ ମହିଳା ୧୦ରୁ ଊର୍ଦ୍ଧ୍ୱ ଉଚ୍ଚ ଶିକ୍ଷିତ ଯୁବକ ଥିବା ବେଳେ ୯ଜଣ ମାଫିଆ ରହିଛନ୍ତି। ଅଧିକାଂଶ ଗଞ୍ଜେଇ ଚାଲାଣକାରୀ ବାହାର ରାଜ୍ୟର ହୋଇଥିବାରୁ ରେଳପଥକୁ ଗଞ୍ଜେଇ ଚାଲାଣର ନୂଆପଥ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

# ଦୁର୍ନୀତିର ମୂଳୋତ୍ପାଟନ ନେଇ ସାମୂହିକ ପ୍ରଚେଷ୍ଟା ଜରୁରୀ

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ସଚ୍ଚୋଟତାର ଶପଥ ନେଉଛନ୍ତି।

ରାୟଗଡ଼ା ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଜିଲା ପ୍ରଶାସନ ତଥା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲା ପରିଷଦ କକ୍ଷରେ ଶନିବାର ଆୟୋଜିତ ହୋଇଛି। ଏଥିରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତୀୟଙ୍କ ନୀତି, ସଂସ୍କାର ଓ ମୂଲ୍ୟବୋଧର ପ୍ରଶଂସା କରିବା ସହ ଅନେକ ଉଦାହରଣ ଉପସ୍ଥାପନ କରିଥିଲେ। ସମାଜରେ ଛୋଟ ଛୋଟ ଘଟଣାରୁ ଦୁର୍ନୀତି ପ୍ରାରମ୍ଭ ହୁଏ ପରେ ବୃହତ ରୂପ ନେଇଥାଏ। ଏହାର ମୁଳୋତ୍ପାଟନ ନିମନ୍ତେ ସାମୂହିକ ପ୍ରଚେଷ୍ଟା ଜରୁରୀ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ସମ୍ମାନିତ ଅତିଥି, ବିଶିଷ୍ଟ ଶିକ୍ଷାବିତ୍ ଡ ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ବକ୍ତାଭାବେ ବିଶିଷ୍ଟ ଆଇନଜୀବୀ ପଦ୍ମନାଭ ଦାଶ ଏବଂ ଦୁର୍ନୀତି ନିବାରଣ ବିଭାଗ ଋଡିଏସ୍‌ପି ସୂର୍ଯ୍ୟମଣୀ ଟାକ୍ରୀ ଯୋଗ ଦେଇଥିଲେ। ଦୁର୍ନୀତି ନିବାରଣ ନିମନ୍ତେ ବିଭିନ୍ନ ଆଇନଗତ ବ୍ୟବସ୍ଥା ବିଷୟରେ ଅବଗତ କରିଥିଲେ। ଜିଲାପାଳ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ଏକ ବିରାଟ ରାଲି ଗଜପତି ଛକଠାରୁ ଆରମ୍ଭ ହୋଇ ଜିଲା ପରିଷଦ କକ୍ଷ ପରିସରରେ ପହଞ୍ଚିଥିଲା।

# ମ୍ୟାଲେରିଆରେ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ବ୍ଲକ ବାଇସିଂ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ ନନ୍ଦିନୀ ତାଡିଙ୍ଗୀ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟଣାରେ ଶନିବାର ୩ ବିଭାଗର ଅଧିକାରୀ ଯୁଗ୍ମ ତଦନ୍ତ କରିଛନ୍ତି। ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ମଙ୍ଗଳ ବିଭାଗର ହଷ୍ଟେଲରେ ରହୁଥିବା ନନ୍ଦିନୀଙ୍କର ଶୁକ୍ରବାର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ନନ୍ଦିନୀଙ୍କର ମ୍ୟାଲେରିଆ ରିପୋର୍ଟ ପଜିଟିଭ ବାହାରିଥିଲା। ଏହି ଘଟଣାରେ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଏଡିଏମ୍‌ଓ ପ୍ରଦୀପ୍ତ କୁମାର ସୁବୁଦ୍ଧି ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ତଦନ୍ତ କରିଥିଲେ। ଶୁକ୍ରବାର ଏହି ଘଟଣା ସମ୍ପର୍କରେ ରାୟଗଡ଼ା ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ତଦନ୍ତ କରିଥିଲେ। ଶନିବାର ତଦନ୍ତକାରୀ ଅଧିକାରୀମାନେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅନ୍ତେବାସୀଙ୍କ ସମେତ ମୃତକଙ୍କ ପରିବାରବର୍ଗ ସହ ଆଲୋଚନା କରିଥିଲେ। ତଦନ୍ତ ପରେ ଶନିବାର ପ୍ରାରମ୍ଭିକ ରିପୋର୍ଟ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପ୍ରଦାନ କରାଯିବା ନେଇ ମଙ୍ଗଳ ଅଧିକାରୀ ଅସୀମା ରାଓ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ରହି ନନ୍ଦିନୀ ପାଠ ପଢୁଥିଲେ। ଗତ ବୁଧବାର ନନ୍ଦିନୀଙ୍କୁ ଜ୍ୱର ହୋଇଥିଲା। ମ୍ୟାଲେରିଆ କିଟ୍ ମାଧ୍ୟମରେ ତାଙ୍କର ପରୀକ୍ଷା କରାଯିବା ପରେ ମ୍ୟାଲେରିଆ ପଜିଟିଭ ବାହାରିବାରୁ ତାଙ୍କୁ ରାୟଗଡ଼ା ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ରକ୍ତ ପରୀକ୍ଷା ବେଳେ ନମୁନାରେ ମ୍ୟାଲେରିଆ ପଜିଟିଭ ରିପୋର୍ଟ ଆସିଥିଲା । ସେଠାରେ ନନ୍ଦିନୀଙ୍କୁ ଆବଶ୍ୟକ ଔଷଧ ପ୍ରଦାନକରି ପୁନର୍ବାର ବିଦ୍ୟାଳୟ ହଷ୍ଟେଲକୁ ପଠାଯାଇଥିଲା। ସନ୍ଧ୍ୟାବେଳେ ନନ୍ଦିନୀଙ୍କ ବାପା ରାଜାରାଓ ହିମିରିକା ବିଦ୍ୟାଳୟକୁ ଆସି ଝିଅକୁ ଘରକୁ ନେବା ପାଇଁ ଅନୁମତି ମାଗିଥିଲେ। ଏନେଇ ଏକ ଲିଖିତ ଦରଖାସ୍ତ ବିଦ୍ୟାଳୟର ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଦେଇ ନନ୍ଦିନୀଙ୍କୁ ନିଜ ଘରକୁ ନେଇ ଆସିଥିଲେ। ଘରକୁ ଆଣିବାର ୨୪ ଘଣ୍ଟା ପରେ ବିଳମ୍ବିତ ରାତ୍ରିରେ ନନ୍ଦିନୀ ମୃତ୍ୟୁବରଣ କରିଥିବା ନେଇ ପରିବାରବର୍ଗ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ ।

# ବିପ୍ଳବୀ ନେତାଙ୍କ ଜନ୍ମଶତବାର୍ଷିକୀ ସମାରୋହ



ଡି.ଭି.ଏମ୍‌ଙ୍କୁ ଦିଆଯାଇଥିବା ମରଣୋତ୍ତର ସମ୍ମାନକୁ ପୁଅ ଓ ବୋହୂ ଗ୍ରହଣ କରୁଛନ୍ତି ।

ଗୁଣପୁର,୧।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ବିପ୍ଳବୀ ନେତା, ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ଆଇନଜୀବୀ ଡି. ଭୁବନ ମୋହନ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ସ୍ଥାନୀୟ ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି,ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଞ୍ଚଳରେ ଥିବା ଜଳ ସମ୍ପଦର ବ୍ୟବହାର ସମେତ ଆନ୍ଧ୍ରର ଗୋଟା ବ୍ୟାରେଜ ବିରୋଧରେ ସ୍ୱର୍ଗତ ପଟ୍ଟନାୟକ ଆନ୍ଦୋଳନ କରୁଥିବା ନେଇ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ଅକ୍ଷୟ ଶତପଥିଙ୍କ ସଂଯୋଜନାରେ ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାଶ, ବରିଷ୍ଠ ଓକିଲ ପ୍ରଦୀପ ଦାଶ, ଖବରଦାତା ରଞ୍ଜିତ ପାଢ଼ୀ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ଆରଏସ୍‌ଏସ ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ, ବରିଷ୍ଠ ଆଇନଜୀବୀ ମଣିଂ ସହ ଦେବା ଓ ଶିବ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ଇନ୍ଦ୍ରାକ୍ଷୀ ପ୍ରଶାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପୌରାଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଓକିଲ ସଂଘ ସଭାପତି ଗୌରୀ ଦାସ, ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକ ଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ପକ୍ଷରୁ ଡି.ଭି.ଏମ୍‌ଙ୍କ ପୁଅ ଓ ବୋହୂଙ୍କୁ ମରଣୋତ୍ତର ସମ୍ମାନ ଦିଆଯାଇଥିଲା।

# ଆଭାସି ମାଧ୍ୟମରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାମନାଗୁଡ଼ା, ୧।୧୧(ସଞ୍ଜୟ ପ୍ରଧାନ)

ରାୟଗଡା ଜିଲା ରାମନାଗୁଡ଼ା ତହସିଲରେ ଏବେ ଉପ ନିବନ୍ଧନ କାର୍ଯ୍ୟାଳୟ ଖୋଲିଲା। ଏନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅକ୍ଟୋବର ୨୩ ତାରିଖ ଦିନ ଚିଠି କରାଯାଇଥିଲା। ଚଳିତ ମାସ ୧ ତାରିଖରୁ ଜମି କିଣାବିକାର ସମସ୍ତ କାଗଜପତ୍ର ପଞ୍ଜିକୃତ ହେବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଶନିବାର ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବଙ୍କ ସମେତ ବିଧାୟକ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ଓଡିଶାର ୧୩ ଜିଲାର ୪୪ ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟର ପ୍ରଥମ ପର୍ଯ୍ୟାୟରେ ଶୁଭ ଉଦଘାଟନ କରିଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ବଳକା ବ୍ଲକ ମାନଙ୍କରେ ଏହି ଅଫିସ ସବୁ ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ।

ସେହିପରି ରାୟଗଡ଼ା ଜିଲା ରାମନାଗୁଡ଼ା ତହସିଲ କାର୍ଯ୍ୟାଳୟରେ ସତନ୍ତ୍ର ପ୍ରକୋଷ୍ଠ ଖୋଲି ଲୋକଙ୍କୁ ସେବା ଯୋଗାଇବା ନିମନ୍ତେ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଆଗକୁ ଧୀରେ ଧୀରେ ପଞ୍ଜିକରଣ ପାଇଁ ସତନ୍ତ୍ର କାର୍ଯ୍ୟାଳୟ ମଧ୍ୟ କରାଯିବ। ପୂର୍ବରୁ ଜମି ଜମା ପଞ୍ଜିକରଣ ପାଇଁ ୨୫ କିଲୋମିଟର ଦୂର ଗୁଣୁପୁର ଉପଖଣ୍ଡ ଉପ ନିବନ୍ଧନ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ରାମନାଗୁଡ଼ା ବ୍ଲକରେ ଉପ ନିବନ୍ଧନ ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଦୁଧାଳ ଅଭିଷେକ ଦିଲୀପ, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଆଇନଜୀବୀ ସରୋଜ ଦାଶ, ବ୍ଲକ ଉପାଧ୍ୟକ୍ଷା ଜାନକୀ ନିମାଲା, ଗୋଗୁପାଡୁ ସରପଞ୍ଚ ଶୋଭାବତୀ ମାଣ୍ଡାଙ୍ଗି, ଶୁଣ୍ଡିଧାମୁଣି ସମିତି ସଭ୍ୟ କମଳ ମୁଚିକା, ଗୁଲୁମୁଣ୍ଡା ସମିତି ସଭ୍ୟ ସୁରେନ୍ଦ୍ର ମାଣ୍ଡାଙ୍ଗୀ, ପେଣ୍‌କାମ ସମିତି ସଭ୍ୟ ଖମ୍ବେୟା ମାଣ୍ଡାଙ୍ଗୀଙ୍କ ସହ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ରାମନାଗୁଡ଼ାରେ ଜମିଜମା ପଞ୍ଜିକରଣ ବ୍ୟବସ୍ଥା ମଙ୍ଗଳବାର ଏବଂ ଶୁକ୍ରବାର କରାଯିବ ବୋଲି ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ କହିଛନ୍ତି।



ରାମନାଗୁଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଡିଏଲ୍‌ଏସ୍‌ଏର ଆଇନ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାୟଗଡ଼ା,୧।୧୧
(ଆଶିଷ ରଞ୍ଜନ ପଣ୍ଡା)

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ରାୟଗଡ଼ା ବ୍ଲକ ଗୁମ୍ମା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବାର ଆସୋସିଏଶନ ଆଇନଜୀବୀ ବିଶ୍ୱନାଥ ଗନ୍ତାୟତ, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ଶିଶୁ ସୁରକ୍ଷା ଆଇନ, ଶିଶୁମାନଙ୍କ ଆଇନଗତ ଅଧିକାର, ବାଲ୍ୟ ବିବାହ ନିରୋଧ ଆଇନ, ଶିଶୁ ଶ୍ରମିକ ଆଇନ, ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ କିପରି ପୁନର୍ବାର ନାମ ଲେଖାଇବା ବ୍ୟବସ୍ଥା ବିଷୟରେ ପିଲାଙ୍କୁ ଅବଗତ କରାଇଥିଲେ। ଏଥିସହ ସୁନ୍ଦର ଚରିତ୍ର ଓ ଭବିଷ୍ୟତ ଗଠନ ଦିଗରେ ପିଲାଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ଅସୁବିଧା ସମୟରେ ଜିଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ରାୟଗଡ଼ା ବାର ଆସୋସିଏଶନ ଆଇନଜୀବୀ ବିଶ୍ୱନାଥ ଗନ୍ତାୟତ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ସ୍କୁଲ ଛାତ୍ରୀଛାତ୍ର ଓ ଅତିଥିଙ୍କ ଉପସ୍ଥିତି ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା।

# ଗୁମ୍ମା ଘାଟିରେ ଦୁର୍ଘଟଣା, ଜାତୀୟ ରାଜପଥ ଅବରୋଧ

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)



ଘାଟିରେ ଅଟକି ରହିଥିବା ଟ୍ରଲର।

ଗୁମ୍ମା ଘାଟିରେ ଶୁକ୍ରବାର ବିଳମ୍ବିତ ରାତିରେ ମୋଡଣିରେ ଏକ ଟ୍ରଲର ଅଟକି ରହିଥିବା ବେଳେ ତାକୁ ଆଉ ଏକ ମାଲବାହୀ ଟ୍ରକ୍ ଧକ୍କା ଦେବାରୁ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଫଳରେ ରାୟଗଡ଼ା–କୋରାପୁଟ ମଧ୍ୟରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଗୁମ୍ମା ଘାଟିରେ ରାୟଗଡ଼ାରୁ କୋରାପୁଟ ଅଭିମୁଖେ ଯାଉଥିବା ରାତ୍ରୀକାଳୀନ ବସ ସହ ଟ୍ରକ ସବୁ ଲମ୍ବା ଲାଇନରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଘାଟି ରାସ୍ତାରେ ଶୀତ କାକରରେ ବସ୍‌ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ରାସ୍ତା ଉପରୁ ଟ୍ରକ୍‌କୁ ହଟାଇବାରେ ସହାୟତା କରିଥିଲେ। ଦୀର୍ଘ ୪ ଘଣ୍ଟା ପରେ ସେହି ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସେଠାରେ ବାରମ୍ବାର ଏଭଳି ରାସ୍ତା ଜାମ ହେଉଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗର ନିଦ ଭାଙ୍ଗୁନି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଷ୍ଟେଶନରୁ ଗଞ୍ଜେଇ ଜବତ, ପଶ୍ଚିମବଙ୍ଗର ଅଭିଯୁକ୍ତ ଗିରଫ

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)



ଅଭିଯୁକ୍ତ ଅଶ୍ରାଉଲ ମୁଲାଙ୍କୁ ପଚରାଯାଉଛି ।

ରାୟଗଡ଼ା ରେଳ ଷ୍ଟେଶନରୁ ଶୁକ୍ରବାର ରାତିରେ ବିଶାଖାପାଟଣାକୁ ଚାଲାଣ ହେଉଥିବା ପ୍ରାୟ ୮ କେଜି ଗଞ୍ଜେଇ ଜିଆର୍‌ପି ପୋଲିସ ଜବତ କରିଛି। ଏହି ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଜଣକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜିଲା ଶେକାପଡ଼ା ଗ୍ରାମର ଅଶ୍ରାଉଲ ମୁଲା(୨୪) ।

ଜିଆର୍‌ପି ପୋଲିସ ମୁତାବକ ଅଶ୍ରାଉଲ ରେଳ ଷ୍ଟେସନର ୨ନଂ ପ୍ଲାଟଫର୍ମରୁ ନାଗାବଳୀ ଏକ୍ସପ୍ରେସରେ ବିଶାଖାପାଟଣା ଯିବା ପାଇଁ ଅପେକ୍ଷା କରିଥିଲେ। ଜିଆରପି ପୋଲିସର ସନ୍ଦେହ ହେବାରୁ ତାଙ୍କୁ ପଚରାଉଚୁରା କରିଥିଲା। ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଜିଆର୍‌ପି ଅଶ୍ରାଉଲଙ୍କ ବ୍ୟାଗ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେଥିରୁ ୮କେଜି ୬୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଜିଆର୍‌ପି ଅଶ୍ରାଉଲଙ୍କ ନାମରେ ମାମଲା ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ଯାଞ୍ଚବେଳେ ଜିଆର୍‌ପି ଡିଏସ୍‌ପି ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ, ଆଇଆଇସି ବିନୟ କୁମାର ମିଞ୍ଜ, ଏସ୍‌ଆଇ ସନ୍ତୋଷ ପରିଡ଼ା, ଏଏସ୍‌ଆଇ ମାଣିକ ଚନ୍ଦ୍ର ଗୌଡ଼, ବେଲାଲସେନ୍ ହାଲବାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ‘ଅଭ୍ୟକ୍ତ ୪.୦’ରେ ସଭା, ପୁରସ୍କାର ବିତରଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୁଣପୁର,୧।୧୧(ପ୍ରଦୀପ କୁମାର ପାଢ଼ୀ)

## ଜିଆଇଇଟି ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗର ଉତ୍ସବ

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର କମ୍ପ୍ୟୁଟର ସାଇନ୍ସ ବିଭାଗର ଉତ୍ସବ ଅଭ୍ୟକ୍ତ ୪.୦ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁନେ ସ୍ଥିତ କଲେଜ ଅଫ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ଡିନ୍ ଡ ସନ୍ଦୀପ ଏ. ମେଶ୍ରମ୍ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପୁନେସ୍ଥିତ ଜାପାନ ଲାଙ୍ଗୁଏଜ୍ ସର୍ଭିସେସର ଚନ୍ଦ୍ରେସେଖର ରାଠୋର, ବଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ପ୍ରୋ ଚାନ୍ସେଲର ଡ ଲଳିତ ମୋହନ ପଟ୍ଟନାୟକ, କୁଳପତି ଏ. ଭି. ଏନ. ଏଲ. ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ ଡ. କେ.ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଓ ଡ ଡି. ଅନୀଲ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସରେ ରେଜିଷ୍ଟ୍ରାର ଡ ଏନ୍.ଭି.ଜେ ରାଓ, ବିଭାଗର ପ୍ରଫେସର, ଅଧାପିକା, ଅଧାପକ ଛାତ୍ରୀ ଛାତ୍ର ଯୋଗଦେଇଥିଲେ। ଏହି ଉତ୍ସବ ନିମନ୍ତେ ପୂର୍ବରୁ ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଶନିବାର ଉକ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

# ୮ରେ ରାୟଗଡ଼ା, ୧୫ରେ ଗୁଣପୁରରେ ହେବ ରନ୍ ଫର୍ ୟୁନିଟି

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ରନ୍ ଫର ୟୁନିଟି କାର୍ଯ୍ୟକ୍ରମକୁ ନେଇ ଜିଲାରେ ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ ସମସ୍ତ ରୂପରେଖ ପ୍ରସ୍ତୁତି ସରିଥି ବ । ନେଇ ଖବରଦାତା ସମ୍ମିଳନୀରେ ଶନିବାର ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଛନ୍ତି। ନଭେମ୍ବର ୮ରେ ରାୟଗଡ଼ା ସଦରରେ ଏବଂ ୧୫ ତାରିଖରେ ଗୁଣପୁର ସଦରରେ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଶନିବାର ସଦ୍‌ଭାବନା ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶନିବାର ଜିଲାପାଳ ସୂଚନା ଦେଇଛନ୍ତି।

ଉଭୟ ସ୍ଥାନରେ ପ୍ରାୟ ୭ରୁ ୮କିମି ପଦଯାତ୍ରା ଅନୁଷ୍ଠିତ ହେବ। ଏହି ପଦଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ରାୟଗଡ଼ା ସହରର ଅଶୋକ କଲ୍ୟାଣ ମଣ୍ଡପରୁ ପଦଯାତ୍ରା ଆରମ୍ଭ ହୋଇ ନୂଆ ବସଷ୍ଟାଣ୍ଡ, ଫ୍ଲାଏ ଓଭର, ଜିଲାପାଳ ବାସଗୃହ ଦେଇ ରାୟଗଡ଼ା ଅଟୋନମସ୍ କଲେଜରେ ପହଞ୍ଚିବ। ସେଠାରେ ପ୍ରଥମ କାର୍ଯ୍ୟକ୍ରମ ହେବା ନେଇ ଜିଲାପାଳ ସୂଚନା ଦେଇଛନ୍ତି। ଏହାପରେ ମହତାବ ଛକ ଦେଇ ସଂସ୍କୃତି ଭବନରେ ପଦଯାତ୍ରା ପହଥିଲେ ସେଠାରେ ଦ୍ୱିତୀୟ ସଭାକାର୍ଯ୍ୟ ହେବ। ପରେ ସାକ୍ରେଡ ହାର୍ଟ ସ୍କୁଲ ଛକ ଦେଇ ମହିଳା ମହାବିଦ୍ୟାଳୟରେ ତୃତୀୟ ସଭାକାର୍ଯ୍ୟ ଅନୁଷ୍ଠିତ ହେବ। ସେଠାରୁ ରିଂ ରୋଡ଼, ମଝିଘରିଆଣି ମନ୍ଦିର ଛକ, ଅଣ୍ଡରପାସ ରାସ୍ତା ଏବଂ ଏସ୍‌ବିଆଇ ଛକ ଦେଇ ଜିସିଡି ପଡ଼ିଆରେ ପଦଯାତ୍ରା ଶେଷ ହେବା ସହିତ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ଜିଲାପାଳ ସୂଚନା ଦେଇଛନ୍ତି। ସେହିଭଳି ଗୁଣପୁର କଲେଜରୁ ଶୋଭାଯାତ୍ରା ଆରମ୍ଭ ହୋଇ ଏସବିଆଇ ରୋଡ଼, ଉପଜିଲାପାଳ କାର୍ଯ୍ୟାଳୟ, ବାଇପାସ ରାସ୍ତା, ନୂଆ ବସଷ୍ଟାଣ୍ଡ, ମେଡ଼ିକାଲ ଛକ, ହଳଦିଆ ନାଳ ଛକ, ନୂଆ ଗ୍ରାମଦେବୀ ମନ୍ଦିର, କଟିକା ସାହି ଛକ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଦେଇ ଜଗନ୍ନାଥ ମନ୍ଦିର ନିକଟରେ ପଦଯାତ୍ରା ସମାପନ କରାଯାଇ ମୋଟ ୩ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏତଦବ୍ୟତିତ ଅକ୍ଟୋବର ୩୧ରୁ ନଭେମ୍ବର ୨୫ତାରିଖ ମଧ୍ୟରେ ବିଭିନ୍ନ ସ୍କୁଲ, କଲେଜରେ ରଚନା, ଡିବେଟ୍, ପୋଷ୍ଟର ମେକିଂ, ସ୍ଲୋଗାନ ରାଇଟିଂ, ଡ୍ରଇଙ୍ଗ ସହିତ ଡିଜିଟାଲ ପ୍ଲାଟଫର୍ମରେ ରିଲ ମେକିଂ ଏବଂ କୁଇଜ ପ୍ରତିଯୋଗିତା ମଧ୍ୟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ବୈଠକରେ ଆଲୋଚନା କରୁଛନ୍ତି।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

Notice Invitation of Tenders
e-Procurement Notice No.-04/2025-26 on dated 28.10.2025
E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
Nimapara Irrigation Division, Nimapara
OIPR-32097/11/0028/2526

Government of Odisha
Information and Public Relations Department
Lok Sampark Bhawan, Bhubaneswar
No.Z-:
No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ସ୍ୱାମୀଙ୍କୁ ଜେଲ

ନବରଙ୍ଗପୁର,୧।୧୧(ସଦାଶିବ ପ୍ରହରାଜ)

ଛୁରୀରେ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ବିଚାରକରି ନବରଙ୍ଗପୁର ଜିଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଅଭିଯୁକ୍ତ ବେନିରାମ ପୂଜାରୀଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ହେଲେ ଆହୁରି ୨ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କାଙ୍କ ସୂଚନାନୁଯାୟୀ ୨୦୨୫ ମାର୍ଚ୍ଚ ୨୪ରେ ସକାଳୁ ବେନିରାମଙ୍କ ସ୍ତ୍ରୀ ଲିମବତି ଉକ୍ତ ଗାଁରେ ଥିବା ତାଙ୍କ ଭାଇ ଟଙ୍କଧରଙ୍କ ଘରେ ରୋଷଇ କରୁଥିଲେ। ଏହି ସମୟରେ ବେନିରାଭ ଏକ ଛୁରୀରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଲିମବତୀଙ୍କ ପିଠି ଆଉ କାନ୍ଧରେ ଆଘାତ ହୋଇଥିଲା। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଟଙ୍କଧର ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡେପୁଟି ଡିରେକଟର ପ୍ରସିକ୍ୟୁସନ ଶୈଳଜା ପଟ୍ଟନାୟକ ଏହାର ତଦାରଖ କରୁଥିଲେ।

### ବ୍ୟାଙ୍କ, ଡାକଘରେ ସଞ୍ଚୟ କରିବାକୁ ପରାମର୍ଶ

ନବରଙ୍ଗପୁର,୩୧।୧୦(ସଦାଶିବ ପ୍ରହରାଜ)

ଜିଲା ସଞ୍ଚୟ ଓ ଆର୍ଥିକ ସେବା ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅଶୋକ ମେହେଟ୍ଟା ସଭାଗୃହରେ ପାଳନ କରାଯାଇଛି। ଏହି ଅବସରରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶିଖାରାଣୀ ସେଠୀ ସ୍ୱାଗତ ଭାଷଣ ଦେବା ସହ ମିତବ୍ୟୟିତା ଦିବସ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ଜିଲାପାଳ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ ) ବିଶ୍ୱଜିତ ବର୍ମନ୍, ଉପଜିଲାପାଳ ପ୍ରକାଶ ମିଶ୍ର, ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଷ୍ଟାଲ, କୋରାପୁଟ ଡିଭିଜନ ମନୋଜ ନାୟକ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାରେ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସାମିଲ ଦିଗରେ ପଦକ୍ଷେପ, ସେମାନେ କିପରି ଠକାମିର ଶିକାର ନ ହେବେ ସେ ନେଇ ସଚେତନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଅର୍ଥ ନିବେଶ ପାଇଁ ସମସ୍ତ ନାଗରିକମାନଙ୍କୁ ଉପଦେଶ ଦିଆଯାଇଥିଲା। ଡାକଘର ଓ ବ୍ୟାଙ୍କ ଭଳି ନିର୍ଭରଯୋଗ୍ୟ ସ୍ଥାନରେ ସଞ୍ଚୟକରି ନିଜ ଅର୍ଥକୁ ସୁରକ୍ଷିତ ରଖିବାକୁ କୁହାଯାଇଛି। ଡିଜିଟାଲ ବ୍ୟାଙ୍କିଙ୍ଗ୍ ଓ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଆବଶ୍ୟକତା ବିଷୟରେ କୁହାଯାଇଛି। ଶେଷରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

# ସାଧୁତାକୁ ଆୟୁଧକଲେ ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ



ଜିଲାପାଳ ଓ ଅନ୍ୟ ଅତିଥିମାନେ ସାଧୁତାର ଶପଥପାଠ କରୁଛନ୍ତି।

ନବରଙ୍ଗପୁର,୧।୧୧(ସଦାଶିବ ପ୍ରହରାଜ)

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଶୋଭାଯାତ୍ରା, ସଭା**

ନବରଙ୍ଗପୁର ଜିଲା ପ୍ରଶାସନ ଓ ଜିଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ସାଓ୍ୱତା ଓ ସଚ୍ଚୋଟତାର ବାର୍ତ୍ତା ନେଇ ସଚେତନତା ଶୋଭାଯାତ୍ରା ଓ ସଭା କରାଯାଇଛି।

ଏହି ଅବସରରେ ପୂର୍ବାହ୍ନ ୯ଟାରେ ସମୟରେ ସ୍ଥାନୀୟ ଡକ୍ଟର ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହାକୁ ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ପୌରାଧ୍ୟକ୍ଷ କୁନୁ ନାୟକ ଶୁଭାରମ୍ଭ କରିଥିଲେ। ଏସ୍‌ଏଚ୍‌ଜି, ମିଶନ ଶକ୍ତି, ଅଙ୍ଗନଓ୍ୱାଡି କର୍ମୀ, କଲେଜ ଛାତ୍ରୀଛାତ୍ର, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ବିଭାଗୀୟ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମାକରି ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଯାଇଥିଲା।

ଏହା ପରେ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତାଭାବେ ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। ଡିଆଇପିଆର୍‌ଓ ମନୋଜ ବେହେରା ସମସ୍ତଙ୍କୁ ସ୍ୱାଗତକରି ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଲାଞ୍ଚ ଦେଇ ଶୀଘ୍ର କାର୍ଯ୍ୟ କରିବା ମାନସିକତା ଛାଡ଼ିବା, ନିଜ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ବଜାୟ ରଖିବା, ଯୁବସମାଜର ଚରିତ୍ର ଗଠନ ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ, ସ୍ୱଚ୍ଛତା ଓ ସାଧୁତାକୁ ଆୟୁଧ କଲେ ଦୁର୍ନୀତିମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଜିଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ। ସଭାରେ ସମସ୍ତ କର୍ମଚାରୀମାନଙ୍କୁ ବୃତ୍ତିଗତ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଅସତ ଉପାୟରେ ଧନ ଅର୍ଜନକୁ ବର୍ଜନ, ଆଇନ ପାଳନ, ନିଜ ଦାୟିତ୍ୱ ସ୍ୱଚ୍ଛତାର ସହ ସମ୍ପାଦନ, ଲାଞ୍ଚ ନ ନେବା ଆଉ ନ ଦେବା, ଜନସାଧାରଣଙ୍କ ହିତ ପାଇଁ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ପୂର୍ବରୁ ବିଭିନ୍ନ ସ୍କୁଲ ଓ କଲେଜରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉପଆରକ୍ଷୀ ଅଧୀକ୍ଷକ (ଦୁର୍ନୀତି ନିବାରଣ ବିଭାଗ) ନବରଙ୍ଗପୁର ଜୟଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ଶୁଭେନ୍ଦୁ ବେହେରା, ଉପଜିଲାପାଳ ପ୍ରକାଶ ମିଶ୍ର, ସିଡିଏମ୍‌ଓ ଡ. ସନ୍ତୋଷ ପଣ୍ଡା, ବି.ଜେ. କନ୍ଧପାଣି, ଡିଇଓ ଛତ୍ରପତି ସାହୁ, ଆଇଟିଡିଏ ପିଏ ରାଜୀବ କୁମାର ସାହୁ, ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର, ଓକିଲ ସଂଘ ସଭାପତି ସିରାଜ୍ ଅହମ୍ମଦ, ଇ ଓ ମ୍ୟୁନିସିପାଲିଟି ଅଶୋକ କର୍ଣ୍ଣ, ବିଡିଓ ନବରଙ୍ଗପୁର ସୁନୀଲ ଖୁରା, ଡିସିଓ ଘାଷିଆ ହରିଜନ, ଡିପିସି ମିଶନ ଶକ୍ତି ନିରଞ୍ଜନ ଟାଙ୍ଗା ରଙ୍ଗା, ବିଭାଗୀୟ ଅଧିକାରୀ, ଖବରଦାତା, ଭିଜିଲାନ୍ସ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ୧୨ରେ ଏକତା ପଦଯାତ୍ରା

ନବରଙ୍ଗପୁର,୧।୧୧(ସଦାଶିବ ପ୍ରହରାଜ)

**ଜିଲାସ୍ତରୀୟ ଏକତା ପଦଯାତ୍ରା ପ୍ରସ୍ତୁତି ବୈଠକ**

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମତିଥିରେ ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରୀତି ର ବାର୍ତ୍ତା ପ୍ରସାର ଓ ତାଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଜିଲାରେ ଏକତା ପଦଯାତ୍ରା ୧୨ ତାରିଖରେ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କରାଯାଇଛି। ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପ ଜିଲାପାଳ ପ୍ରକାଶ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି କୁଞ୍ଜ ବିହାରୀ ଦାସ, ଜିଲା କ୍ରୀଡ଼ା ଅଧିକାରୀ ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନବରଙ୍ଗପୁର ଓ ଉମରକୋଟରେ ଏହି ପଦଯାତ୍ରା କରାଯିବ। ନଭେମ୍ବର ୧୨ରେ ଏକତା ପଦଯାତ୍ରା ପାପଡ଼ାହାଣ୍ଡିସ୍ଥିତ ଶହୀଦ ସ୍ତମ୍ଭରୁ ବାହାରି ପ୍ରାୟ ୧୨ କିମି ଯାତ୍ରା କରି ନବରଙ୍ଗପୁର ସର୍କିଟ ହାଉସ ସମ୍ମୁଖ ପଡ଼ିଆରେ ପହଞ୍ଚିବ। ସେଭଳି ଉମରକୋଟ ବ୍ଲକ ବଡ଼ଭରଣ୍ଡିସ୍ଥିତ ବଗାପୂଜାରୀ ଶହୀଦ ସ୍ତମ୍ଭରୁ ପ୍ରାୟ ୧୦ କିମି ଯାତ୍ରା କରି ପଦଯାତ୍ରା ଡିଏନ୍‌କେ ପଡିଆ ପର୍ଯ୍ୟନ୍ତ ଯିବ। 'ସର୍ଦ୍ଦାର ପଟେଲ ଓ ଦେଶର ଏକତା' ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସ୍ଲୋଗାନ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ସ୍ୱତନ୍ତ୍ର ସଫେଇ ଅଭିଯାନ, ପଦଯାତ୍ରା ପାଇଁ ନିର୍ଦ୍ଧାରିତ ରୁଟ୍‌ରେ ବ୍ୟାପକ ବ୍ୟବସ୍ଥା ଓ ସୁରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ରୁଟ୍‌ରେ ଭିଡ ନିୟନ୍ତ୍ରଣ, ପ୍ରଦର୍ଶନୀ ଷ୍ଟଲ, ପାନୀୟ ଜଳ, ଖାଦ୍ୟ ବ୍ୟବସ୍ଥା, ଆମ୍ବୁଲାନ୍ସ, ମାଇ ଭାରତ କିଓସ୍କ, ସଭାର ଆୟୋଜନ, ଆତ୍ମନିର୍ଭର ଭାରତ ଓ ନିଶା ମୁକ୍ତି ଉପରେ ଶପଥ ପାଠ, ଆବର୍ଜନା ସଫା ପାଇଁ ଯୁବ ସ୍ୱେଚ୍ଛାସେବୀ ଏଭଳି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ବିଭାଗୀୟ ଅଧିକାରୀ ଏହାର ଦାୟିତ୍ୱ ତୁଲାଇବେ। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ପରାମର୍ଶ ଅନୁସାରେ ଏହି ପଦଯାତ୍ରା ଓ ଅନ୍ୟ କାର୍ଯ୍ୟକ୍ରମ କରାଯିବ। ବୈଠକରେ ଡିଇଓ ଛତ୍ରପତି ସାହୁ, ଡିଡବ୍ଲ୍ୟୁଓ ରବୀନ୍ଦ୍ର ପାଲକା, ଡିଆଇପିଆର୍‌ଓ ମନୋଜ ବେହେରା, ନିର୍ବାହୀ ଅଧିକାରୀ ପୌରପାଳିକା ଅଶୋକ କର୍ଣ୍ଣ, ଡିସିଓ ଘାଷିଆ ହରିଜନଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଓ ଖବରଦାତାମାନେ ଉପସ୍ଥିତ ଥିଲେ।

## ଉମରକୋଟ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଉମରକୋଟ, ୧।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ନୋଡାଲ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉମରକୋଟ ବିଡିଓ ମନୋଜ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉମରକୋଟ ଏବିଇଓ ସୁଶିଳା ଯୋଦ୍ଧାର, ପୁରୁଷୋତମ ମାଝୀ, ବିଆର୍‌ସିସି ଦେବେନ୍ଦ୍ର କୁମାର ବାଗ ଯୋଗ ଦେଇଥିଲେ। ମୋ ସ୍ୱପ୍ନର ଓଡ଼ିଶା ୨୦୩୬ ମୁଖ୍ୟ ପ୍ରସଙ୍ଗ ଉପରେ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗୀ ମନୋଭାବକୁ ଅତିଥିମାନେ ପ୍ରଶଂସା କରିଥିଲେ। ଚତୁର୍ଥରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ମାନେ ଏଥିରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ଏମ୍‌ପି ପ୍ରତିନିଧି ରାମକୃଷ୍ଣ ନାୟକ, ପୌରାଧ୍ୟକ୍ଷା ରାଧା ଭତ୍ରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶିଳା ମାଝୀ ଓ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଏବିଇଓ ପୁରୁଷୋତ୍ତମ ମାଝୀ, ଦେବେନ୍ଦ୍ର ବାଘ , ସୁଶିଳା ଯୋଦ୍ଧାର ପ୍ରମୁଖ ଯୋଗ ଦେଇଥିଲେ। ଈଶ୍ୱର ଚନ୍ଦ୍ର ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲାସ୍ତର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବନ୍ଧଗୁଡ଼ା ପ୍ରାଥମିକ ବିଦ୍ୟାଳୟ ସାଂସ୍କୃତିକ ଦଳ ଜିଲାସ୍ତରକୁ ମନୋନୀତ ହୋଇଥିଲା। ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସମସ୍ତ ଦାୟିତ୍ୱ ତୁଲାଇଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## ଆର୍ଥିକ, ସାମାଜିକ ପ୍ରଗତିରେ ଦୁର୍ନୀତି ଅନ୍ତରାୟ

କୋଡ଼ିଙ୍ଗା, ୧।୧୧(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୱାଇଆର୍‌ସି ଓ ରେଡ୍ ରିବନ କ୍ଲବ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶନିବାର ଏକ କାର୍ଯ୍ୟକ୍ରମ କରାଯାଇଛି। ଅଧ୍ୟକ୍ଷା ଅମିତା ରାୟ ମୁଖ୍ୟ ଅତିଥି, ଅଧ୍ୟାପକ ବିବେକ ମହାଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୱାଇଆର୍‌ସି ଜିଲା ସଂଯୋଜକ ତଥା ଅନୁଷ୍ଠାନର ରେଡ୍‌କ୍ରସ ଅଧିକାରୀ ଅଖିଳ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ର ଓ ଅନୁଷ୍ଠାନ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏହାପରେ ସତର୍କତା – ଆମର ମିଳିତ ଦାୟିତ୍ୱ ଶୀର୍ଷକ ଆଲୋଚନା ଚକ୍ର କରାଯାଇଛି। ଦେଶର ଆର୍ଥିକ, ସାମାଜିକ ପ୍ରଗତି କ୍ଷେତ୍ରରେ ଦୁର୍ନୀତି ଏକ ଅନ୍ତରାୟ। ଏହାର ମୂଳୋତ୍ପାଟନ ପାଇଁ ଯୁବସମାଜ ସତର୍କ ଏବଂ ସଚେତେନ ହେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

## ବିଭିନ୍ନ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ


ଦୋକାନରେ ଚଢ଼ାଉ କରାଯାଉଛି।

ପାପଡ଼ାହାଣ୍ଡି, ୧।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦରର ବିଭିନ୍ନ ଦୋକାନ ଉପରେ ଶନିବାର ଚଢ଼ାଉ ସହ ଜରିମାନା ଆଦାୟ କରାଯାଇଛି। ଅବକାରୀ, ଡ୍ରଗ ଇନ୍ସପେକ୍ଟର, ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ମିଳିତଭାବେ ଚଢ଼ାଉ କରିଥିଲେ। ଦୋକାନରେ ରଖା ଯାଇଥିବା ଗୁଟୁଖା, ପାନ ମସଲା, ଖାଦ୍ୟର ମାନ ଓ ଅବଧି ଆଦି ଯାଞ୍ଚ କରାଯାଇଥିଲା। ଏହି ସମୟରେ ନିୟମ ଖିଲାପ ଅଭିଯୋଗରେ ୩୨୦୦/- ଟଙ୍କା ଜରିମାନା ଆଦାୟ କରାଯାଇଛି। ଦୋକାନୀମାନଙ୍କୁ ସଚେତନ କରାଯାଇଥିଲା। ଏହି ଚଢ଼ାଉରେ ଏଫ୍‌ଏସ୍‌ଓ ଅରୁଣ କୁମାର ମହାରଣା, ଡ୍ରଗ ଇନ୍ସପେକ୍ଟର ଧରିତ୍ରୀ ଶବର, ଅବକାରୀ ଅଧିକାରୀ ସମୀର କୁମାର ସ୍ୱାଇଁ,ପୋଲିସ ଏଏସ୍‌ଆଇ ଶରତ ଚନ୍ଦ୍ର କୁଟ୍ରିକା ପ୍ରମୁଖ ସାମିଲ ଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଝରିଗାଁ, ୧।୧୧(କିଶୋର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ସମରଚଚରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମିଶ୍ର ଶୁକ୍ରବାର ଅବସର ନେଇଛନ୍ତି। ତାଙ୍କୁ ଝରିଗାଁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଅବସର ପ୍ରମାଣପତ୍ର ସହ ଫାଇନାଲ ପେନସନ ପେପର ପ୍ରଦାନ କରାଯାଇଥିଲା। ଝରିଗାଁ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସେକ୍ସନ ଅଫିସର ସଞ୍ଜୀବ କୁମାର ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଗୌରୀଶଙ୍କର ପଣ୍ଡା, ଉପଦେଷ୍ଟା ସୁରେନ୍ଦ୍ର ନାୟକ, ଉପସଭାପତି କୁଶନାଥ ଭତ୍ରା, ସହସମ୍ପାଦକ ରତିକାନ୍ତ ଶବର, କୋଷାଧ୍ୟକ୍ଷ ମାନସିଂହ ପୂଜାରୀ, ସରିତା ମହାନ୍ତି, କଇନ୍ତା ପୂଜାରୀ, ଭଗ୍ୟଲତା ପଣ୍ଡା, ତିଲୋତ୍ତମା ମାଝୀ, ଲାବଣ୍ୟ ମାଝୀ, ମାର୍କଣ୍ଡ ମାଳି, ଘାସିଆ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ


ଜେସିବି ଦ୍ୱାରା ଘର ଭଙ୍ଗାଯାଉଛି।

ଉମରକୋଟ, ୧।୧୧(ସନ୍ତୋଷ ଶତପଥୀ)

ଭାରତମାଳା ପ୍ରକଳ୍ପ ଅଧୀନରେ ନିର୍ମାଣ କାର୍ଯ୍ୟ ଚାଲିଛି। ରାଇପୁରଠାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ଲେନ୍ ବିଶିଷ୍ଟ ରାସ୍ତା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ଉମରକୋଟ ସହର ନିକଟସ୍ଥ ଅଧିକାରୀଗୁଡା ଗ୍ରାମରେ ପ୍ରକଳ୍ପ ପକ୍ଷରୁ ଏକ ଇଣ୍ଟେର ଚେଞ୍ଜ ପାଇଁ ବ୍ୟବସ୍ଥା ରହିଛି। ଯାହା ଫଳରେ କି ଏହି ପଏଣ୍ଟ ଦେଇ ଲୋକେ ରାଇପୁର କି ବିଶାଖାପାଟଣାକୁ ଯିବା ପାଇଁ ଜାତୀୟ ରାଜପଥକୁ ଉଠି ହେବ କିମ୍ବା ଓହ୍ଲାଇ ହେବ। ଏଥିପାଇଁ ରାସ୍ତା ପ୍ରଶସ୍ତିକରଣ କରାଯାଉଛି। ଉମରକୋଟ ପ୍ରଶାସନ ପକ୍ଷରୁ ଶନିବାର ଅଧିକାରୀଗୁଡା ଗ୍ରାମର ଉଭୟ ପାର୍ଶ୍ୱରେ ଥିବା କିଛି ଜବରଦଖଲକୁ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ତହସିଲଦାର ମେଗବାନ ବାଗ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଉମରକୋଟ ଥାନାଧିକାରୀ ରମାକାନ୍ତ ସାଇ, ଏସ୍‌ଆଇ ଶିବଜି ପଣ୍ଡା, ଅକ୍ଷୟ ମିଶ୍ର ଏବଂ ପୋଲିସ ଉପସ୍ଥିତରେ ଏହି ଉଚ୍ଛେଦ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ଅଧିକାରୀଗୁଡ଼ା ଗ୍ରାମରେ ବର୍ତ୍ତମାନ ଜବରଦଖଲ କାର୍ଯ୍ୟ ସମାପ୍ତ ହୋଇ ଯାଇଛି ବୋଲି ଉମରକୋଟ ତହସିଲଦାର ମେଗବାନ ବାଗ ସୂଚନା ଦେଇଛନ୍ତି।

ପୂର୍ବରୁ ଉମରକୋଟ ତହସିଲ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଓ ଘର ମାଲିକଙ୍କୁ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା। ତେବେ ଘର ଓ ଦୋକାନ ମାଲିକମାନେ ଜାଗା ଖାଲି କରି ନ ଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ୨୬ ଘର ଓ ଦୋକାନକୁ ଶନିବାର ଭଙ୍ଗାଯାଇଛି। ଉଚ୍ଛେଦ ପ୍ରକ୍ରିୟା ସମୟରେ କିଛି ଦୋକାନୀ ଓ ଘର ମାଲିକ ସମୟ ମାଗି ନିଜର ଜିନିଷ ପତ୍ର କାଢି ଅନ୍ୟତ୍ର ନେଇଯାଇଥିଲେ। ପ୍ରକାଶ ଯେ, ଅଧିକାରୀଗୁଡ଼ା ଗ୍ରାମର କେତେଜଣ ସରକାରୀ ଜମିରେ ଜବର ଦଖଲ କରି ଘର ତିଆରି କରି ରହୁଥିଲେ।

## ମାସେ ହେବ ଠିକ୍‌ରେ ମିଳୁନି ଗ୍ୟାସ୍, ଉପଭୋକ୍ତା ହନ୍ତସନ୍ତ

ନବରଙ୍ଗପୁର,୧।୧୧(ସଦାଶିବ ପ୍ରହରାଜ)

**ବାହାରେ ଚଢ଼ା ଦରରେ କଳାବଜାର କରାଯାଉଥିବା ଅଭିଯୋଗ**

ରନ୍ଧନ ଗ୍ୟାସ୍ ପାଇଁ ଜନସାଧାରଣ ହଟହଟା। ଏକ ମାସ ହେବ ଠିକ୍ ସମୟରେ ଗ୍ୟାସ୍ ମିଳୁନାହିଁ। ଅନ୍‌ଲାଇନ ବୁକିଂ ହେଉ କିମ୍ବା ଅଫ୍‌ଲାଇନ ଗ୍ୟାସ୍ ପାଇଁ ଦୌଡ଼ି ଦୌଡ଼ି ଗ୍ରାହକ ହନ୍ତସନ୍ତ ହେଉଥିବାବେଳେ କିନ୍ତୁ ବାହାର ବଜାରରେ ଗ୍ୟାସ୍ ସିଲିଣ୍ଡର ୧୫ଶହ ଟଙ୍କାରେ ବିକ୍ରି ହେଉଥିବା କେତେଜଣ ଖାଉଟି ଅଭିଯୋଗ କରିଛନ୍ତି। ନବରଙ୍ଗପୁର ମାଁ ଭଣ୍ଡାର ଘରଣୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିରେ ଏଭଳି ସମସ୍ୟା ହେଉଥିବା ଖାଉଟି ଅଭିଯୋଗ ଆଣିଛନ୍ତି। ତେବେ ଶନିବାର ଗୋଦାମ ସମ୍ମୁଖରେ ହିତାଧିକାରୀ ନିଜ ନିଜ ଗ୍ୟାସ୍ ସିଲିଣ୍ଡର ପାଇଁ ଲମ୍ବା ଲାଇନ କରି ରହିଥିଲେ। କିନ୍ତୁ ସେମାନଙ୍କୁ ସିଲିଣ୍ଡର ମିଳି ନ ଥିଲା। ଦିନ ଓ ତାରିଖ ଦେଉଛନ୍ତି, କିନ୍ତୁ ଗ୍ୟାସ୍ ଦେଉନାହାନ୍ତି ବୋଲି ଖାଉଟିମାନେ ଅଭିଯୋଗ କରିଛନ୍ତି।

ମାଁ ଭଣ୍ଡାରଘରଣୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିର ପ୍ରାୟ ୩୫ ହଜାରରୁ ଅଧିକ ଉପଭୋକ୍ତା ରହିଛନ୍ତି। ମାସକୁ ପ୍ରାୟ ୮ ହଜାରରୁ ୯ ହଜାର ମଧ୍ୟରେ ଗ୍ୟାସ୍ ସିଲିଣ୍ଡର ଖାଉଟିଙ୍କ ନିକଟଙ୍କୁ ଯାଉଛି। ତେବେ ୧ ମାସ ହେବ ଗ୍ୟାସ୍ ଯୋଗାଣରେ ବ୍ୟତିକ୍ରମ ଘଟିଛି। ଗ୍ୟାସ୍ ରିଫିଲ ସିଲିଣ୍ଡର ପାଇଁ ବୁକିଂ କଲେ ମଧ୍ୟ ମିଳୁନାହିଁ। ଅକ୍ଟୋବର ୨୮ ଓ ୨୯ ତାରିଖରେ ଗୋଦାମକୁ ଗ୍ୟାସ୍ ଆସିଥିଲେ ମଧ୍ୟ ଖାଉଟି ଗ୍ୟାସ୍ ନ ପାଇ ଫେରିବାକୁ ବାଧ ହୋଇଛନ୍ତି। ଅକ୍ଟୋବର ମାସରେ ୧୩ ଗ୍ୟାସ୍ ଲୋଡ୍ ଟ୍ରକ୍ ଆସିଥିଲା। ପ୍ରତି ଟ୍ରକ୍‌ରେ ୩୪୧ ସିଲିଣ୍ଡର ଆସିଥାଏ। ଉପଭୋକ୍ତା ରମେଶ କୁମାର ବେହେରା କହିଛନ୍ତି, ୨୮ ଓ ୨୯ ତାରିଖରେ ଗ୍ୟାସ୍ ପାଇଁ ସକାଳ ୯ଟାରେ ପହଞ୍ଚିଥିଲେ। କିନ୍ତୁ ଗ୍ୟାସ୍ ନାହିଁ କହି ଫେରାଇଦେଲେ। ଶନିବାର ଆସିବାରୁ ଗ୍ୟାସ୍ ଗାଡି ଆସୁନାହିଁ ବୋଲି କହୁଥିବା ସେ ଅଭିଯୋଗ କରିଛନ୍ତି। ନିହାର ମହାନ୍ତି କହିଛନ୍ତି, ଗ୍ୟାସ୍ ପାଇଁ ବୁକ୍ କଲେ ଘରକୁ ପହଞ୍ଚୁ ଥିଲା। ମାସେ ହେବ ଗ୍ୟାସ୍ ମିଳୁନାହିଁ। କର୍ମଚାରୀମାନେ ବାହାରେ ୧୫ଶହ ଟଙ୍କାରେ କଳାବଜାର କରି ବିକୁଥିବା ସେ ଅଭିଯୋଗ କରିଛନ୍ତି। ଯଦି ଗ୍ୟାସ୍ ନାହିଁ ତେବେ କିଭଳି ଭାବେ ବାହାରେ ଗ୍ୟାସ୍ ଚଢ଼ା ଦରରେ ବିକ୍ରି ହେଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି। କହ୍ନେଇ ଭତରା ଓ ଚନ୍ଦ୍ରଶେଖର ସୁନା କହିଛନ୍ତି, ୫ ଦିନ ହେବ ଗ୍ୟାସ୍ ପାଇଁ ଗୋଦାମକୁ ଆସି ଫେରିବାକୁ ପଡ଼ିଛି। ଶନିବାର ଗ୍ୟାସ୍ ମିଳିବ ବୋଲି କହିଥିଲେ, କିନ୍ତୁ ଏଯାଏ ଗ୍ୟାସ୍ ଆସିନାହିଁ ବୋଲି କହିଛନ୍ତି। ବାହାରେ ୧୫ ଶହ ଟଙ୍କାରେ ଗ୍ୟାସ୍ ବିକ୍ରି ହେଉଛି ବୋଲି ସେ ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ଉକ୍ତ ଗ୍ୟାସ୍ ଏଜେନ୍ସି ଆକାଉଣ୍ଟାଣ୍ଟ ଜି. ମୋହନ ରାଓଙ୍କୁ ପଚାରିବାରୁ ଗ୍ୟାସ୍ ପରିବହନ ଟ୍ରକ୍‌ଗୁଡ଼ିକର ଚୁକ୍ତିନାମା ସରିଯାଇଥିବା, ନୂଆ ଟ୍ରକ୍‌ଗୁଡିକ ଠିକ୍ କରାଯାଇ ଗ୍ୟାସ୍ ରାୟଗଡ଼ାରୁ ଆସୁଛି। ତେବେ ରାସ୍ତାରେ ଟ୍ରକ୍ ଅଟକି ଯାଇଥିବାରୁ ଗ୍ୟାସ୍ ସିଲିଣ୍ଡର ବିତରଣରେ ସମସ୍ୟା ଦେଖାଦେଇଛି। ବାହାରେ ୧୫ ଟଙ୍କାରେ ଗ୍ୟାସ୍ ବିକ୍ରି ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଗ୍ୟାସ୍ ସିଲିଣ୍ଡର କମ୍ ପରିମାଣରେ ଆସିବା ଦ୍ୱାରା ବିତରଣରେ ସମସ୍ୟା ହେଉଛି ବୋଲି ସେ କହିଥିଲେ।


ଶନିବାର ଗ୍ୟାସ୍ ନେବାପାଇଁ ଗୋଦାମ ଆଗରେ ଉପଭୋକ୍ତାଙ୍କ ଲମ୍ବା ଧାଡ଼ି।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

Notice Invitation of Tenders
e-Procurement Notice No.-04/2025-26 on dated 28.10.2025
E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : **18.11.2025 at 11.00 A.M.**
Date of lottery : **25.11.2025 at 11.30 A.M.**
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
OIPR-32097/11/0028/2526 Nimapara Irrigation Division, Nimapara

Government of Odisha No.Z-:
Information and Public Relations Department
Lok Sampark Bhawan, Bhubaneswar
No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.

Sd./-
DIRECTOR
OIPR-15001/11/1249/2526

# ଡିଜିଟାଲ୍ ସନ୍‌ସେଟ୍

**ପ୍ରତିଦିନ ସୂର୍ଯ୍ୟାସ୍ତ ପରେ ବା ରାତିରେ ଶୋଇବାର କିଛି ଘଣ୍ଟା ପୂର୍ବରୁ ଡିଜିଟାଲ୍ ଗ୍ୟାଜେଟ୍‌ଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିବାର ଅଭ୍ୟାସକୁ ଡିଜିଟାଲ୍ ସନ୍‌ସେଟ୍ କୁହାଯାଏ, ଯାହାକି ମଣିଷକୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ସୁସ୍ଥ ରହିବା ଲାଗି ସମସ୍ତେ ବିଶେଷକରି ଯୁବପିଢ଼ି ଏହି ଉପାୟ ଆପଣାଇବା ଦରକାର...**





ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଦିନ ହେଉ ଅବା ରାତି, ସବୁ ସମୟରେ ମୋବାଇଲ୍ ଓ ଲାପ୍‌ଟପ୍ ଆଦି ଇ-ଗ୍ୟାଜେଟ୍ ବ୍ୟବହାର କରିବା ଯେମିତି ଏକ ନିଶାରେ ପରିଣତ ହୋଇଯାଇଛି। ଯାହା ବିନା କିଛି ସମୟ ବିତାଇବା ଯେମିତି ସେମାନଙ୍କ ପାଇଁ ଅସମ୍ଭବ ପାଲଟିଯାଇଛି। ହେଲେ ଏହାର ଅଧିକ ବ୍ୟବହାର ସେମାନଙ୍କ ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି, ଯେଉଁଥିରୁ ଦୂରେଇ ରହିବା ଲାଗି ବର୍ତ୍ତମାନ ଅନେକଙ୍କ ପାଇଁ ଡିଜିଟାଲ୍ ସନ୍‌ସେଟ୍ ଏକ ଭଲ ଉପାୟ ପାଲଟିଛି। ଜାଣନ୍ତୁ ଏହା କ'ଣ ଏବଂ ଏହାର କେଉଁ ସବୁ ଉପକାରିତା ରହିଛି...

➔ ଅସ୍ତ ପରେ ସୂର୍ଯ୍ୟ ଆଲୋକ ଚାଲିଯାଏ ଏବଂ ରାତିର ଅନ୍ଧାର ଆସିଯାଏ। ଆଉ ଏହି ସମୟରେ କୌଣସି କୃତ୍ରିମ ଡିଜିଟାଲ୍ ଗ୍ୟାଜେଟ୍‌ର ଆଲୋକଠାରୁ ନିଜକୁ ଦୂରେଇ ରଖିବା ବା ଏହାକୁ ଅସ୍ତ କରିଦେବା ବିଚାରଧାରାକୁ ନେଇ ଏହି ଉପାୟର ନାମ ଡିଜିଟାଲ୍ ସନ୍‌ସେଟ୍ ରଖାଯାଇଛି।

➔ ଦୀର୍ଘ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ବିଶେଷକରି ରାତିରେ ବ୍ୟବହାର କରିବା ଦ୍ୱାରା ଏଥିରୁ ନିର୍ଗତ ହେଉଥିବା ନୀଳ ରଶ୍ମି(ବ୍ଲୁ ରେ) ଆମ ମସ୍ତିଷ୍କକୁ ପ୍ରଭାବିତ କରିଥାଏ, ଯାହାକି ନିଦ ପାଇଁ ଆବଶ୍ୟକ ହେଉଥିବା ମେଲାଟୋନିନ୍ ହରମୋନ୍ କ୍ଷରଣକୁ ହ୍ରାସ କରିଦେଇଥାଏ।

➔ ମେଲାଟୋନିନ୍ କମ୍ କ୍ଷରଣ ହେବା କାରଣରୁ ଭଲ ଭାବେ ଏବଂ ଠିକ୍ ସମୟରେ ନିଦ ହୋଇ ନ ଥାଏ। ନିଦର ଗୁଣବତ୍ତା ଖରାପ ହୋଇଥାଏ। ଫଳସ୍ୱରୂପ ପରବର୍ତ୍ତୀ ଦିନରେ ଥକା ଲାଗିବା, ମୁଣ୍ଡ ବୁଲାଇବା, କାର୍ଯ୍ୟକ୍ଷମତା ହ୍ରାସ ପାଇବା ଭଳି ଲକ୍ଷଣ ଦେଖାଦେଇଥାଏ।

➔ ରାତିରେ ଅଧିକ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଯୋଗୁ ନିଦ ବାଧାପ୍ରାପ୍ତ ହୋଇଥାଏ। ଫଳରେ ବିରକ୍ତି ଏବଂ ଚିଡ଼ିଚିଡ଼ା ଲାଗିବା କିମ୍ବା ମାନସିକ ଚିନ୍ତା, ଅବସାଦ ଭଳି ସମସ୍ୟା ବି ଉପୁଜିଥାଏ।

➔ ରାତିରେ ଅଧିକ ସମୟ ଇ-ଗ୍ୟାଜେଟ୍ ବ୍ୟବହାର କଲେ ଏହାର ଲାଇଟ୍ ଆଖି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଫଳରେ ଆଖି ଲାଲ୍ ପଡ଼ିବା, କୁଣ୍ଡେଇ ହେବା, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ସମସ୍ୟା ଉପୁଜିଥାଏ।

**କିପରି କରିବେ:**

★ ମୋବାଇଲ୍ ଏବଂ ଅନ୍ୟ ଡିଜିଟାଲ୍ ଗ୍ୟାଜେଟ୍‌ଠୁ ଦୂରେଇ ରହିବା ଲାଗି ସର୍ବପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ରଖି ପୁନର୍ବାର ଏହାକୁ ବ୍ୟବହାର କରିବା ଦ୍ୱାରା କୌଣସି ସୁଫଳ ମିଳି ନ ଥାଏ। ତେଣୁ ପ୍ରତିଦିନ ସଂଧ୍ୟା ପରେ କିମ୍ବା ଶୋଇବାର ୨-୩ ଘଣ୍ଟା ପୂର୍ବରୁ ଏସବୁଠାରୁ କିପରି ଦୂରେଇ ରହିବେ, ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।

★ କେବଳ ପଢ଼ିବା ପାଇଁ କିମ୍ବା କୌଣସି ଅତ୍ୟାବଶ୍ୟକ ଅନ୍‌ଲାଇନ୍ କାର୍ଯ୍ୟ ନ ଥିଲେ ମୋବାଇଲ୍ ଓ ଲାପ୍‌ଟପ୍ ଆଦିଠୁ ସମ୍ପୂର୍ଣ୍ଣ ଦୂରରେ ରଖନ୍ତୁ। ଧୀରେ ଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

★ ଏହି ସମୟରେ ଫୋନ୍‌ର ନୋଟିଫିକେଶନ୍ ଅଫ୍ କରିଦିଅନ୍ତୁ। ନଚେତ୍ ବାରମ୍ବାର ଏଥିପାଇଁ ଆସୁଥିବା ପପ୍‌ଅପ୍ ଏବଂ ସାଉଣ୍ଡ ମନକୁ ଡିଷ୍ଟର୍ବ କରିପାରେ। ନୋଟିଫିକେଶନ୍ ନ ଆସିବା ଲାଗି ଫୋନର ଡାଟା ଅଫ୍ ରଖିବା ସବୁଠୁ ଭଲ ଉପାୟ। ଏହାଦ୍ୱାରା କେବଳ କଲ୍ ଆସିଲେ ଉଠାଇ ପାରିବେ।

★ ପ୍ରଥମେ ପ୍ରଥମେ ଡିଜିଟାଲ୍ ଗ୍ୟାଜେଟ୍‌ଠୁ ଦୂରେଇବା କଷ୍ଟ ହୋଇପାରେ ହେଲେ ଅସମ୍ଭବ ନୁହେଁ। ତେଣୁ ସଂଧ୍ୟା ପରେ ଯଦି ଛାତ୍ରୀଛାତ୍ର ହୋଇଥାନ୍ତି ତେବେ ପଢା ପାଇଁ ଅଧିକ ସମୟ ଦିଅନ୍ତୁ। ଏହାପରେ ପରିବାର ସହ କ୍ଲାସି ଟାଇମ୍ ବିତାନ୍ତୁ, ଏକାଠି ବସି ଖାଆନ୍ତୁ, ନିଜ ପସନ୍ଦର ବହି ପଢନ୍ତୁ, ପେଣ୍ଟିଂ କିମ୍ବା ଅନ୍ୟ କୌଣସି ରୁଚି ଥିଲେ ଏଥିପାଇଁ କିଛି ସମୟ ଦିଅନ୍ତୁ, ଯୋଗ, ବ୍ୟାୟାମ ଆଦି କରନ୍ତୁ, ହଷ୍ଟେଲ୍ କିମ୍ବା ମେସ୍‌ରେ ରହୁଥିଲେ ସାଙ୍ଗସାଥିଙ୍କ ସହ ଗପ୍‌ସପ୍ କରନ୍ତୁ।

## କ'ଣ ରହିଛି ଉପକାରିତା

❖ ଆଜିକାଲି ଯୁବପିଢ଼ି ରାତିବେଳା ଫୋନ୍, ଲାପଟପ୍ ଆଦି ଇ-ଗ୍ୟାଜେଟ୍‌କୁ ପାଠପଢ଼ା ବ୍ୟତୀତ ସୋସିଆଲ୍ ମିଡିଆଠୁ ଆରମ୍ଭ କରି ଗେମିଂ ଓ ଅନ୍ୟ ଆପ୍ ବ୍ୟବହାର କରିବା ଲାଗି ଅଧିକ ସମୟ ଦେଉଛନ୍ତି। ହେଲେ ରାତିରେ ଆଦୌ ଏସବୁ ବ୍ୟବହାର ନ କରିବା ଦ୍ୱାରା ମନ ସ୍ଥିର ହୋଇଥାଏ ଏବଂ ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ।

❖ ରାତିରେ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କଲେ ମେଲାଟୋନିନ୍ ହରମୋନ୍ କ୍ଷରଣ ଠିକ୍ ଭାବେ ହୋଇ ନିଦ ଭଲ ଭାବେ ପୂରା ହୋଇଥାଏ। ଫଳରେ ମସ୍ତିଷ୍କକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳିଥାଏ, ଫଳରେ ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ମଣିଷ ଫିଟ୍ ରହିଥାଏ।

❖ ଡିଜିଟାଲ୍ ସନ୍‌ସେଟ୍ ଦ୍ୱାରା ସ୍କ୍ରିନ୍ ଟାଇମ୍ କମ୍ ହେବା ଯୋଗୁ ଆଖିକୁ ରେଷ୍ଟ ମିଳିଥାଏ, ଯାହାକି ବ୍ଲର ଆଇ ଭିଜନ୍, ରେଡ୍ ଆଇ, ଡ୍ରାଏ ଆଇ ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟାଠୁ ଦୂରେଇ ରଖିଥାଏ।

❖ ଏହି ଉପାୟ ଆପଣେଇଲେ ଅଧିକ ସମୟ ଇ-ଗ୍ୟାଜେଟ୍ ବ୍ୟବହାର ପାଇଁ ବସିବା ପୋଷ୍ଚର ଖରାପ ହେବା ଯୋଗୁ ହେଉଥିବା କାନ୍ଧ, ବେକ ଆଦି ବିନ୍ଧା ଭଳି କେତେକ ସମସ୍ୟାଠୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।









## ଏ ସପ୍ତାହର ପ୍ରଶ୍ନ ?

୧- ସାଇଲେଣ୍ଟ ଭ୍ୟାଲି ନ୍ୟାଶନାଲ୍ ପାର୍କ .......... ରାଜ୍ୟରେ ଅବସ୍ଥିତ ?
୨- ଗ୍ଲୋବାଲ୍ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ସର୍ଭିଲାନ୍ସ ରିପୋର୍ଟ ୨୦୨୫ ........ ପକ୍ଷରୁ ପ୍ରକାଶ ପାଇଛି ?
୩- ଏକ୍ସରସାଇଜ୍ ଓସିଆନ୍ ସ୍କାଏ ୨୦୨୫ .......... ଦେଶରେ ଆୟୋଜିତ ହୋଇଛି ?
୪- ନାୟିଙ୍ଗ୍ ହାଇଡ୍ରୋଇଲେକ୍‌ଟ୍ରିକ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୫- ଷ୍ଟର୍ମ ଶ୍ୟାଡୋ ମିଶାଇଲ୍ ଦୁଇ ଦେଶ ୟୁନାଇଟେଡ୍ କିଙ୍ଗ୍‌ଡମ୍ ଏବଂ .......... ର ମିଳିତ ଉଦ୍ୟମରେ ନିର୍ମିତ ହୋଇଛି ?

## ଗତ ଥରର ଉତ୍ତର

୧ ଜମ୍ମୁ-କାଶ୍ମୀର
୨ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଅର୍ଗାନାଇଜେଶନ୍
୩ ଇଟାଲୀ
୪ ଇଣ୍ଡୋନେସିଆ
୫ ଡେନିସ୍ ପାପିନ୍

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଶେଖ୍ ୟାକୁବ୍, ଗୋପ

## ଟପ୍ ଟେନ୍ ୧୦

### ସବୁଠୁ ଅଧିକ ଦେଖାଯାଇଥିବା ଫିଲ୍ମ-୨୦୨୫

୧ .......... ଏ ମାଇନ୍‌କ୍ରାଫ୍ଟ ମୁଭି
୨ .......... ଲିଲୋ ଆଣ୍ଡ ସ୍ୱିଚ୍
୩ .......... ସୁପରମ୍ୟାନ୍
୪ .......... ଜୁରାସିକ୍ ୱାର୍ଲ୍ଡ : ରିବାର୍ଥ
୫ .......... ସିନର୍ସ
୬ .......... ଦି ଫାଣ୍ଟାଷ୍ଟିକ୍ ଫୋର୍: ଫାଷ୍ଟ ଷ୍ଟେପ୍ସ
୭ .......... ହାଓ ଟୁ ଟ୍ରେନ୍ ୟୋର୍ ଡ୍ରାଗନ୍
୮ .......... କ୍ୟାପ୍‌ଟେନ୍ ଆମେରିକା: ବ୍ରେଭ୍ ନ୍ୟୁ ୱାର୍ଲ୍ଡ
୯ .......... ମିଶନ୍ ଇମ୍ପସିବଲ୍- ଦି ଫାଇନାଲ୍ ରେକନିଂ
୧୦ .......... ଦି କଞ୍ଜୁରିଂ: ଲାଷ୍ଟ ରାଇଟ୍ସ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

# ଅଜବ ସ୍ଥାପତ୍ୟ

**ପୃଥିବୀର ବିଭିନ୍ନ ସ୍ଥାନରେ ଏମିତି କେତେକ ଅଜବ ସ୍ଥାପତ୍ୟ ରହିଛି, ଯାହାକୁ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ସେହିଭଳି କେତେକ ସ୍ଥାପତ୍ୟ ସମ୍ପର୍କରେ...**



**ଏନ୍‌ଗେଜ୍‌ମେଣ୍ଟ:** କାନାଡ଼ାର କଲମ୍ବିଆରେ ଥିବା ଭାନ୍‌କଭର୍‌ରେ ରହିଛି ସନ୍‌ସେଟ୍ ବିଚ୍, ଯେଉଁଠାରେ ରହିଛି ୨ଟି ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏନ୍‌ଗେଜ୍‌ମେଣ୍ଟ ରିଙ୍ଗ୍‌ର ସ୍ଥାପତ୍ୟ, ଯାହାକୁ ୨୦୦୫ ମସିହାରେ ଡେନିସ୍ ଓପେନ୍‌ହେମ୍‌ଙ୍କ ନିର୍ମାଣ କରିଥିଲେ। ଏହାକୁ ନିର୍ମାଣ କରିବା ଲାଗି ସେ ଆଲୁମିନିୟମ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଟ୍ରାନ୍ସଲୁସେଣ୍ଟ ପ୍ଲେକ୍ସିଗ୍ଲାସ୍ ବକ୍ସ ବ୍ୟବହାର କରିଛନ୍ତି।

**ଦି ଫୋର୍କ:** ସ୍ୱିଜରଲାଣ୍ଡର ଭିଭେ ସହରସ୍ଥିତ ଜେନେଭା ହ୍ରଦରେ ରହିଛି ଏକ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ ଫୋର୍କର ସ୍ଥାପତ୍ୟ। ଆକାଶରୁ ପାଣି ଭିତରୁ ଖସୁଥିବା ଭଳି ଡିଜାଇନ୍ ହୋଇଥିବା ଏହି ଫୋର୍କର ଓଜନ ୯୨୯ ପାଉଣ୍ଡ ହୋଇଥିବା ବେଳେ ଉଚ୍ଚତା ୨୬ ଫୁଟ। ସେଥିପାଇଁ ପୃଥିବୀର ସବୁଠୁ ବଡ଼ ଫୋର୍କ ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ସ୍ଥାନ ପାଇଛି। ତେବେ ପୃଥିବୀର ପ୍ରଥମ ଫୁଡ୍ ମ୍ୟୁଜିୟମ୍ ଆଲମେଣ୍ଟାରିଅମ୍‌ର ୧୦ମ ବାର୍ଷିକ ଉତ୍ସବ ଅବସରରେ ସ୍ୱିସ୍ ଆର୍ଟିଷ୍ଟ ଜିନ୍ ପିରେ ଜାଉଗ୍ ଏହି ଫୋର୍କକୁ ନିର୍ମାଣ କରିଥିଲେ। ଏହା ସେଠାକାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ପାଲଟିଛି।



**ହ୍ୟାଣ୍ଡ ଅଫ୍ ଦ ଡେଜର୍ଟ:** ଚିଲିସ୍ଥିତ ଆଟାକାମ ମରୁଭୂମିରେ ରହିଛି ଏକ ବିଶାଳ ହାତର କଳାକୃତି। ଏହାକୁ ନିର୍ମାଣ କରିଛନ୍ତି ମ୍ୟାରିଓ ଇରାଜାବାଲ୍। ମରୁଭୂମି ଭିତରୁ ବାହାରିଥିବା ପ୍ରାୟ ୩୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ହାତ ଦେଖିବାକୁ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ।



**ଯୁବ ପ୍ରତିଭା**

# ସଙ୍ଗୀତ ମାଧ୍ୟମରେ କ୍ୟାନ୍‌ସର ରୋଗୀଙ୍କ ସେବାରେ ବ୍ରତୀ

ସଙ୍ଗୀତରେ ଏଭଳି ଯାଦୁକରି ଶକ୍ତି ରହିଛି, ଯାହାକି ଏକ ଅବସାଦଗ୍ରସ୍ତ ମନକୁ ଶାନ୍ତ କରି ଖୁସି ଭରିଦେଇପାରେ, ଏକ କଷ୍ଟଭରା ଜୀବନରେ ପ୍ରାଣ ଭରିଦେଇପାରେ ; ଯେଉଁଥିପାଇଁ ମେଡିକାଲ୍ ସାଇନ୍ସରେ ମ୍ୟୁଜିକ୍‌କୁ ଏକ ଥେରାପି ଭାବେ ଗ୍ରହଣ କରାଯାଇଛି। ଆଉ ଏ କଥାକୁ ସେ କେବଳ ବୁଝିନାହାନ୍ତି ବରଂ ନିଜ ସଙ୍ଗୀତ ଦ୍ୱାରା କ୍ୟାନ୍‌ସର ରୋଗୀଙ୍କ କଷ୍ଟଭରା ଜୀବନରେ ଖୁସି ଭରିଦେବାକୁ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି। ସେ ହେଉଛନ୍ତି ନିକଟରେ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୬ତମ ସ୍ଥାନ ପାଇଁ ମନୋନୀତ ହୋଇଥିବା କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ। ସେ ଭୁବନେଶ୍ୱର ପଳାଶୁଣୀରେ ମା' ଗୌରୀ ଏବଂ ବାପା ଚକ୍ରଧର ନାୟକଙ୍କ ସହ ରହୁଛନ୍ତି।

ଓଡ଼ିଆରେ ଅନେକ ସିନେମା ସମେତ ଭଜନ, ୟୁଟ୍ୟୁବ୍ ଚ୍ୟାନେଲ୍‌ର ବିଭିନ୍ନ ଆଲ୍‌ବମ୍ ପାଇଁ କଣ୍ଠଦାନ କରି ଲୋକପ୍ରିୟ ହୋଇ ପାରିଛନ୍ତି। ପିଲାବେଳୁ ଗୀତ ଗାଇବାରେ ତାଙ୍କର ବିଶେଷ ରୁଚି ରହିଥିଲା। ସେ ଯେକୌଣସି ଗୀତ ଶୁଣିବାମାତ୍ରେ ଏହାକୁ ମନେରଖିବା ସହ ସ୍ୱର, ଲୟରେ ଗୁଣୁଗୁଣଉ ଥିବା ଦେଖି ଅଭିଭାବକ ୪ର୍ଥ ଶ୍ରେଣୀରେ ପଢ଼ିବା ବେଳେ ତାଙ୍କର ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ସେ ହିନ୍ଦୁସ୍ତାନ କ୍ଲାସିକାଲ୍ ଏବଂ ଅନ୍ୟ ମ୍ୟୁଜିକ୍ ଶିକ୍ଷା କରିଛନ୍ତି। ସେ କିଟ୍ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସ ବିଭାଗରେ ବି.ଟେକ୍ ସମାପ୍ତ କରିବା ପରେ ଚେନ୍ନାଇର ସ୍କୁଲ୍ ଅଫ୍ ମ୍ୟୁଜିକ୍ ଥେରାପିରେ ପିଜିଡିଏମ୍ ଶିକ୍ଷା ଗ୍ରହଣ କରିଛନ୍ତି। ୨୦୨୩ରୁ କ୍ୟାନ୍‌ସର ରୋଗୀଙ୍କୁ ମ୍ୟୁଜିକ୍ ଥେରାପି ଦେଇଆସୁଛନ୍ତି। ସେ କୁହନ୍ତି, କ୍ୟାନ୍‌ସର ପୀଡ଼ିତଙ୍କୁ ମ୍ୟୁଜିକ୍ ଥେରାପି ଦେବା ମୋ' ଜୀବନର ଏକ ବଡ଼ ଉପଲବ୍ଧି। କାରଣ ମୋ ସଙ୍ଗୀତ ସେମାନଙ୍କ ମାନସିକ ଓ ଶାରୀରିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଉଛି ବୋଲି କହି ଯେବେ ସେମାନେ ଆଶୀର୍ବାଦ ଦିଅନ୍ତି, ନିଜ ସଙ୍ଗୀତ କଳା ସାଧନା ସଫଳ ହୋଇପାରିଛି ବୋଲି ମନେହୁଏ। ଏହା ସଙ୍ଗୀତ ସେବା ମାଧ୍ୟମରେ ସେମାନଙ୍କ କଷ୍ଟ କିଛିମାତ୍ରାରେ ଲାଘବ କରି ପାରୁଥିବାରୁ ଯେଉଁ ଅପୂର୍ବ ଆନନ୍ଦ ମିଳୁଛି ତାହା ଅବର୍ଣ୍ଣନୀୟ। ତେବେ ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ବିଚାରକଙ୍କଠାରୁ ଆରମ୍ଭ କରି ମ୍ୟୁଜିସିଆନ୍, ଦର୍ଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମହତ୍ କାର୍ଯ୍ୟ ସମ୍ପର୍କରେ ଜାଣି ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ସାଧୁବାଦ ଜଣାଇଥିଲେ, ଯାହାକି ମୋର ମନୋବଳକୁ ଆହୁରି ସୁଦୃଢ଼ କରିଥିଲା। ଆଗକୁ ସଙ୍ଗୀତ କ୍ଷେତ୍ରରେ ଯେତେ ଆଗକୁ ଗଲେ ମଧ୍ୟ ଏହି ସେବାକାର୍ଯ୍ୟ ସବୁବେଳେ ଜାରି ରଖିବି।



ସେ ବର୍ତ୍ତମାନ ସୁଦ୍ଧା ଓଡ଼ିଆ ଚଳଚ୍ଚିତ୍ର ମନ ମୋ କାଗଜ ଗୁଡ଼ିର ଚୋରି ଚୋରି ଚାନ୍ଦିନୀକୁ ରାଜନନ୍ଦିନୀ, ଚାରି ଧାମ ଭିତରୁ ଗୋଟିଏ ଧାମ ଭଳି ଭଜନ, ଆମ ଗାଁ ଝିଅ ଖାଣ୍ଟି ଗୁଆ ଘିଅ, ପାଗଳ ଭଅଁର ଭଳି ଅନେକ ହିଟ୍ ଆଲବମ୍ ଗୀତ ଗାଇ ଲୋକପ୍ରିୟତା ହାସଲ କରିପାରିଛନ୍ତି। କେବଳ ଏତିକି ନୁହେଁ ତାଙ୍କର ଦୁଇଟି ୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି, ଯେଉଁଥିରେ ଲକ୍ଷାଧିକ ସବ୍‌ସ୍କ୍ରାଇବର ମଧ୍ୟ ରହିଛନ୍ତି। ଏଥିରେ ସେ କ୍ଲାସିକାଲ୍, ମଡର୍ଣ୍ଣ, ଭଜନ ଆଦି ବିଭିନ୍ନ ଷ୍ଟାଇଲ୍‌ର ଗୀତ ଗାଇ ଦର୍ଶକଙ୍କ ଠାରୁ ବେଶ୍ ପ୍ରଶଂସା ସାଉଁଟି ପାରିଛନ୍ତି। ସେ ରାଜ୍ୟସ୍ତରୀୟ ଅକ୍ଷୟ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରଥମ, ସମ୍ଭାବନା ପକ୍ଷରୁ ଆୟୋଜିତ ଲତାଜୀ ସଙ୍ଗ୍ କମ୍ପିଟିଶନ୍‌ରେ ପ୍ରଥମ ହେବା ସହ ଅନେକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସେ ନିଜ ସମସ୍ତ ସଫଳତାର ଶ୍ରେୟ ଅଭିଭାବକ, ଗୁରୁଙ୍କୁ ଦେଇଛନ୍ତି। ତେବେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୬ତମ ସ୍ଥାନ ପାଇଁ ମନୋନୀତ ହୋଇପାରିଥିବାରୁ ବହୁତ ଖୁସି ଏବଂ ଆଗକୁ ଭଲ ସଙ୍ଗୀତ ପରିବେଷଣ କରି ଓଡ଼ିଶା ପାଇଁ ଗୌରବ ଆଣିବା ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି ଜ୍ୟୋତିର୍ମୟୀ।

-ପୌର୍ଣ୍ଣମାସୀ



ମା' ଗୌରୀ ଏବଂ ବାପା ଚକ୍ରଧରଙ୍କ ସହ ଜ୍ୟୋତିର୍ମୟୀ



ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ନିକଟରେ ବାୟୁ ପ୍ରଦୂଷଣକୁ ରୋକିବା ଲାଗି ଆଣ୍ଟି-ସ୍ମୋଗ୍ ଗନ୍‌ରୁ ଜଳକଣା ସ୍ପ୍ରେ କରାଯାଉଛି। ଶନିବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ୨୫୧ ରହିଛି।

## ଆଜି ସବୁଠୁ ଓଜନଦାର ସାଟେଲାଇଟ୍ ଲଞ୍ଚ୍ କରିବ ଇସ୍ରୋ



**ଶ୍ରୀହରିକୋଟା,୧।୧୧(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ସିଏମ୍ଏସ୍-୦୩ ଯୋଗାଯୋଗ ଉପଗ୍ରହକୁ କକ୍ଷପଥକୁ ଛଡ଼ାଯିବ। ଏହି ସାଟେଲାଇଟ୍‌ର ଓଜନ ୪,୪୧୦ କିଲୋଗ୍ରାମ ଯାହାକି ଭାରତ ମାଟିରୁ ଉତ୍କ୍ଷେପଣ ହୋଇ ଏକ ଭୂ-ସମକାଳୀକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ ହେବାରେ ସବୁଠୁ ଓଜନଦାର ଉପଗ୍ରହ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସବୁଠୁ ଶକ୍ତିଶାଳୀ ଏଲ୍‌ଭିଏମ୍୩-ଏମ୍୫ ରକେଟରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯିବ। ୪୩.୫ ମଟର ଉଚ୍ଚର ଉକ୍ତ ବାହୁବଳୀ ରକେଟକୁ ସମ୍ପୂର୍ଣ୍ଣ ଆସେମ୍ବ୍ଲି କରାଯିବା ସହ ଏୟାରକ୍ରାଫ୍ଟରେ ସଂଯୋଗ କରାଯାଇଛି। ଲଞ୍ଚ୍ ପୂର୍ବରୁ ଏହାକୁ ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌କୁ ନିଆଯିବ ବୋଲି ବେଙ୍ଗାଲୁରୁସ୍ଥିତ ସ୍ପେସ୍ ଏଜେନ୍ସି କହିଛି।

# ଭାରତ ମାଓବାଦୀମୁକ୍ତ ହେବାକୁ ଯାଉଛି

## ଛତିଶଗଡ଼ ବିଧାନସଭା ସୌଧ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ରାୟପୁର,୧।୧୧**

ଛତିଶଗଡ଼ ପୂର୍ବରୁ ମାଓବାଦୀ ହିଂସାପ୍ରବଣ ଏବଂ ପଛୁଆ ରାଜ୍ୟ ଭାବେ ପରିଚିତ ହୋଇଆସୁଥିବାବେଳେ ଏହାର ଗତ ୨୫ ବର୍ଷର ଯାତ୍ରା ପ୍ରେରଣାଦାୟକ, ଯାହା ରାଜ୍ୟକୁ ସମୃଦ୍ଧି, ସୁରକ୍ଷା ଏବଂ ସ୍ଥିରତାର ପ୍ରତୀକ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଶନିବାର ଛତିଶଗଡ଼ର ନବ ରାୟପୁର ଅଟଳ ନଗରରେ ନୂଆ ବିଧାନସଭା ସୌଧକୁ ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଧାନସଭାରୁ ବାହାରୁଥିବା ପ୍ରତ୍ୟେକ ବିଚାରରେ ଜନସେବା, ବିକାଶର ପ୍ରତିଶ୍ରୁତିବଦ୍ଧତା ଏବଂ ଭାରତକୁ ଆହୁରି ଉପରକୁ ନେଇଯିବାର ଆତ୍ମବିଶ୍ୱାସ ଭାବନା ପ୍ରତିଫଳିତ ହେବା ଉଚିତ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡ଼ର ନୂଆ ବିଧାନସଭା ସୌଧକୁ ଉଦ୍‌ଘାଟନ କରୁଛନ୍ତି।

ବିଧାନସଭା କେବଳ ଆଇନ ପ୍ରଣୟନର ଏକ ସ୍ଥାନ ନୁହେଁ, ବରଂ ଛତିଶଗଡ଼ର ଭାଗ୍ୟ ନିର୍ଦ୍ଧାରଣର ଏହା ଏକ ଜୀବନ୍ତ କେନ୍ଦ୍ର ଏବଂ ବଳିଷ୍ଠ ଶକ୍ତି ବୋଲି ଆମକୁ ମନେରଖିବାକୁ ହେବ। ଏଠାରେ ଏଭଳି ଆଇନ ପ୍ରଣୟନ ହେବା ଆବଶ୍ୟକ, ଯାହା ସଂସ୍କାରକୁ ଆଗେଇନେବା ସହ ଲୋକଙ୍କ ଜୀବନଯାପନକୁ ସହଜ କରିବ ଏବଂ ସେମାନଙ୍କ ଦୈନନ୍ଦିନ ଜୀବନରୁ ଅନାବଶ୍ୟକ ସରକାରୀ ହସ୍ତକ୍ଷେପକୁ ଦୂର କରିବ। ସରକାରଙ୍କ ଉପସ୍ଥିତିର ଅଭାବ କିମ୍ବା ଅନାବଶ୍ୟକ ପ୍ରଭାବ ରହିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆତଙ୍କବାଦ ଓ ମାଓବାଦୀ ବିରୋଧୀ ଲଢ଼େଇରେ ଭାରତର ସଫଳତା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏବେ ଛତିଶଗଡ଼ ମଧ୍ୟ ମାଓବାଦୀ ହିଂସାରୁ ମୁକ୍ତ ହେବାକୁ ଯାଉଛି। ଏଥିପାଇଁ ଛତିଶଗଡ଼ ଜନସାଧାରଣଙ୍କ କଠିନ ପରିଶ୍ରମ ଏବଂ ସଫଳ ସରକାରର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଧାନମନ୍ତ୍ରୀ ଶ୍ରେୟ ଦେଇଛନ୍ତି। ଭାରତ ଐତିହ୍ୟ ଏବଂ ବିକାଶକୁ ବିକାଶକୁ ସାଙ୍ଗରେ ନେଇ ଆଗକୁ ବଢ଼ୁଛି ଏବଂ ସରକାରଙ୍କ ପ୍ରତ୍ୟେକ ନୀତି ଓ ନିଷ୍ପତ୍ତିରେ ଏହି ମାନସିକତାର ପ୍ରମାଣ ରହିଛି। ଛତିଶଗଡ଼ର ୨୫ତମ ପ୍ରତିଷ୍ଠା ଦିବସ ପାଳନ ଏକ ବୃହତର ଲକ୍ଷ୍ୟର ଆରମ୍ଭକୁ ସୂଚିତ କରୁଛି। ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବାକୁ ଯାଉଥିବାବେଳେ ବିକଶିତ ଭାରତ ଲକ୍ଷ୍ୟ ହାସଲରେ ଛତିଶଗଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ନୂଆ ବିଧାନସଭା ଭବନ ପରିସରରେ ପ୍ରଧାନମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାନବ ବୋମା ଆତଙ୍କ: ହାଇଦ୍ରାବାଦ ଯାଉଥିବା ବିମାନ ମୁମ୍ବାଇ ଫେରିଲା

**ହାଇଦ୍ରାବାଦ,୧।୧୧**

ଜେଦାହରୁ ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ମାନବ ବୋମା ରହିଥିବାର ଧମକପୂର୍ଣ୍ଣ ଇମେଲ୍ ଶନିବାର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ମିଳିବା ପରେ ଉକ୍ତ ବିମାନକୁ ମୁମ୍ବାଇ ନିଆଯାଇ ସୁରକ୍ଷିତ ଅବତରଣ କରାଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷ ପୋଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ସକାଳ ୫ଟା ୩୦ରେ ସେମାନେ ଏକ ଧମକପୂର୍ଣ୍ଣ ଇମେଲ୍ ପାଇଥିଲେ। ହାଇଦ୍ରାବାଦ ବିମାନବନ୍ଦରରେ ଇଣ୍ଡିଗୋର ୬ଇ୬୮ ନମ୍ବର ବିମାନ ଅବତରଣକୁ ରୋକିବା ପାଇଁ ସେଥିରେ ସତର୍କ କରିଦିଆଯାଇଥିଲା। ବିମାନରେ ଏଲ୍‌ଟିଟିଇ-ଆଇଏସ୍ଆଇର କେତେଜଣ ଅପରେଟିଭ୍ ରହିଛନ୍ତି। ସେମାନେ ୧୯୮୪ର ମାଡ୍ରାସ ଏୟାରପୋର୍ଟ ବିସ୍ଫୋରଣ ଭଳି ଅନୁରୂପ ଆକ୍ରମଣ କରିବାକୁ ଯୋଜନା କରିଥିବା ଇମେଲ୍‌ରେ କୁହାଯାଇଥିଲା। ଏନେଇ ସମସ୍ତଙ୍କୁ ସତର୍କ କରିଦିଆଯିବା ସହ ବିମାନକୁ ମୁମ୍ବାଇ ଏୟାରପୋର୍ଟ ନିଆଯାଇଥିଲା। ସେଠାରେ ସମସ୍ତ ସୁରକ୍ଷାଗତ ଯାଞ୍ଚ କରାଯାଇଥିବାବେଳେ ମାନବବୋମା ଥିବାର କୌଣସି ସୂଚନା ମିଳିନାହିଁ।

### ନ୍ୟାୟ ପାଇଁ ୫୦ ବର୍ଷର ଆଇନଗତ ଲଢ଼େଇ

**ଭୋପାଳ,୧।୧୧**

ଏକ ହିନ୍ଦୀ ଫିଲ୍ମରେ ଅଭିନେତା ସନ୍ନି ଦେଓଲ ଅଦାଲତରେ କହିଥିଲେ, 'କେବଳ ତାରିଖ ପରେ ତାରିଖ ଚାଲିଛି, କିନ୍ତୁ ନ୍ୟାୟ ମିଳୁନାହିଁ। ଗ୍ୱାଲିୟରର ଜଣେ ୭୯ ବର୍ଷୀୟା ମହିଳାଙ୍କ କ୍ଷେତ୍ରରେ ଅନୁରୂପ ଘଟଣା ଘଟିଛି। ମିଥିଲେଶ ଶ୍ରୀବାସ୍ତବ ନାମ୍ନୀ ମହିଳା ତାଙ୍କ ସ୍ୱାମୀଙ୍କ ଗ୍ରାଚ୍ୟୁଇଟି, ପେନ୍‌ସନ ଆଦି ପାଇଁ ୫୦ ବର୍ଷ ହେଲା କୋର୍ଟରେ ଅଇନଗତ ଲଢ଼େଇ କରିଆସୁଛନ୍ତି। ଏହି ୫୦ ବର୍ଷରେ ସେ କେବଳ କୋର୍ଟ ସମନ ଓ ନୂଆ ଶୁଣାଣି ତାରିଖ ବ୍ୟତୀତ ଅନ୍ୟ କିଛି ପାଇ ନାହାନ୍ତି। ମିଥିଲେଶଙ୍କ ସ୍ୱାମୀ ଶଙ୍କରଲାଲ୍ ମଧ୍ୟପ୍ରଦେଶ ପୋଲିସରେ ୨୩ ବର୍ଷ କାର୍ଯ୍ୟ କରିବା ପରେ ୧୯୭୧ରେ ଇସ୍ତଫା ଦେଇଥିଲେ। ୧୯୮୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ସେବେଠାରୁ ତାଙ୍କ ବିଧବା ସ୍ତ୍ରୀ ମାସିକ ମାତ୍ର ୩୩ ଟଙ୍କା ଅସ୍ଥାୟୀ ପେନ୍‌ସନରେ ବଞ୍ଚୁଛନ୍ତି। ସ୍ୱାମୀଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ଓ ଅବସରକାଳୀନ ଅନ୍ୟାନ୍ୟ ସୁବିଧା ପାଇଁ ସେ ବାରମ୍ବାର ବିଭାଗ ନିକଟରେ ଆବେଦନ କରିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ତାଙ୍କ ଫାଇଲ୍ ହଜିଯାଇଥିଲା। ଶେଷରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୫ରେ ସିଭିଲ୍ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ ମଧ୍ୟ ବିଭାଗ ବିଭିନ୍ନ ଆଳ ଦେଖାଇ ଟଙ୍କା ଦେଇ ନ ଥିଲା। ଏପରିକି ମଧ୍ୟପ୍ରଦେଶ ହାଇକୋର୍ଟ ମଧ୍ୟ ତାଙ୍କୁ କୌଣସି ସହାୟତା କରିପାରି ନାହାନ୍ତି। ହାଇକୋର୍ଟଙ୍କ ଗ୍ୱାଲିୟର ବେଞ୍ଚ୍ ଶେଷ ଶୁଣାଣି ବେଳେ କହିଛନ୍ତି, ଯଦି ଅଦାଲତଙ୍କ ନିର୍ଦ୍ଦେଶ ନଭେମ୍ବର ସୁଦ୍ଧା କାର୍ଯ୍ୟକାରୀ ନ ହୁଏ ତେବେ ଶେଓପୁର ଏସ୍‌ପି କୋର୍ଟରେ ହାଜର ହୋଇ ସ୍ପଷ୍ଟୀକରଣ ଦେବାକୁ ହେବ। ପ୍ରଶାସନ ନ୍ୟାୟ ପ୍ରଦାନରେ ମୌଳିକ କର୍ତ୍ତବ୍ୟକୁ ଭୁଲିଯାଉଥିବା କହି ଅଦାଲତ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ତାଞ୍ଜାନିଆ ନିର୍ବାଚନରେ ରାଷ୍ଟ୍ରପତି ହାସନ ବିଜୟୀ



ସାମିଆ ସୁଲୁହୁ ହାସନ

**କାମ୍ପାଲା,୧।୧୧**

ତାଞ୍ଜାନିଆରେ ଅନୁଷ୍ଠିତ ବିବାଦୀୟ ନିର୍ବାଚନରେ ରାଷ୍ଟ୍ରପତି ସାମିଆ ସୁଲୁହୁ ହାସନ ୯୭ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ପ୍ରଶାସନିକ ରାଜଧାନୀ ଡୋଡୋମାରେ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିର୍ବାଚନ କର୍ତ୍ତୃପକ୍ଷଙ୍କଠାରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଜଣେ ମହିଳା ନେତାଙ୍କ ସପକ୍ଷରେ ତାଞ୍ଜାନିଆ ଜନସାଧାରଣ ବହୁଳ ଭାବେ ଭୋଟ ଦେଇଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ହାସନ କହିଛନ୍ତି। ଏବେ ଏକାଠି ହେବାର ସମୟ ଆସିଛି। ୬ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ଆମେ ଯାହା ଗଢ଼ିଛେ, ତାକୁ ଧ୍ୱଂସ ହେବାକୁ ଦେବା ନାହିଁ। ଦେଶରେ ଶାନ୍ତି ସୁନିଶ୍ଚିତ କରିବା ଲାଗି ସୁରକ୍ଷା ବଳ ସହ ସାମିଲ ହୋଇ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ବୋଲି ରାଷ୍ଟ୍ରପତି କହିଛନ୍ତି। ସୂଚନାଯୋଗ୍ୟ, ତାଞ୍ଜାନିଆରେ ନିର୍ବାଚନୀ ଅନିୟମିତତାକୁ ନେଇ ବିକ୍ଷୋଭ ବେଳେ ୭୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବିରୋଧୀ ଦଳ ଦାବି କରିଥିଲା। ରାଷ୍ଟ୍ରପତି ହାସନ୍‌ଙ୍କ ୨ ବଡ଼ ଚ୍ୟାଲେଞ୍ଜରଙ୍କୁ ନିର୍ବାଚନୀ ଦୌଡ଼ରୁ ବାଦ୍ ଦିଆଯାଇଥିବାରୁ ଦେଶବ୍ୟାପୀ ଉତ୍ତେଜନା ଦେଖାଦେଇଥିଲା।

## ଇଜିପ୍ଟରେ ବିଶ୍ୱର ସର୍ବବୃହତ୍ ସଂଗ୍ରହାଳୟ ଉନ୍ମୋଚିତ



**କାଇରୋ,୧।୧୧**

ଇଜିପ୍ଟରେ ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଇଜିପ୍ଟିଆନ୍ ମ୍ୟୁଜିୟମ ଶନିବାର ଉଦ୍‌ଘାଟିତ ହୋଇଯାଇଛି, ଯାହାକି ବିଶ୍ୱର ସର୍ବବୃହତ୍ ସଂଗ୍ରହଳାୟ। ଏହାକୁ ଇଜିପ୍ଟର ପ୍ରାଚୀନ ସଭ୍ୟତାକୁ ଉତ୍ସର୍ଗ କରାଯାଇଛି। ଦେଶର ପର୍ଯ୍ୟଟନ ଶିଳ୍ପ ଓ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ଏହି ମେଗା ପ୍ରକଳ୍ପର ଲକ୍ଷ୍ୟ। କାଇରୋର ଗିଜା ପିରାମିଡ୍ ନିକଟରେ ଅବସ୍ଥିତ ଏହି ମ୍ୟୁଜିୟମ ନିର୍ମାଣ ଲାଗି ୨ ଦଶନ୍ଧି ଲାଗିଛି। ଏଥିରେ ପୁରାତନ ଇଜିପ୍ଟର ଜୀବନଯାପନ ସମ୍ପର୍କିତ ୫୦ ହଜାରରୁ ଉର୍ଦ୍ଧ୍ୱ କଳାକୃତି ପ୍ରଦର୍ଶିତ ହୋଇଛି। ଇଜିପ୍ଟ ରାଜଧାନୀରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅନେକ ବିଶ୍ୱନେତା, ରାଜା, ରାଷ୍ଟ୍ର ଓ ସରକାରର ମୁଖ୍ୟମାନେ ଯୋଗଦେଇଥିଲେ।

## ରାୟ ପ୍ରଦାନ କରି ଭାରତ-ରୁଷିଆ ସମ୍ପର୍କକୁ ଆଘାତ ଦେବାକୁ ଚାହୁଁନାହୁଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧।୧୧(ପି.ଟି.)**

### ସନ୍ତାନକୁ ହେପାଜତକୁ ନେବା ମାମଲା

ଜଣେ ରୁଷୀୟ ମହିଳା ତାଙ୍କ ପିଲାକୁ ନେଇ ଭାରତ ଛାଡ଼ି ମସ୍କୋ ପଳାଇଥିବାବେଳେ ସନ୍ତାନକୁ ପାଇବା ନେଇ ତାଙ୍କଠାରୁ ଦୂରେଇ ଯାଇଥିବା ଭାରତୀୟ ସ୍ୱାମୀ ମାମଲା ଦାଏର କରିଥିଲେ। ରୁଷୀୟ ମହିଳାଙ୍କୁ ଖୋଜି ବାହାର କରିବାରେ ଆନ୍ତରିକ ଉଦ୍ୟମର ଅଭାବକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଥିବାବେଳେ କୌଣସି ରାୟ ପ୍ରଦାନ କରି ଭାରତ-ରୁଷିଆ ସମ୍ପର୍କକୁ ଆଘାତ ଦେବାକୁ ଚାହୁଁ ନ ଥିବା କହିଛନ୍ତି। ଏହି ମାମଲାର ସମାଧାନ ପନ୍ଥା ବାହାର କରିବା ଏବଂ ପିଲାକୁ ସୁପ୍ରିମକୋର୍ଟଙ୍କ ହେପାଜତକୁ ଆଣିବା ଲାଗି ପଦକ୍ଷେପ ନେବାରେ କୂଟନୈତିକ ଚ୍ୟାଲେଞ୍ଜ ରହିଛି। ତେଣୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ, ମସ୍କୋରେ ଥିବା ଭାରତୀୟ ଦୂତାବାସ ଏବଂ ଦିଲ୍ଲୀରେ ଥିବା ରୁଷିଆ ଦୂତାବାସ ଉପଯୁକ୍ତ ସମନ୍ୱୟ ରକ୍ଷାକରି ସମାଧାନର ସୂତ୍ର ବାହାର କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ପାରସ୍ପରିକତା ଓ ସୌହାର୍ଦ୍ଦ୍ୟ ସିଦ୍ଧାନ୍ତ ଆଧାରରେ ସହାୟତା ଏବଂ ସହଯୋଗ ପାଇଁ ଭାରତୀୟ ଦୂତାବାସ ରୁଷିଆର ପ୍ରୋସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ପାରସ୍ପରିକ ଆଇନଗତ ସହାୟତା ଚୁକ୍ତି (ଏମ୍ଏଲ୍ଏଟି) ଅନୁଯାୟୀ ସାନି ନିବେଦନ କରିଛି। ଏଥିରେ ନେପାଳୀ ନାଗରିକଙ୍କ ସମେତ ଅନ୍ୟମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଲ୍ଲୀ ପୋଲିସ ସହ ସମନ୍ୱୟ ରକ୍ଷାକରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଅଦାଲତଙ୍କୁ କହିଛନ୍ତି। ରୁଷିଆ ଦୂତାବାସ ସହାୟତାରେ ମହିଳା ଜଣକ ନେପାଳ ଏବଂ ୟୁଏଇର ଶାରଜା ଦେଇ ମସ୍କୋ ପଳାଇଯାଇଥିବା କୁହାଯାଉଛି। ଦିଲ୍ଲୀ ପୋଲିସ ରୁଷିଆ କର୍ତ୍ତୃପକ୍ଷଙ୍କୁ ନୋଟିସ ପଠାଇ ଅଧିକ ତଥ୍ୟ ମାଗିଥିବାବେଳେ ଏପର୍ଯ୍ୟନ୍ତ ଉପଯୁକ୍ତ ପ୍ରମାଣ ମିଳିନାହିଁ। ମହିଳା ଜଣକ ଏକ୍ସ-୧ ଭିଜା ଜରିଆରେ ୨୦୧୯ରେ ଭାରତ ଆସି ରହିଥିଲେ। ତାଙ୍କ ଭିଜା କାର୍ଯ୍ୟକାଳ ଶେଷହେବା ପରେ ମାମଲା ବିଚାରାଧୀନ ଥିବାରୁ ଏହାର ଅବଧି ବଢ଼ାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପିଲାଟି ମା' ପାଖରେ ଥିବାରୁ ଭଲରେ ଥିବ ଏବଂ ଏହା ମାନବ ଚାଲାଣ ମାମଲା ହୋଇ ନ ଥିବ ବୋଲି ଅଦାଲତ ଆଶାବ୍ୟକ୍ତ କରିଛନ୍ତି।

## ୟୁନେସ୍କୋ ସୃଜନାତ୍ମକ ସହର ତାଲିକାରେ ଲକ୍ଷ୍ନୌ

**ଜାତିସଂଘ,୧।୧୧**

ଉତ୍ତରପ୍ରଦେଶର ଲକ୍ଷ୍ନୌ ସହର ଏହାର ସମୃଦ୍ଧ ତଥା ବିବିଧ ଭୋଜନ ପ୍ରସ୍ତୁତି ଐତିହ୍ୟ ପାଇଁ ୟୁନେସ୍କୋର ସୃଜନାତ୍ମକ ସହର ତାଲିକାରେ ସାମିଲ ହୋଇଛି। ଜାତିସଂଘର ଶୈକ୍ଷିକ, ବିଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ସୃଜନାତ୍ମକ ସହର ନେଟ୍‌ୱର୍କରେ ୫୮ଟି ସହରକୁ ନୂଆ ସଦସ୍ୟ ଭାବେ ନିଆଯାଇଛି। ଫଳରେ ଉକ୍ତ ନେଟ୍‌ୱର୍କର ମୋଟ ସହର ସଂଖ୍ୟା ୪୦୮ରେ ପହଞ୍ଚିଛି। ଲକ୍ଷ୍ନୌକୁ ଦିବ୍ୟ ଭୋଜନ ପ୍ରସ୍ତୁତି କଳା ବର୍ଗରେ ସ୍ୱୀକୃତି ମିଳିଛି।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଅନ୍ତର୍ଗତ କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ଦଳାଚକଟା ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ଏକାଦଶୀ ଥିବାରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା।

## ବଢ଼ୁଛି ରଶ୍ମିକାଙ୍କ କ୍ରେଜ୍



ରଶ୍ମିକା ମନ୍ଦାନା

**ମୁମ୍ବାଇ:** ବଲିଉଡ ସିନେମାରେ ଚୁଲବୁଲି ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ କାହିଁରେ କେତେ। ସେ ଯେଉଁ ସିନେମା ପାଇଁ ହଁ କହୁଛନ୍ତି ତାହା ବକ୍ସ ଅଫିସରେ ଭଲ ବ୍ୟବସାୟ କରୁଛି। ଏଇ ଯେମିତି ନିକଟରେ ରିଲିଜ ହୋଇଥିବା 'ଥାମା'କୁ ଦେଖନ୍ତୁ।

ସିନେମା ହଲ୍‌ରେ ରିଲିଜର ୧୦ ଦିନ ମଧ୍ୟରେ ଭଲ କଲେକ୍ସନ କରିଛି 'ଥାମା'। ସେମିତି ଦେଖିଲେ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମଗୁଡ଼ିକର ବଜେଟ ଏତେ ଅଧିକ ନ ଥାଏ। ନିର୍ମାତା କାହାଣୀ ଉପରେ ପୂରା ଫୋକସ୍ କରିଥାନ୍ତି। ହେଲେ 'ଥାମା'ରେ କିଛି ଭିନ୍ନ ଦେଖିବାକୁ ମିଳିଛି। ବଡ଼ ବଜେଟରେ ଏହି ଫିଲ୍ମ ନିର୍ମାଣ ହୋଇଥିବା ବେଳେ ଉଭୟଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି।

ଆୟୁଷ୍ମାନ-ରଶ୍ମିକାଙ୍କ ଫିଲ୍ମ ବିଶ୍ୱସ୍ତରରେ ୧୭୩.୪୨ କୋଟି ଟଙ୍କା ରୋଜଗାର କରିଛି। ଏହା ୧୪୫ କୋଟିରେ ନିର୍ମିତ ଫିଲ୍ମ।

ଦର୍ଶକଙ୍କ ମତରେ ରଶ୍ମିକାଙ୍କ ଉପସ୍ଥିତି ଆୟୁଷ୍ମାନଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ ଯଦି ଏହା ଦୁଇ ଶହ କୋଟି କ୍ଲବରେ ସାମିଲ ହୁଏ ତେବେ ଅଭିନେତାଙ୍କ ଜୀବନର ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଲୋଚନା ହେଉଛି।

# ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ନରେନ୍ଦ୍ର ମାଝୀ, ପୁରୁଷମ ଜେନା, ବିୟାଧର ମାଝୀ, ଭରତ ଜେନା, ରାଜେଶ ଖଟୁଆ, ଅଜୟ ମାଝୀ, ଦୁଃଶାସନ ଡରାଇ ଓ ନନ୍ଦୁ ସିଂ। ଏମାନଙ୍କୁ ଗିରଫ




କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫମାନେ ବାଲେଶ୍ୱର ସଦର ଜିଲ୍ଲାର ବୋଲି ଜଣାପଡ଼ିଛି। ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଳା ନିକଟରେ ଭାରତୀ ନାମକ ଏକ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ୨୫ କେଜି ମାଛ, ୧ ଜିପିଏସ୍,୨ଟି ଭିଏଚ୍ଏଫ ଓ ୭ ଜାଲ ଜବତ କରାଯାଇଛି।

# ରାଜନଗର ପେଣ୍ଠର କ୍ଷତିଗ୍ରସ୍ତ ପଥରବନ୍ଧ

ସ୍ଥିତି ଅନୁଧ୍ୟାନକଲେ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ

ରାଜନଗର,୧।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ପେଣ୍ଠ ନିକଟରେ ବାତ୍ୟା ମୋନ୍ଥା ଯୋଗୁ ବଙ୍ଗୋପସାଗରର ଅଶାନ୍ତ ପ୍ରଭାବ ଦେଖିବାକୁ ମିଳିଥିଲା। ଏଠାରେ ଉଚ୍ଚ ଜୁଆର ଉଠି ପେଣ୍ଠ ନିକଟରେ ଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ୍ ଟ୍ୟୁବ୍ ଉପରେ ପ୍ରବଳ ମାତ୍ରାରେ ମାଡ଼ ହୋଇଥିଲା। ଭୟଙ୍କର ଭାବେ ଜୁଆର ମାଡ଼ ହେବା ଯୋଗୁ ସିନ୍ଥେଟିକ୍ ଟ୍ୟୁବ୍କୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପଥର ବନ୍ଧ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ସ୍ଥାନକୁ ଶନିବାର ଜଳ ସମ୍ପଦ ବିଭାଗ ମହାନଦୀ, ବିରୂପା ଓ ବ୍ରାହ୍ମଣୀ ସିଷ୍ଟମ ମୁଖ୍ୟଯନ୍ତ୍ରୀ ବିଶ୍ୱରାଜ ପୁରୋହିତ ଓ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ସାହୁ ପରିଦର୍ଶନ କରିଥିଲେ। ରାଜନଗର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ପଥରବନ୍ଧ ଓ ଅନ୍ୟାନ୍ୟ ସମସ୍ୟା ବିଷୟରେ ବୁଝାଇଥିଲେ। ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟା ପରଠାରୁ ପେଣ୍ଠ ନିକଟରେ ସମୁଦ୍ର ସ୍ଥଳଭାଗ ଆଡ଼କୁ ୩ କିଲୋମିଟର ମାଡ଼ିଆସିଛି। ପେଣ୍ଠ ନିକଟରେ ରାଜନଗରବାସୀଙ୍କ ସୁରକ୍ଷାକବଚ ଲୁଣାଗେଡି ବଣ ସମୁଦ୍ରର ଉଚ୍ଚ ଜୁଆରରେ ବାରମ୍ବାର କ୍ଷତିଗ୍ରସ୍ତ ହେବା ପରେ ସୁରକ୍ଷା ପାଇଁ ପେଣ୍ଠ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୫ ମିଟରର ଜିଓ ସିନ୍ଥେଟିକ୍ ଟ୍ୟୁବ୍ ତିଆରି କରାଯାଇଥିଲା। ଜିଓ ସିନ୍ଥେଟିକ୍ ଉପରେ ସମୁଦ୍ର ଜୁଆର ମାଡ଼ରେ ଟ୍ୟୁବ୍ର ବଲ୍ଲକୁ କ୍ଷତି ପହଞ୍ଚାଇବା ପରେ ଏହି ଟ୍ୟୁବ୍କୁ ସୁରକ୍ଷା ଦେବାପାଇଁ ସମୁଦ୍ର ଭିତରେ ଓ ସିନ୍ଥେଟିକ୍ ଟ୍ୟୁବ୍ର ଦୁଇ ପାର୍ଶ୍ୱରେ ପଥର ବନ୍ଧ ତିଆରି କରାଯାଇଥିଲା।



# Classified Everyday

0674-2580101, 9692975378




Bride Wanted

ଶ୍ରୀ ମହାଜନ, ଯୌତୁକ ବିରୋଧୀ, ପ୍ରତିଷ୍ଠିତ ଆଧ୍ୟାତ୍ମିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ, ଭୁବନେଶ୍ୱରରେ ଜାଗାବାଡ଼ି, ଘରଭଡ଼ା, ଦୁଇଟି ଲଜ୍, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338




3BHK flat, 1646 sqft., (Ready to move), near KIIT University. Contact No.- 9090030067, 9090090068. D-2460

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

ଭୁବନେଶ୍ୱର ନଖରାକ୍ଷକ, ଉଉରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାଡ଼ି ପ୍ଲଟ, 2/3 BHK Flat/ Duplex ଅଛି– 8327785834. D-06

ପୁରୀ ମଙ୍ଗଳାଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2438

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ N.H.-16 ପାଖରେ Litigation free 30ft. Road, ଇଲେକ୍ଟ୍ରି, Possession ଥାଇ ଉପଲବ୍ଧ। 6372526344. D-04

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/– ପ୍ଲଟ୍ ବିକ୍ରିହେବ– 9776974912. D-05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାଡ଼ି ପ୍ଲଟ୍ ମିଳୁଛି। 9090963952. D-07

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 7008815552. D-2364




Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944

Fully furnished residential accommodation near Allen College Koustav Chandrasekharpur. 8895154066. D-2416




The massage felt totally professional & comfortable at all times- 7978109255. D-205

## AFFIDAVIT

By virtue of an affidavit sworn before Notary Public, dated- 31st Oct. 2025, I, Biba Huika, Address: At- Kolenge, Village- Tadama, P.O.- Todama, Dist.- Rayagada, Odisha, 765002 declare that I have changed my name from Lati Huika to Biba Huika. Henceforth, I shall be known as Biba Huika for all purposes.
Biba Huika D-2455

By virtue of an affidavit sworn before the Notary Public, Saintala, dtd.- 01.11.2025, Court Fees No. 95, I, Baladeb Majhi, S/o.- Kabiraj Majhi, R/O Village- Barahamal, P.O.- Khasbahal, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Bhagyabati Majhi to Bhagabati Majhi. Henceforth, my daughter shall be known as Bhagabati Majhi for all purposes.
Baladeb Majhi D-2456

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Dated- 23.09.2025, I, Anjan Kumar Sahoo, At- Kilipal, P.O.- Narijanga, P.S.- Tirtol, Dist.- Jagatsinghpur, PIN- 754137 declare that I have changed my name from Anjan Kumar Show to Anjan Kumar Sahoo. Henceforth, I shall be known as Anjan Kumar Sahoo for all purposes.
Anjan Kumar Sahoo D-2457

By virtue of an affidavit sworn before the Notary Public, Jajpur dated- 09.10.2025, I, Omm Kumar, aged 18 years, Permanent address: At- Panthanivas Road, P.O.- Rambha, Dist.- Ganjam, State- Odisha, At present Kanheipur, Jajpur Road, Jajpur, 755019 do hereby declare that myself Om Kumar Sethy and Omm Kumar is one and same person. D-2458

By virtue of an affidavit sworn before the Executive Magistrate, Boudh, No.1470, date- 25.10.25, I, Anapurna Jhankar, W/o.- Ganesh Jhankar, R/o. village- Jhankarpada, P.O.- Ambajhari, P.S./ Dist.- Boudh, Odisha, PIN- 762015 declare that I have changed my name from Birajini Mallik to Anapurna Jhankar. Henceforth, I shall be known as Anapurna Jhankar for all purposes.
Anapurna Jhankar D-2459

By virtue of an affidavit sworn before Executive Magistrate, Bhubaneswar on 24.4.25, I, Ramesh Chandra Balabantaray, S/o.- Late Aparti Balabantaray, Resident of At- Nuasahi Sakhigopal, Near Market Gate No.2, P.S.- Satyabadi, Sakhigopal, Dist.- Puri, Odisha, PIN- 752014 state that my wife's actual name is Kiranbala Balabantray and date of birth is 17.07.1965 but in my ARMY PPO vide No. 240199702168 my wife's name has been mentioned as Kiran Bala Baalabantara. Hence Kiranbala Balabantray and Kiran Bala Baalabantara is one and same person who is my wife, aadher date of Birth is 17.07.1965. D-2449

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## LEGAL NOTICE

1739/12.09.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ୍ ଅଦାଲତ ନମ୍ବର–୪
ଶ୍ରୀ ପ୍ରଦୀପ କୁମାର ନାୟକ,(ଭା.ପ୍ର.ସେ) ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର– ୯୧୪/୨୦୨୪

ନ୍ୟାୟ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ
ଅଜିତ୍ କୁମାର ସିହ୍ନା .....ବାଦୀ
ବନାମ
ତହସିଲଦାର, ଜଟଣୀ ଓଗେର .....ପ୍ରତିବାଦୀ

ପ୍ରତିବାଦୀ ନଂ. ୭– ଗୀତାଞ୍ଜଳି ମିଶ୍ର, ପ୍ରତିବାଦୀ ନଂ. ୮– ମିତାଞ୍ଜଳି ମିଶ୍ର, ଉଭୟଙ୍କ ପିତା– ନୃସିଂହ ଚରଣ ମିଶ୍ର, ପ୍ରତିବାଦୀ ନଂ. ୧୦– ଜେନାମଣି ମିଶ୍ର, ସ୍ୱାମୀ– ୰ଉଦ୍ଧବନାଥ ମିଶ୍ର, ପ୍ରତିବାଦୀ ନଂ. ୧୬– ନେତ୍ରମଣି ମିଶ୍ର, ସ୍ୱାମୀ– ୰କାଶୀନାଥ ମିଶ୍ର, ଏ ସମସ୍ତଙ୍କର ଠିକଣା ସା– ଭାତଖୁରୀ, ପୋ– ଗଙ୍ଗପଡ଼ା, ଥାନା– ଚନ୍ଦକା,ଜିଲ୍ଲା– ଖୋର୍ଦ୍ଧା।

ନୋଟିସ୍ ସି.ପି.ସି ଅର୍ଡର ୫ ରୁଲ୍ ୨୦ ମତେ ମୁତାବକ
ଉପରୋକ୍ତ ଓ.ଏସ୍.ଏସ୍. କେସ ବାଦୀ ଅଜିତ୍ କୁମାର ସିହ୍ନା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ୍ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ୭ ଓ ୮ଙ୍କର ଠିକଣା ଭୁଲ ବୋଲି ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ହୋଇ ଶ୍ରୀ ହଜୁରଙ୍କ ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି ଏବଂ ପ୍ରତିବାଦୀ ନଂ.– ୧୦ ଓ ୧୬ ମୃତ ବୋଲି ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ମଧ୍ୟ ଫେରସ୍ତ ଆସିଅଛି ।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ.୪ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା୧୦।୧୧।୨୦୨୫ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ
ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଥାନା ନଂ.– ୧୪, ମୌଜା– ଭାତଖୁରୀ ସାବକ ଖାତା ନଂ.– ୩୭୫, ପ୍ଲଟ୍ ନଂ.– ୩୦୫, ଏରିଆ– ଏ୦.୧୯୦ଡି. ସ୍ୱଧରୁ ଏରିଆ ଏ୦.୦୩୦ଡି., ହାଲ୍ ଖାତା ନଂ.– ୪୮୭, ପ୍ଲଟ୍ ନଂ.– ୬୬୭, ଏରିଆ ଏ୦.୧୬୦ଡି. ସ୍ୱଧରୁ ଏ୦.୦୩୦ଡି. ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ୭, ୮ ଏବଂ ୧୦ ଓ ୧୬ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ କରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶ ଗ୍ରହଣ କରିପାରିବେ । ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ ।

ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.୪ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଫିସର,କୋର୍ଟ ନଂ.୪, ଭୁବନେଶ୍ୱର

IR No.- 1560
Date- 10.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର–୨
(ଶ୍ରୀ ଆଶୁତୋଷ ସାମଲ, ଓ.ଏ.ସ୍., ଏସ୍.ଏ.ଜି), ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର,ଜିଲ୍ଲା– ଖୋର୍ଦ୍ଧା,
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.– ୮୩୯/୨୦୨୩

ପ୍ରମିତ କୁମାର ରଥ, ପିତା ପ୍ରଶାନ୍ତ କୁମାର ରଥ .....ବାଦୀ
ବନାମ
ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେଭଲପର୍ସ ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର– ୫ ରୁଲ୍– ୨୦ ମୁତାବକ
୧. ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେଭଲପର୍ସ, ଏହାର ପରିଚାଳନା ନିର୍ଦ୍ଦେଶକ ଅଭିଜିତ ମହାନ୍ତି, ପିତା ଗଙ୍ଗାଧର ମହାନ୍ତି, ସା–ପ୍ଲଟ୍ ନଂ.– ୬୦୫, ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ୪. ବିଶ୍ୱନାଥ ପରିଡ଼ା, ପିତା– ସ୍ୱର୍ଗତ ବାୟା@ବାୟାଧର ପରିଡ଼ା, ସା/ପୋଷ୍ଟ– ଚିରିମଲ, ଥାନା– ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ୫. ରଘୁନାଥ ସ୍ୱାଇଁ, ପିତା– ସ୍ୱର୍ଗତ ବାସୁ ସ୍ୱାଇଁ, ସା/ପୋଷ୍ଟ– କଜାରସିଂହ, ଥାନା/ଜିଲ୍ଲା– ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୪।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ
ମୌଜା– ପାଣ୍ଡିଆବିଲ, ତହସିଲ– ଜଟଣୀ, ଥାନା– ଜଟଣୀ, ଜିଲ୍ଲା– ଖୋର୍ଦ୍ଧା ସାବକ: ଖାତା ନଂ.– ୧୧୯, ପ୍ଲଟ୍ ନଂ– ୧୦୩, କିସମ– ବାଜେ– ଫସଲ–୨, ରକବା– ଏ୦.୭୧୫ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍। ହାଲ: ଖାତା ନଂ.– ୪୦୧, ପ୍ଲଟ୍ ନଂ.– ୧୩୯, କିସମ– ତଲ୍ଲା, ରକବା– ଏ୦.୧୭୧ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ କରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/– କୋର୍ଟ ଅଫିସର

1893/16.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ୍ ଅଦାଲତ ନମ୍ବର–୪
ଶ୍ରୀ ପ୍ରଦୀପ କୁମାର ନାୟକ,(ଭା.ପ୍ର.ସେ) ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର– ୪୭୧/୨୦୨୩

ନ୍ୟାୟ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ
ଶ୍ରୀମତୀ ସୌଦାମିନୀ ବେହେରା .....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର .....ପ୍ରତିବାଦୀ

ପ୍ରତିବାଦୀ ନଂ.୩– ସୀମା ବେଓ୍ବା, ସ୍ୱାମୀ– ମଦନ ନାୟକ, ସା/ପୋ/ଥାନା– ବରଗଡ଼, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ପ୍ରତିବାଦୀ ନଂ.୪– ରମା ନାୟକ, ପିତା– ୰ଦାସ ନାୟକ, ସା/ପୋ– ଘାଟିକିଆ, ଥାନା– ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର ୫ରୁଲ୍ ୨୦ ମତେ ମୁତାବକ
ଉପରୋକ୍ତ ଓ.ଏସ୍.ଏସ୍. କେସ୍ ବାଦୀ ଶ୍ରୀମତୀ ସୌଦାମିନୀ ବେହେରା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ୍ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଠିକଣା ଭୁଲ୍ ବୋଲି ଦର୍ଶାଯାଇ ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର କୋର୍ଟ ନଂ.୪ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା୨୪।୧୧।୨୦୨୫ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ
ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଥାନା ନଂ.– ୪୭, ମୌଜା– ଶଙ୍କରପୁର ସାବକ ଖାତା ନଂ.– ୩୩୭, ପ୍ଲଟ୍ ନଂ.– ୧୨୨, ବିକ୍ରୟକୃତ ଏରିଆ ଏ୦.୫୯୦ଡି. ସ୍ୱଧରୁ ଏରିଆ ଏ୦.୦୪ଡି., ୧୯୭୬ ପଟ୍ଟା ଅନୁଯାୟୀ ହାଲ୍ ଖାତା ନଂ.– ୧୭୧୭, ପ୍ଲଟ୍ ନଂ.– ୧୫୯, ଏ୦.୧୦୦ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ କରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶ ଗ୍ରହଣ କରିପାରିବେ । ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.୪ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଫିସର,କୋର୍ଟ ନଂ.୪, ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ କମିଶନର ନଂ.– ୩ ଇଜିଲାସ ୪ର୍ଥ ମହଲା,
ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୧୦୪୧/୨୦୨୩

ଅଭିମନ୍ୟୁ ପାତ୍ର .......ବାଦୀ
ବନାମ
ସପନି ଦାଶ ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର– ୫ ରୁଲ୍– ୨୦ ମୁତାବକ
୧. ସପନି ଦାସ, ପିତା– ସ୍ୱର୍ଗତ ଭାଲୁ ଦାସ, ୩. ରଥିନ କୁମାର ଦାସ, ପିତା– ସ୍ୱର୍ଗତ ଅପରତି ଦାସ, ୫. ଧୁଳି ଦାସ, ପିତା– ଭଗବାନ ଦାସ, ୭. ଚତୁର୍ଭୁଜ ଦାସ, ୯. ନେତ୍ରାନନ୍ଦ ଦାସ, ଉଭୟଙ୍କର ପିତା– ସ୍ୱର୍ଗତ ବାଙ୍କ ବିହାରୀ ଦାସ, ସମସ୍ତ ପ୍ରତିବାଦୀ ମାନଙ୍କର ବାସସ୍ଥାନ ଗ୍ରାମ– ଚକେଇସିହାଣି, ପୋଷ୍ଟ– ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ. ୧, ୩, ୫ ଏବଂ ୭ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୯ ଙ୍କୁ ନୋଟିସ ଜାରି ହୋଇ ବିଭିନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱରର କାର୍ଯ୍ୟାଳୟ ଠାରେ ଆସନ୍ତା ତା୮।୧୨।୨୦୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା– ଗାଡ଼କଣ ୟୁନିଟ–୩୯, ତହସିଲ– ଭୁବନେଶ୍ୱର, ଥାନା– ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ସାବକ ଖାତା ନଂ.– ୪୨୯, ସାବକ ପ୍ଲଟ୍ ନଂ.– ୩୩୦୪, ସବ୍ ପ୍ଲଟ୍ ନଂ.– ୯, ଏରିଆ– ଏ୦.୦୫ଡି., ହାଲ୍ ଖାତା ନଂ.– ୧୫୪୧, ହାଲ୍ ପ୍ଲଟ୍ ନଂ.–୫୯୪୪/୧୦୩୧୭, ଏରିଆ– ଏ୦.୦୫ଡି. ।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ କରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଧିକାରୀ

# ମହିଳା ବନରକ୍ଷୀଙ୍କୁ ହତ୍ୟା ଉଦ୍ୟମ

## ଜବତ ଟ୍ରାକ୍ଟର ଛଡ଼ାଇନେଲେ, ଭିଡିଓ ଭାଇରାଲ

କେନ୍ଦୁଝର/ପାଟଣା,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଘଟଗାଁ ଥାନା ପିଚ୍ଛୁଳାବେଡ଼ା ଗ୍ରାମ ଅଟେଇ ସଂରକ୍ଷିତ ଜଙ୍ଗଲରେ କାର୍ଯ୍ୟରତ ଜଣେ ମହିଳା ବନରକ୍ଷୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଆକ୍ରମଣ ସହ ହତ୍ୟା ଉଦ୍ୟମ ହୋଇଛି। ସଂରକ୍ଷିତ ଜଙ୍ଗଲରୁ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ମହିଳା ବନରକ୍ଷୀ ଅଟକାଇଥିଲେ। ହେଲେ କିଛି ସମୟ ପରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରି ବାଲିକୁ ଢାଳି ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ। ସେ ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଘଟଣାକୁ ନେଇ ବନରକ୍ଷୀ ଜଣକ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପିଚ୍ଛୁଳାବେଡ଼ା ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲର ଏକ ନାଳରୁ ଶୁକ୍ରବାର ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିଲା। ସୂଚନା ପାଇ ପାଟଣା ରେଞ୍ଜ ତଣ୍ଡୋବିଟ୍‌ରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଦେବଯାନୀ ମହାନ୍ତ ସ୍ୱାଡ କୈଳାସ ମହାନ୍ତଙ୍କ ସହିତ ଘଟଣାସ୍ଥଳକୁ ଯାଇଥିଲେ। ଏକ ଟ୍ରାକ୍ଟର (ଓଡି ୦୯-ଜେ- ୩୨୭୧)ରେ କିଛି ଲୋକ ବାଲି ଲୋଡ୍ କରୁଥିବା ଦେଖିଥିଲେ। ବନରକ୍ଷୀଙ୍କୁ ଦେଖି ବାଲି ଉତ୍ତୋଳନ କରୁଥିବା ଲୋକେ ଭୟରେ ପଳାଇଥିଲେ। ଘଟଣା ସମ୍ପର୍କରେ ରେଞ୍ଜ୍ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ସହାୟତା ଲୋଡ଼ିଥିଲେ। ଗାଡି ଜବତ ପାଇଁ ତାଲିକା ପ୍ରସ୍ତୁତ କରିବା ସମୟରେ ଟ୍ରାକ୍ଟର ମାଲିକ ପ୍ରହ୍ଲାଦ ପଲେଇ ୫ ଜଣ ସହଯୋଗୀଙ୍କ ସହ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇ ଟ୍ରାକ୍ଟର ନେଇ ପଳାଇଯିବାକୁ ଉଦ୍ୟମ କରିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ଧକ୍କା ମାରିବାରୁ ସେ ତଳେ ପଡ଼ିଯାଇଥିବା ମହିଳା ବନରକ୍ଷୀ କହିଛନ୍ତି। ଖାକି ପୋଷାକକୁ ଟଣାଓଟରା କରିବା ସହ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଡ୍ରାଇଭର ସହାୟତାରେ ଟ୍ରାକ୍ଟରକୁ ଜଙ୍ଗଲରୁ ବାହାରକୁ ନେବାକୁ ଉଦ୍ୟମ ସମୟରେ ବନରକ୍ଷୀ ପୁନର୍ବାର ଗାଡ଼ି ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା। ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। ପରେ ସେଠାରେ ବାଲି ଢାଳି ଟ୍ରାକ୍ଟର ଧରି ଫେରାର ହୋଇଯାଇଥିଲେ ବୋଲି ବନରକ୍ଷୀ କହିଛନ୍ତି। ଗଲା ସମୟରେ ମଧ୍ୟ କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଘଟଣାକୁ ନେଇ ଥାନାରେ ପ୍ରମୋଦ ପଲେଇ ଓ ଅନ୍ୟମାନଙ୍କ ନାମରେ ଏତଲା ଦିଆଯାଇଛି। ଜଙ୍ଗଲ ଆଇନ ଅନୁଯାୟୀ ଏକ ମାମଲା କରାଯାଇଛି। ଅଭିଯୁକ୍ତଙ୍କୁ ହାଜର ହେବାକୁ ନୋଟିସ୍ ହୋଇଛି। ହାଜର ହୋଇ ସହାୟତା ନ କଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗ ଆଧାରରେ ଘଟଗାଁ ଥାନାରେ ଏକ ମାମଲା(ନଂ. ୫୦୮/୨୫) ରୁଜୁ ହୋଇଛି। ମାମଲାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା କହିଛନ୍ତି। ଟ୍ରାକ୍ଟର ମାଲିକ ପଲେଇ କହିଛନ୍ତି, ଗାର୍ଡଙ୍କ ଅଭିଯୋଗ ଭିତ୍ତିହୀନ। ଉଦ୍ଦେଶ୍ୟ ପ୍ରଣୋଦିତ। ଆଇନ ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ।



ଡ୍ରାଇଭର ଟ୍ରାକ୍ଟରକୁ ଜବରଦସ୍ତ ନେଇ ପଳାଉଛନ୍ତି।

# ଜଙ୍ଗଲ ଭିତରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ଗ୍ରାମବାସୀ

ପାଟଣାଗଡ଼,୧।୧୧ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ତେଣ୍ଡାପଦର ପଞ୍ଚାୟତ ରତାଖଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ପୋଲିସ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଶନିବାର ଜବତ କରିଛି । ମୃତା ଯୁବତୀ ଜଣକ ହେଲେ ରତାଖଣ୍ଡି ଗ୍ରାମର ସୁନିତା ଷାଣ୍ଡ (୨୦)। ତାଙ୍କୁ କେହି ହତ୍ୟାକରି ଜଙ୍ଗଲରେ ଫିଙ୍ଗିଦେଇଥିବା ଯୁବତୀଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ରତାଖଣ୍ଡି ଗ୍ରାମର କେତେଜଣ ବ୍ୟକ୍ତି ସକାଳେ ଜଙ୍ଗଲ ଭିତରକୁ କୌଣସି କାମରେ ଯାଇଥିବା ବେଳେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ । ସେମାନେ ଏ ସମ୍ପର୍କରେ ଆସି ଗ୍ରାମରେ କହିଥିଲେ । ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲା । ଏ ନେଇ ପୋଲିସ ନଂ. ୩୩/୨୦୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ଜଗଦାନନ୍ଦ ଷାଣ୍ଡ ଓରଫ ଜୟଙ୍କ ଝିଅ ସୁନିତା ଗତ ୮ ତାରିଖ ରାତି ପ୍ରାୟ ୯ ଟାରେ ଘରୁ ବାହାରକୁ ଯାଇ ଫେରି ନ ଥିଲେ । ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପରଦିନ ପାଟଣାଗଡ଼ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିଲା । ତେବେ ନିଖୋଜର ୨୩ ଦିନ ପରେ ଜଙ୍ଗଲରୁ ଗଳିତ ଅବସ୍ଥାରେ ସୁନିତାଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଏ ସମ୍ପର୍କରେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି ।



ମୃତଦେହ ଜବତ ସ୍ଥାନରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

# ଘର ଭିତରୁ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଜବତ

ବରଗଡ,୧।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ଖୁଣ୍ଟପାଲି ପଞ୍ଚାୟତର ଗଞ୍ଜିଆଟିକ୍ରାରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବୃଦ୍ଧ ଦମ୍ପତିଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି । ସେମାନେ ହେଲେ, କିରଟୀ ପ୍ରଧାନ (୬୫) ଏବଂ ସ୍ତ୍ରୀ ଶାନ୍ତି (୬୦)। ଘର ଭିତରେ ରଶି ଲଗାଇ ଦମ୍ପତି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଦମ୍ପତିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏ ନେଇ ସ୍ଥାନୀୟ ସଦର ଥାନା ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମୃତ ଦମ୍ପତିଙ୍କ ୨ପୁଅ। ଉଭୟେ ବିବାହିତ ହୋଇଥିବା ବେଳେ ସେମାନଙ୍କ ପିଲାଛୁଆ ଅଛନ୍ତି। ଗତ ପ୍ରାୟ ବର୍ଷକ ତଳେ ତାଙ୍କ ସାନପୁଅଙ୍କ ଦେହାନ୍ତ ହୋଇଥିଲା। ସେହିଦିନଠାରୁ ବୃଦ୍ଧ ଦମ୍ପତି ସାନପୁଅକୁ ହରାଇ ଚିନ୍ତିତ ରହୁଥିଲେ। ଅନ୍ୟପଟେ ଶୁକ୍ରବାର ରାତିରେ ଘର ଭିତରେ ଦମ୍ପତିଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଦ୍ୱିବେନ୍ଦୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ସିବିଆଇର ଜେରା

ଭୁବନେଶ୍ୱର,୧।୧୧(ସତ୍ୟଜିତ ରାଉତ)

## କଲ୍‌ସେଣ୍ଟର ଜରିଆରେ ଜାପାନ ଲୋକଙ୍କୁ ଠକେଇ

### ଜେଲରେ ଅଛନ୍ତି ୬ ସହଯୋଗୀ

ଏକ ବଡ଼ଧରଣର ଅନ୍ତର୍ଜାତୀୟ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ କଟକର ଦ୍ୱିବେନ୍ଦୁ ମହାରଣାଙ୍କୁ ସିବିଆଇ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଏନେଇ ଶନିବାର ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିବା ପରେ ତାଙ୍କୁ ୨ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିଲା। ପରେ ଦିଲ୍ଲୀସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଦ୍ୱିବେନ୍ଦୁଙ୍କୁ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ସିବିଆଇ ଜେରା କରୁଛି। ପୂର୍ବରୁ ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି ବୋଲି ସିବିଆଇ କହିଛି।

ସିବିଆଇର ସୂଚନା ଅନୁଯାୟୀ, ଦ୍ୱିବେନ୍ଦୁ ଦିଲ୍ଲୀ ନୋଇଡାରେ 'ଭିଓଆଇପି କନେକ୍ଟ ପ୍ରାଇଭେଟ୍ ଲିଃ' ନାମରେ ଏକ କଲ୍ ସେଣ୍ଟର ଖୋଲି ଜାପାନର ଲୋକମାନଙ୍କୁ ବହୁ କୋଟି ଟଙ୍କା ଠକେଇ କରିଥିଲେ। ଜାପାନୀ ଲୋକଙ୍କୁ କଲ୍ କରି ଅଭିଯୁକ୍ତମାନେ ବହୁଦେଶୀୟ କମ୍ପାନୀର ଟେକ୍ନିକାଲ ସପୋର୍ଟର ବୋଲି ପରିଚୟ ଦେଉଥିଲେ। କମ୍ପ୍ୟୁଟର ହ୍ୟାକ୍ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିଦେବାକୁ କହି ଟଙ୍କା ଆଣି ଠକେଇ କରୁଥିଲେ। ଏନେଇ ଅଭିଯୋଗକ୍ରମେ ସିବିଆଇ ମାମଲା ରୁଜୁ କରିବା ସହ ଜାପାନର ନ୍ୟାଶନାଲ୍ ପୋଲିସ ଏଜେନ୍ସି ଓ ମାଇକ୍ରୋସଫ୍ଟ କୋର୍ପୋରେଶନ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଗତ ମେ' ୨୮ରେ ଦିଲ୍ଲୀ, ହରିୟାଣା ଓ ଉତ୍ତରପ୍ରଦେଶ ସମେତ ୧୯ ସ୍ଥାନରେ ଚଢ଼ାଉ କରି ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀଙ୍କୁ ସିବିଆଇ ଗିରଫ କରିଥିଲା। ଦ୍ୱିବେନ୍ଦୁଙ୍କ କଲ୍ ସେଣ୍ଟରରେ ସିବିଆଇ ଚଢ଼ାଉ ସୂଚନା ପାଇ ସେ ମେ' ୨୯ରେ ଭୁବନେଶ୍ୱରରୁ ୟୁଏଇକୁ ଚାଲିଯାଇଥିଲେ। ତେବେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ଗୁରୁବାର ସକାଳେ ସେ ୟୁଏଇରୁ ଫେରୁଥିବାବେଳେ ଭୁବନେଶ୍ୱର ବିମାନବନ୍ଦରରେ ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ଏମ୍‌କେସିଜିରେ ରାଗିଂ ଅଭିଯୋଗ

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

## ସତ୍ୟାସତ୍ୟ ଯାଞ୍ଚ ଦାବି କଲେ ଡାକ୍ତରୀ ଛାତ୍ରୀଛାତ୍ର

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ପୁଣି ଜଣଙ୍କୁ ରାଗିଂ କରାଯାଇଥିବା ନେଇ ଅଭିଯୋଗ ଆସିଛି। ଅଭିଯୋଗକାରୀ ତାଙ୍କ ନାମ ଦର୍ଶାଇ ନ ଥିବା ବେଳେ ଶନିବାର ଆଣ୍ଟି ରାଗିଂ ସେଲରେ ୫ଜଣ ବିଦ୍ୟାର୍ଥୀଙ୍କ ନାମରେ ରାଗିଂ ଅଭିଯୋଗ ଆଣିଛନ୍ତି। ହଷ୍ଟେଲ ନଂ.୨ରୁ ୩ ଜଣ ଓ ହଷ୍ଟେଲ ନଂ.୩ରୁ ୨ ଜଣ ରାଗିଂ କରିଥିବା ଚିଠି ଆସିଥିଲା। ଏହାକୁ ନେଇ ଶନିବାର ସନ୍ଧ୍ୟାରେ ଏମ୍‌କେସିଜି ପ୍ରିନ୍ସିପାଲଙ୍କ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଏହାପୂର୍ବରୁ ଗତ ଅଗଷ୍ଟ ମାସରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିଲା। ସେପ୍ଟେମ୍ବର ୨ ତାରିଖରେ ଡିନ୍ ଉକ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି ଦର୍ଶାଇଥିଲେ।

ତେବେ ବାରମ୍ବାର ଏପରି ଆସୁଥିବା ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ମେଡିକାଲ କଲେଜ ନାଁରେ ଆସୁଥିବା ଭିତ୍ତିହୀନ ଅଭିଯୋଗ କାରଣରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଏପରିକି ପାଠପଢ଼ାରେ ବ୍ୟାଘାତ ହେବା ସହ ମାନସିକ ଚାପରେ ରହୁଥିବା ଅନେକ ଛାତ୍ରୀଛାତ୍ର କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏପରି ଅନେକ ଅଭିଯୋଗ ଆସିଛି। ତଦନ୍ତ ପରେ ତାହା ଭିତ୍ତିହୀନ ବୋଲି କର୍ତ୍ତୃପକ୍ଷ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। କର୍ତ୍ତୃପକ୍ଷଙ୍କ ଆଚରଣ ଭେଷଜ ମହାବିଦ୍ୟାଳୟର ଛବିକୁ ମଳିନ କରୁଥିବା ଅନେକ ପୂର୍ବତନ ଛାତ୍ର ମତବ୍ୟକ୍ତ କରିଛନ୍ତି।

**ସଂସ୍କୃତରେ ଡକ୍ଟରେଟ୍ ଉପାଧିପ୍ରାପ୍ତ**



ଶ୍ରୀ ଜନାର୍ଦ୍ଦନ ଭୋଇ ବିହାର ସ୍ଥିତ Mahatma Gandhi Central University (MGCU) ର ସଂସ୍କୃତ ବିଭାଗରୁ ପିଏଚଡି ଉପାଧି ଲାଭ କରିଛନ୍ତି । ଗବେଷଣାତ୍ମକ ନିବନ୍ଧର ଶୀର୍ଷକ- "प्रबोधचन्द्रोदयस्योपरि गणेशदीक्षितकृत-चिच्चन्द्रिकाटीकायाः पाठसमीक्षात्मकं सम्पादनमध्ययनञ्च" । ସେ ମାନବିକୀ ଏବଂ ଭାଷା ସଂକାୟର ନିର୍ଦ୍ଦେଶକ ପ୍ରଫେସର ପ୍ରସୂନ ଦତ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ । ନିବନ୍ଧଟି ବାବାସାହେବ ଭିମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ କୁମାରଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ସୁବର୍ଣ୍ଣପୁର ଜିଲାର ଅମ୍ବୁର୍ଡା ନିବାସୀ ଏବଂ ସ୍ୱର୍ଗତ ପିତା ଚଣ୍ଡାଳ ଭୋଇ ଓ ମାତା ଉଦିଆଙ୍କ କନିଷ୍ଠ ପୁତ୍ର ଅଟନ୍ତି । ସେ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ଆରାଧ୍ୟା ଦେବୀ ମାଁ ରାମଚଣ୍ଡୀ, ସମଲେଶ୍ୱରୀ ଓ ଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି । ଏଥିସହ ସେ ପିତାମାତା, ବଡ଼ଭାଇ ହୃଷିକେଶ, ଭଉଣୀ ସତ୍ୟବତୀ, ସମସ୍ତ ପରିବାରବର୍ଗ, ଶିକ୍ଷକଶିକ୍ଷୟିତ୍ରୀ, ସହକର୍ମୀ ଏବଂ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ବର୍ତ୍ତମାନ ଡ. ଜନାର୍ଦ୍ଦନ ଭୋଇ ସମ୍ବଲପୁର ସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ Assistant Professor ଭାବରେ କାର୍ଯ୍ୟରତ ।

ଧ-2465

# ଓଏଚ୍‌ପିସିରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ




ଭୁବନେଶ୍ୱର,୧।୧୧ (ଅନୁରାଧା ମହାରଣା)


ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଏହାର କର୍ପୋରେଟ କାର୍ଯ୍ୟାଳୟ ଏବଂ ରାଜ୍ୟର ସମସ୍ତ ୟୁନିଟ୍‌ରେ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ କରୁଛି। କର୍ପୋରେଟ କାର୍ଯ୍ୟାଳୟରେ ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ଅପରେଶନ) ଆଇ/ସି, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଶପଥ ପାଠ କରିଥିଲେ। କାର୍ଯ୍ୟାଳୟ ପରିସରରେ ପ୍ରମୁଖ ସ୍ଥାନରେ ସତର୍କତା ବିଷୟବସ୍ତୁ ଉପରେ ବ୍ୟାନର ଏବଂ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଓଏଚ୍‌ପିସି ତାଲିମ କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଏମ୍. ଅକ୍ଷୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ, କର୍ପୋରେଟ ଅଫିସ ଏବଂ ତାଲିମ କେନ୍ଦ୍ରରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତା ସହ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ନୁକ୍କଡ ନାଟକ ପରିବେଷଣ କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାର ବିଜେତା ଡିଜିଏମ୍ (ବିଦ୍ୟୁତ୍) ସମୀର ମହାପାତ୍ର, ପରିଚାଳକ (ବିଦ୍ୟୁତ୍) ସୁଶ୍ରୀ ଚନ୍ଦନ ପଣ୍ଡା ଏବଂ ଡିଏମ୍ (ବିଦ୍ୟୁତ୍) ମାଧବ ଚନ୍ଦ୍ର ବାରିକଙ୍କୁ ପୁରସ୍କୃତ କରାଯାଇଥିଲା।

BUSINESS

# ନୃପେନ୍ଦ୍ର ନାଥ ସିଏମ୍‌ପିଡିଆଇର ଟେକ୍ନିକାଲ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୧।୧୧

ସିଏମ୍‌ପିଡିଆଇର ନିର୍ଦ୍ଦେଶକ (ଟେକ୍ନିକାଲ) ଭାବେ ନୃପେନ୍ଦ୍ର ନାଥ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୯୮୮ରେ ନୃପେନ୍ଦ୍ର ଆଇଆଇଟି (ଆଇଏସ୍‌ଏମ୍) ଧାନବାଦରୁ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ସିସିଏଲ୍‌ର ଏନ.କେ. ଏରିଆରୁ ସେବା ଆରମ୍ଭ କରି ଦୁଇ ଦଶନ୍ଧି ଧରି ବିଶ୍ୱ ବ୍ୟାଙ୍କ ଦ୍ୱାରା ସହାୟତା ପ୍ରାପ୍ତ କେଡିଏଚ୍ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ଇଏସ୍‌ଏଲ୍‌ର ବିଭିନ୍ନ ଖଣିରେ ପ୍ରକଳ୍ପ ଅଧିକାରୀ ସମେତ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସିସିଏଲ୍‌ର ମଗଧ-ସଂଘମିତ୍ରା ଅଞ୍ଚଳର ଆଞ୍ଚଳିକ ମହାପ୍ରବନ୍ଧକ ଭାବେ ଉକ୍ତ ଅଞ୍ଚଳକୁ ପ୍ରତିଷ୍ଠିତ ୨୦ ମିଲିୟନ ଟନ୍ ଉତ୍ପାଦନ କ୍ଲବରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଅଷ୍ଟ୍ରେଲିଆରେ ପ୍ରଶିକ୍ଷିତ ସିମଟାର୍ସ-ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ନୃପେନ୍ଦ୍ର ସିଆଇଏଲ୍‌ର ସହାୟକ କମ୍ପାନୀରେ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।




ନୃପେନ୍ଦ୍ର ନାଥ

# ଜିନ୍ଦଲ ଫାଉଣ୍ଡେଶନକୁ ଏକ୍ସିଡ ସିଏସ୍‌ଆର୍ ପୁରସ୍କାର

ଭୁବନେଶ୍ୱର,୧।୧୧


ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନକୁ ସିଏସ୍‌ଆର୍ ପ୍ରକଳ୍ପ ପାଇଁ ଏକ୍ସିଡ ସିଏସ୍‌ଆର୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ କର୍ପୋରେଟ ଆଫେୟାର୍ସର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡକ୍ଟର ଭାସ୍କର ଚାଟାର୍ଜୀ ଶୁକ୍ରବାର ଭୁବନେଶ୍ୱରରେ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଫାଉଣ୍ଡେଶନର ଜଳଛାୟା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ରୂପରେଖ ଦିଆଯାଉଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ପ୍ରଗତି ସାମଗ୍ରିକ ବିକାଶରେ ନିହିତ - ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଏବଂ ସଂସ୍କୃତି ଏକତ୍ର ହୋଇ ସନ୍ତୁଳିତ ଏବଂ ସ୍ଥାୟୀ ଉପାୟରେ ଜୀବନକୁ ଉନ୍ନତ କରିଥାଏ। ସ୍ଥାୟିତ୍ୱ ଏବଂ ମାନବିକ ମର୍ଯ୍ୟାଦାର ନୀତି ସହିତ ଜିନ୍ଦଲ ଫାଉଣ୍ଡେଶନର ପଦକ୍ଷେପଗୁଡ଼ିକୁ ସମନ୍ୱିତ କରି ସାମାଜିକ, ଆର୍ଥିକ ଏବଂ ପରିବେଶଗତ ଭାବରେ ଉନ୍ନତି କରିପାରୁଥିବା ସ୍ଥିର ସମ୍ପ୍ରଦାୟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସୂଚନାଥାଉ କି, ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ (ସିଏସ୍‌ଆର୍ ଏବଂ ଶିକ୍ଷା) ପ୍ରଶାନ୍ତ ହୋତା ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଅଧିବେଶନରେ ସେ ସିଏସ୍‌ଆର୍ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ବିଭିନ୍ନ ରଣନୀତି ଏବଂ ଉପାୟ ଉପରେ ଆଲୋକପାତ କରିଥିଲେ।



ଶାଲୁ ଜିନ୍ଦଲ

**ମନେ ପଡ଼ନ୍ତି**

**୩୫ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନଟବର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦

ଚାହିଁ ଚାହିଁ ୩୫ବର୍ଷ ବିତିଗଲା । ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମ୍ଭମାନଙ୍କର ମାନସପଟରୁ ଲିଭିନି, ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ଆପଣଙ୍କର ପରିବାରବର୍ଗ: ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ୍ ଟେକ୍ସଟାଇଲ, ମାଳତୀ ନିବାସ ।

ଧ-2463

**ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀ**



୰ଡାକ୍ତର ପ୍ୟାରୀ ମୋହନ ସିଂହ
ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧

ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ଚଉଦ ବର୍ଷ ହୋଇଗଲା । ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ । ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ । ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା ।

ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା ।

ଧ-2462

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ମହେନ୍ଦ୍ର କୁମାର ଦାସ
ଆବିର୍ଭାବ: ୨୭.୧୧.୧୯୪୪ ତିରୋଧାନ: ୧୨.୧୧.୨୦୨୪
(ବିଡ଼ାନାସୀ, କଟକ)

ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ।
ନ ହନ୍ୟତେ ହନ୍ୟମାନେ ଶରୀରେ ।।

ଚାହିଁ ଚାହିଁ ଏକ ବର୍ଷ ବିତିଗଲା । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ । ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇରହିବ । ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ ।

-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୨୨୮୨

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସୁନୀତା ସ୍ୱାଇଁ
ଆବିର୍ଭାବ- ତା.୨୦.୦୬.୧୯୬୫
ତିରୋଧାନ- ତା.୨୪.୧୧.୨୦୨୩
(ଶୁକ୍ରବାର, କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ)

ସମୟ ଚକ୍ରରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ତୁମର ମଧୁର ସ୍ମୃତି, ସ୍ନେହ, ଶ୍ରଦ୍ଧା ତଥା ପ୍ରତିଟି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ନିସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସଚ୍ଚୋଟ ସାଥିର ଅନୁପସ୍ଥିତି ସଦେବ ଅନୁଭୂତ ଏବଂ ଅପୂରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର: ସ୍ୱାମୀ-ଦେବରାଜ ସ୍ୱାଇଁ, ଜ୍ୟେଷ୍ଠ ପୁତ୍ର-ଶୁଭାଂଶୁ, ପୁତ୍ରୀ-ପୁନମ୍, କନିଷ୍ଠ ପୁତ୍ର-ସନ୍ଦିତ୍, ଜାମାତା-ଶୀତାଂଶୁ, ଜ୍ୟେଷ୍ଠ ପୁତ୍ରବଧୂ-ଆକାଂକ୍ଷା, କନିଷ୍ଠ ପୁତ୍ରବଧୂ-ସୌମ୍ୟା, ନାତୁଣୀ ତ୍ରୟ-ସ୍ୱୟଂସିଦ୍ଧି, ସୁଦୀକ୍ଷା, ସମୀକ୍ଷା ତଥା ସମ୍ପୂର୍ଣ୍ଣ ସ୍ୱାଇଁ ପରିବାର।
ରାମଚନ୍ଦ୍ରପୁର, ପିତଳ, ଗଞ୍ଜାମ

# ୟୁକୋ ବ୍ୟାଙ୍କ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର,୧।୧୧

ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା ସହଯୋଗରେ ଜାତୀୟ ସତର୍କତା ସପ୍ତାହ ପାଳନ କରାଯାଇଛି। ଏ ଅବସରରେ ନେତାଜୀ ସ୍କୁଲ ଏବଂ କଲେଜ ଅଫ ନର୍ସିଂଠାରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଶାଖା ପରିଚାଳକ ସନ୍ତୋଷ କୁମାର ସାହାନି ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ଦୈନନ୍ଦିନ ଜୀବନ ଓ ଜନସେବାରେ ସତର୍କତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ଅନୁଷ୍ଠାନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ସତର୍କତାର ଭୂମିକାକୁ ଆଲୋକପାତ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁଥିରେ ବିଜୟଲକ୍ଷ୍ମୀ ପ୍ରଧାନ, ଶୁଭଲକ୍ଷ୍ମୀ ପାଣି ଏବଂ ଶାଶ୍ୱତୀ ସ୍ୱରୂପା ଶୁକ୍ଲା ଶ୍ରେଷ୍ଠ ୩ ଜଣ ବିଜେତା ଭାବରେ ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ.ବିଜନ କୁମାର ଜେନା, ସିଇଓ ରଶ୍ମିତା ଜେନା ଏବଂ ବ୍ୟାଙ୍କ ଅଧିକାରୀ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ବ୍ୟାଙ୍କ ଅଫ୍ ଇଣ୍ଡିଆର ମାନବ ଶୃଙ୍ଖଳ ଗଠନ

ଭୁବନେଶ୍ୱର,୧।୧୧

ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ଏକ ମାନବ ଶୃଙ୍ଖଳ ଗଠନ ଓ ୱାକାଥନ କରାଯାଇଥିଲା। ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଟା, ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ରଜନୀକାନ୍ତ ଭୂୟାଁ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ଏସ୍‌ଏମ୍‌ଇସିସିର ସହାୟକ ମହାପ୍ରବନ୍ଧକ ଏସ୍.କେ ମହାନ୍ତି, ଜୟଦେବ ବିହାର ଶାଖାର ସହାୟକ ମହାପ୍ରବନ୍ଧକ ସୌମ୍ୟରଞ୍ଜନ ବେହେରା ଥିଲେ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨ ନଭେମ୍ବର, ୨୦୨୫ Bhubaneswar, Sunday, 2 November, 2025

# ପେସାଦାର ଟେନିସ୍‌ରୁ ବୋପାନ୍ନାଙ୍କ ଅବସର



ରୋହନ ବୋପାନ୍ନା।

ନୂଆଦିଲ୍ଲୀ,୧।୧୧(ପି.ଟି.)

ଭାରତୀୟ ଟେନିସ୍ ଭେଟେରାନ ରୋହନ ବୋପାନ୍ନା ଶନିବାର ପେସାଦାର ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିଯୋଗୁ ତାଙ୍କର ଦୁଇ ଦଶନ୍ଧି ଲମ୍ବା ଏଟିପି ଟୁର କ୍ୟାରିୟର ଶେଷ ହୋଇଛି। ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ୪ ଭାରତୀୟଙ୍କ ମଧ୍ୟରୁ ସେ ଅନ୍ୟତମ ଥିଲେ। ୪୫ ବର୍ଷୀୟ ବୋପାନ୍ନା ଚଳିତ ପ୍ୟାରିସ ମାଷ୍ଟର୍ସରେ ତାଙ୍କର ଅନ୍ତିମ ମ୍ୟାଚ୍ ଖେଳିଥିଲେ। କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବଲିକଙ୍କ ସହ ଯୋଡ଼ି କରି ଖେଳିଥିବା ବୋପାନ୍ନା ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ବୋପାନ୍ନା ତାଙ୍କ ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି।

"ମୁଁ ଆନୁଷ୍ଠାନିକ ଭାବେ ଟେନିସ୍‌ରୁ ଅବସର ନେଉଛି। ଏହା ବିଦାୟ କିନ୍ତୁ ଅନ୍ତ ନୁହେଁ। ଜୀବନକୁ ତା'ର ଅର୍ଥ ଦେଇଥିବା ଖେଳରୁ ତୁମେ କେଉଁ ଭଳି ବିଦାୟ ନେବ। ୨୦ ଅବିସ୍ମରଣୀୟ ବର୍ଷ ପରେ ବିଦାୟର ସମୟ ହୋଇଯାଇଛି। ଭାରତର ଏକ ଛୋଟ ସହର କୁର୍ଗଠାରୁ ଆରମ୍ଭ କରିବାଠାରୁ ସର୍ଭକୁ ମଜଭୁତ କରିବା ପାଇଁ କାଠ କାଟିବା, ଷ୍ଟାମିନା ବଢ଼ାଇବା ପାଇଁ ଦୀର୍ଘ ସମୟ ଜଗିଂ କରିବା ଓ ବିଶ୍ୱର ସର୍ବବୃହତ୍ ଏରିନାରେ ସ୍ୱପ୍ନ ପୂରା କରିବା ପର୍ଯ୍ୟନ୍ତ ସବୁକିଛି ଅବାସ୍ତବ ଲାଗୁଛି। ମୁଁ ଯେତେ ଥର କୋର୍ଟକୁ ଓହ୍ଲାଇଛି, ତାହା ପ୍ରତ୍ୟେକ ଥର ମୋତେ ଧୈର୍ଯ୍ୟ, ସ୍ଥିରତା, ପୁଣି ଥରେ ଲଢ଼େଇ କରିବା ଶିକ୍ଷା ଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ମୋତେ ମନେପକାଇ ଦିଏ ଯେ, ମୁଁ କାହିଁକି ଆରମ୍ଭ କରିଥିଲି ଏବଂ ମୁଁ କିଏ" ବୋଲି ବୋପାନ୍ନା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ତାଙ୍କ ବାପା-ମା'ଙ୍କର ବଳିଦାନ, ଭଉଣୀ ରଶ୍ମିର ପ୍ରୋତ୍ସାହନ ଓ ସ୍ତ୍ରୀ ସୁପ୍ରିୟାଙ୍କୁ କୋର୍ଟ ବାହାରେ ସବୁଠୁ ଭଲ ପାର୍ଟନର ହେବା ପାଇଁ ଧନ୍ୟବାଦ୍ କହିଛନ୍ତି। ଗତ ବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ ଭାରତୀୟ ଦଳ କ୍ୟାରିୟର ଶେଷ କରିଥିଲେ। ସେ ୨୦୨୩ରେ ଡେଭିସ କପ୍ କ୍ୟାରିୟର ଶେଷ କରିଥିଲେ। ଅନ୍ତିମ ଥର ଲକ୍ଷ୍ନୌଠାରେ ମରୋକୋ ବିପକ୍ଷରେ ଡେଭିସ କପ୍ ମ୍ୟାଚ୍ ଖେଳିଥିଲେ।

୨୦୦୦ ମସିହାରେ ପେସାଦାର ପାଲଟିଥିବା ବୋପାନ୍ନା ଦେଶର ସବୁଠୁ ସଫଳ ଡବଲ୍ସ ଖେଳାଳି ଥିଲେ। ଏହି ଡବଲ୍ସ ସ୍ପେଶାଲିଷ୍ଟ ଅନେକ ଡେଭିସ କପ୍ ମ୍ୟାଚ, ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୧୭ ଫ୍ରେଞ୍ଚ ଓପନ ମିକ୍ସଡ ଡବଲ୍ସରେ କାନାଡାର ଗାବ୍ରିଏଲା ଡାବ୍ରୋସ୍କିଙ୍କ ସହ ମିଶି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହାପରେ ୨୦୨୪ରେ ମାଥ୍ୟୁ ଏବଡେନଙ୍କ ସହ ଅଷ୍ଟ୍ରେଲିଆ ଓପନ ପୁରୁଷ ଡବଲ୍ସ ଟାଇଟଲ ହାତେଇଥିଲେ। ୨୦୨୩ରେ ସେ ଏବଡେନଙ୍କ ସହ ଇଣ୍ଡିଆନ ୱେଲ୍ସ ଟ୍ରଫି ଜିତିବା ସହ ୪୩ ବର୍ଷରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ଚାମ୍ପିୟନ ହୋଇଥିଲେ। ସେ ୨୦୨୪ରେ ଅଷ୍ଟ୍ରେଲିଆ ଓପନ ଜିତିବା ପରେ ୪୩ ବର୍ଷ ବୟସରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବଲ୍ସରେ ୱାର୍ଲ୍ଡ ନଂ-୧ ହୋଇଥିଲେ।

## କ୍ୟାରିୟର ରେକର୍ଡ

| | |
|---|---|
| **ଡବଲ୍ସ** | |
| ବିଜୟ-ପରାଜୟ | ୫୩୯-୪୧୦ |
| ମୋଟ ଟାଇଟଲ | ୨୬ |
| ସର୍ବାଧିକ ର୍ୟାଙ୍କିଂ | ୱାର୍ଲ୍ଡ ନଂ-୧ (ଜାନୁଆରୀ, ୨୦୨୪) |
| **ଗ୍ରାଣ୍ଡସ୍ଲାମ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ଚାମ୍ପିୟନ (୨୦୨୪) |
| ଫ୍ରେଞ୍ଚ ଓପନ | ସେମିଫାଇନାଲ (୨୦୨୨ ଓ ୨୦୨୪) |
| ୱିମ୍ବଲଡନ | ସେମିଫାଇନାଲ (୨୦୧୩, ୨୦୧୫, ୨୦୨୩) |
| ୟୁଏସ୍ ଓପନ | ରନରଅପ୍(୨୦୧୦ ଓ ୨୦୨୩) |
| **ମିକ୍ସଡ୍ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ରନରଅପ୍ (୨୦୧୮ ଓ ୨୦୨୩) |
| ଫ୍ରେଞ୍ଚ ଓପନ | ଚାମ୍ପିୟନ (୨୦୧୭) |
| ୱିମ୍ବଲଡନ | କ୍ୱାର୍ଟର ଫାଇନାଲ (୨୦୧୧, ୨୦୧୨, ୨୦୧୩, ୨୦୧୭) |
| ୟୁଏସ୍ ଓପନ | ସେମିଫାଇନାଲ (୨୦୧୫ ଓ ୨୦୨୪) |

# ଐତିହାସିକ ବିଶ୍ୱକପ୍ ବିଜୟ ଲକ୍ଷ୍ୟରେ ଭାରତ





ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

ନଭି ମୁମ୍ବାଇ,୧।୧୧(ପି.ଟି.)

ଭାରତୀୟ ମହିଳା କ୍ରିକେଟ ବର୍ତ୍ତମାନ ଏକ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ପ୍ରଥମ ଆଇସିସି ଟ୍ରଫି ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାର ଏଠାରେ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଛି। ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ୧୩ତମ ସଂସ୍କରଣର ଫାଇନାଲରେ ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ଦଳ ମିଳିବା ନିଶ୍ଚିତ। ଏହି ମ୍ୟାଚ୍‌ର ଫଳାଫଳ ମହିଳା କ୍ରିକେଟକୁ ଅପ୍ରତ୍ୟାଶିତ ସ୍ତରକୁ ପହଞ୍ଚାଇପାରେ। ଭାରତ ତୃତୀୟଥର ପାଇଁ ଫାଇନାଲ ଖେଳୁଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୩୪ଟି ଦିନିକିଆ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୦ ଥର ଓ ଦକ୍ଷିଣ ଆଫ୍ରିକା ୧୩ ଥର ବିଜୟୀ ହୋଇଛି। ଅନ୍ୟ ଏକ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି।

୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟ୍ ପିଛା କରି ମିଳିଥିବା ବିଜୟ ଘରୋଇ ଦଳର ମନୋବଳକୁ ବୃଦ୍ଧି କରିଛି। ଏହି ଅବିଶ୍ୱସନୀୟ ବିଜୟ ପାଇଁ ଫାଇନାଲ ପୂର୍ବରୁ ଭାରତୀୟ ଦଳକୁ ଫେଭରାଇଟ୍ ଟ୍ୟାଗ ମିଳିଛି। କିନ୍ତୁ ଆଇସିସି ଓମେନ୍ସ ଟୁର୍ନାମେଣ୍ଟ ନକ୍‌ଆଉଟ୍ ମ୍ୟାଚ୍‌ରେ ଭାରତୀୟ ଦଳର ରେକର୍ଡ ଭଲ ନାହିଁ। ଭାରତ ୨୦୧୭ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡଠାରୁ ୯ ରନରେ ପରାଜିତ ହୋଇଥିବା ବେଳେ ୨୦୨୩ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ୫ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୨୨ କମନୱେଲଥ ଗେମ୍ସ ଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆଠାରୁ ଅଳ୍ପକେ ଭାରତୀୟ ଦଳ ପରାଜିତ ହୋଇଥିଲା।

ଫାଇନାଲରେ ଭାରତୀୟ ଦଳର ଶ୍ରେଷ୍ଠ ବ୍ୟାଟର ସ୍ମୃତି ମନ୍ଧାନାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ସେ ଟୁର୍ନାମେଣ୍ଟରେ ଏକ ଶତକ ସହ ୩୮୫ ରନ କରିଛନ୍ତି। ନଂ-୩ରେ ଖେଳୁଥିବା ଜେମିମାଙ୍କୁ ଦଳ ପାଇଁ ଆଙ୍କର ଭୂମିକା ତୁଲାଇବା ଦରକାର। ଡିୱାଇ ପାଟିଲ ଷ୍ଟାଡିୟମରେ ବ୍ୟାଟିଂ ଫ୍ରେଣ୍ଡଲି ପିଚ୍ ଓ ସନ୍ଧ୍ୟାରେ କାକରର ପ୍ରଭାବ ଦେଖାଯାଏ। ଏଣୁ ସେମିଫାଇନାଲ ଭଳି ଫାଇନାଲ ମଧ୍ୟ ହାଇ ସ୍କୋରିଂ ହୋଇପାରେ। ଏହା ଭାରତର ଫିଲ୍ଡିଂ ଓ ବୋଲିଂ ବିଭାଗର ପରୀକ୍ଷା ନେବ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପେସର କ୍ରାନ୍ତି ଗୌଡ଼ ଓ ରେଣୁକା ସିଂ ଠାକୁର ଲାଇନ୍ ଓ ଲେନ୍ଥକୁ ନେଇ ସଂଘର୍ଷ କରିଥିବା ବେଳେ ଅଧିନାୟିକା କୌର ଏକ ସହଜ କ୍ୟାଚ୍ ହାତଛଡ଼ା କରିଥିଲେ। ଦୀପ୍ତି ଶର୍ମା ଭାରତୀୟ ଦଳର ସଫଳତା ପଛର କାରଣ ସାଜି ପାରନ୍ତି। ସେ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସର୍ବାଧିକ ୧୭ ଉଇକେଟ ନେଇଛନ୍ତି।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ ପରବର୍ତ୍ତୀ ୩ ମ୍ୟାଚ୍‌ରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ଦ୍ୱାରରେ ପହଞ୍ଚିଥିଲା। ହେଲେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଜବରଦସ୍ତ ବିଜୟ ସହ ଟିମ ଇଣ୍ଡିଆ ଏବେ ଟ୍ରଫିଠାରୁ ହାତେ ଦୂରରେ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଖୁବ୍ ସଂଘର୍ଷ କରି ଫାଇନାଲରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟରେ ଇଂଲଣ୍ଡ ବିପକ୍ଷରେ ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନରେ ଅଲଆଉଟ ହୋଇଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଇଂଲଣ୍ଡକୁ ୧୨୫ ରନର ବଡ଼ ବ୍ୟବଧାନରେ ପରାସ୍ତ କରି ଟାଇଟଲ ମୁକାବିଲାରେ ସ୍ଥାନ ପକ୍କା କରିଛି। ଦଳ ପାଇଁ ଭେଟେରାନ ମାରିଜେନ କାପ (୨୦୪ ରନ ଓ ୧୨ ଉଇକେଟ), ନାଦିନେ ଡି କ୍ଲର୍କ (୧୯୦ ରନ ଓ ୮ ଉଇକେଟ), ତଜମିନ ବ୍ରିଟ୍ସ(୨୧୨ ରନ), କ୍ଲୋ ଟ୍ରାଇଅନ (୧୬୭ ରନ ଓ ୫ ଉଇକେଟ) ଓ ଅଧିନାୟିକା ଲୌରା ୱାଲଭାର୍ଡଟ (୪୭୦ ରନ) ଭଲ ପ୍ରଦର୍ଶନ କରିଛନ୍ତି। ଅଧିନାୟିକା ୱାଲଭାର୍ଡଟ ଓ ବ୍ରିଟ୍ସଙ୍କ ସ୍ଥିର ପ୍ରଦର୍ଶନ ଭାରତୀୟ ବୋଲରଙ୍କ ପାଇଁ ସମସ୍ୟା ଛିଡ଼ା କରିବ। ବାମହାତୀ ସ୍ପିନର ନନକୁଲୁଲେକୋ ଏମ୍‌ଲାବା (୧୨ ଉଇକେଟ) ଭାରତୀୟ ଦଳରେ ଭରି ରହିଥିବା ଡାହାଣହାତୀ ବ୍ୟାଟରଙ୍କ ଲାଗି ଚ୍ୟାଲେଞ୍ଜ ଛିଡ଼ା କରିବେ।

**ସମ୍ଭାବ୍ୟ ଭାରତୀୟ ଦଳ:** ସ୍ମୃତି ମନ୍ଧାନା(ଉପଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ହରମନପ୍ରୀତ କୌର(ଅଧିନାୟିକା), ଅମନଜୌତ କୌର, ରିଚା ଘୋଷ(ଉଇକେଟକିପର), ଦୀପ୍ତି ଶର୍ମା, କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର, ଶ୍ରୀ ଚରନୀ, ରାଧା ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱାଲଭାର୍ଡଟ (ଅଧିନାୟିକା), ତଜମିନ ବ୍ରିଟ୍ସ, ମାରିଜେନ କାପ, ଆନେକେ ବୋଶ୍ଚ, ସୁନେ ଲୁସ, ସିନାଲୋ ଜାଫ୍ତା (ଉଇକେଟକିପର), ନାଦିନେ ଡି କ୍ଲର୍କ, କ୍ଲୋ ଟ୍ରାଇଅନ, ଆନେରି ଡର୍କସେନ, ନନକୁଲୁଲେକୋ ଏମ୍‌ଲାବା, ଆୟାବୋଙ୍ଗା ଖାକା।

**ସମୟ: ଅପରାହ୍ନ ୩ଟା**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**

# ଓଡ଼ିଶା ବିପକ୍ଷରେ ଆନ୍ଧ୍ର ପ୍ରଦେଶ ୨୨୨/୩

ଭୁବନେଶ୍ୱର,୧।୧୧(ଅନାଦି କର)

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଶନିବାର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ରଣ୍‌ଜୀ ଟ୍ରଫି ତୃତୀୟ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ପ୍ରଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ

**ରଣ୍‌ଜୀ ଟ୍ରଫି**

କରି ୬୮ ଓଭରରେ ୩ ଉଇକେଟ ହରାଇ ୨୨୨ ରନ କରିଛି। ଦଳ ପାଇଁ ଅଭିଷେକ ରେଡ୍ଡୀ ୭୬ ଓ ଶ୍ରୀକର ଭରତ ୯୩ ରନର ପାଳି ଖେଳିଥିବା ବେଳେ ଅଧିନାୟକ ରିକି ଭୁଇ ଖାତା ଖୋଲିପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ଏସ୍ ବରାଳ ୨ ଓ ବାଦଲ ବିଶ୍ୱାଳ ଗୋଟିଏ ଉଇକେଟ ନେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଶେକ ରଶିଦ ୨୫ ଓ କିର୍ଦାନ୍ତ କରନ ଶିନ୍ଦେ ୧୬ ରନ କରି ଅପରାଜିତ ରହିଛନ୍ତି।



**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୬୮ ଓଭରରେ ୨୨୨/୩ (ଶ୍ରୀକର ଭରତ-୯୩, ଅଭିଷେକ ରେଡ୍ଡୀ-୭୬, ଶେକ ରଶିଦ-୨୫*, ସମ୍ବିତ ଏସ୍ ବରାଳ-୨/୩୨, ବାଦଲ ବିଶ୍ୱାଳ-୧/୫୨)।

## ଦୁର୍ଘଟଣାରେ ପୂର୍ବତନ ରଣ୍‌ଜୀ ଖେଳାଳିଙ୍କ ମୃତ୍ୟୁ

ଅଗରତାଲା,୧।୧୧(ପି.ଟି.)

ତ୍ରିପୁରାର ପୂର୍ବତନ ଅଲରାଉଣ୍ଡର ରାଜେଶ ବନିକ ପଶ୍ଚିମ ତ୍ରିପୁରାର ଆନନ୍ଦନଗରରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ୧୯ ବର୍ଷ କମ୍ ବିଶ୍ୱକପ୍‌ରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୦ ବର୍ଷ ହୋଇଥିଲା ଏବଂ ସେ ବାପା, ମା' ଓ ଭାଇଙ୍କ ସହ ରହୁଥିଲେ। ସେ ୨୦୦୨-୦୩ ସିଜନରେ ରଣ୍‌ଜୀ ପଦାର୍ପଣ କରିଥିଲେ। ତାଙ୍କ ସମୟରେ ସେ ରାଜ୍ୟର ପ୍ରମୁଖ କ୍ରିକେଟରଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଏହା ଦୁର୍ଭାଗ୍ୟର ବିଷୟ ଯେ, ଆମେ ଜଣେ ପ୍ରତିଭାବାନ କ୍ରିକେଟର ଓ ୧୬ ବର୍ଷରୁ କମ୍ ରାଜ୍ୟ କ୍ରିକେଟ ଦଳର ଚୟନକର୍ତ୍ତାଙ୍କୁ ହରାଇଛୁ। ତାଙ୍କ ମୃତ୍ୟୁ ଖବର ଆମକୁ ଚକିତ କରିଛି। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ। ସେ ଆମ ରାଜ୍ୟର ଜଣେ ଦକ୍ଷ ଅଲରାଉଣ୍ଡର ଥିଲେ। ତାଙ୍କ ପାଖରେ ପ୍ରତିଭା ଚିହ୍ନିବାର ଦକ୍ଷତା ଥିଲା। ଏଥିଯୋଗୁ ତାଙ୍କୁ ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଥିଲା ବୋଲି ତ୍ରିପୁରା କ୍ରିକେଟ ଆସୋସିଏଶନ (ଟିସିଏ) ସମ୍ପାଦକ ସୁବ୍ରତ ଦେ କହିଛନ୍ତି।

# ଜିତିଲେ ମହିଳାଙ୍କୁ ପୁରୁଷଙ୍କ ଭଳି ପୁରସ୍କାର

ନୂଆଦିଲ୍ଲୀ,୧।୧୧(ପି.ଟି.)

ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଯଦି ଆଇସିସି ଟ୍ରଫି ଉଠାଇବାରେ ସଫଳ ହୁଏ, ତେବେ ବିସିସିଆଇ ପକ୍ଷରୁ ସେମାନଙ୍କୁ ଗତବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଭଳି ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯିବ। "ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ବେତନକୁ ବିସିସିଆଇ ସମର୍ଥନ କରେ। ଏଣୁ ଯଦି ମହିଳାମାନେ ବିଶ୍ୱକପ୍ ଜିତନ୍ତି, ତେବେ ସେମାନଙ୍କୁ ବିଶ୍ୱକପ୍ ବିଜୟୀ ପୁରୁଷ ଦଳଠାରୁ କମ୍ ଦିଆଯାଇପାରିବ ନାହିଁ। କିନ୍ତୁ ଏ ସମ୍ପର୍କରେ ଘୋଷଣା କରିବା ଉଚିତ ହେବ ନାହିଁ" ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

# ହାଜେଲଉଡ୍ ବିନା ଖେଳିବ ଅଷ୍ଟ୍ରେଲିଆ

ହୋବାର୍ଟ, ୧।୧୧ (ପି.ଟି.)

ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ଗତ ମ୍ୟାଚରେ ଶୋଚନୀୟ ପରାଜୟ ପରେ ଭାରତ ଏହି ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଘରୋଇ ଦଳ ଜୋଶ ହାଜେଲଉଡ୍‌ଙ୍କ ବିନା ପଡ଼ିଆକୁ ଓହ୍ଲାଇବ ବୋଲି ଜଣାପଡ଼ିବା ପରେ ଭ୍ରମଣକାରୀ ଦଳର ବ୍ୟାଟରମାନଙ୍କ

**ଆଜି ତୃତୀୟ ଟି୨୦**

ମନରେ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି। ଗତ ମ୍ୟାଚରେ ହାଜେଲଉଡ୍‌ଙ୍କ ଶାଣିତ ବୋଲିଂ ଭାରତୀୟ ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲା; ଯାହାଫଳରେ ଏହି ମ୍ୟାଚରେ ସେମାନଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ତୃତୀୟ ଟି୨୦ରେ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ନିଆ ନ ଯାଏ ତେବେ ଏହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ଚଳିତମାସ ଶେଷ ଭାଗରେ ଆଶେଷ ଟେଷ୍ଟ ଆରମ୍ଭ ହେବ। ୫ମ୍ୟାଚ ବିଶିଷ୍ଟ ଏହି କଠିନ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆ ଏହାର ପ୍ରମୁଖ ବୋଲର ହାଜେଲଉଡ୍‌ଙ୍କୁ ବିଶ୍ରାମ ଦେଇଛି। ମେଲବୋର୍ନ ମ୍ୟାଚ ପରେ ଷ୍ଟାର ଓପନର ଅଭିଷେକ ଶର୍ମା କହିଛନ୍ତି, ଅଷ୍ଟ୍ରେଲିଆର ଏହି ସ୍ପିଡଷ୍ଟର ଯେପରି ମାରାତ୍ମକ ସିମ୍ ବୋଲିଂ କରୁଥିଲେ ତାହା ସେ ପୂର୍ବରୁ କେବେ ସାମ୍ନା କରି ନ ଥିଲେ। ସେ ରବିବାର ମ୍ୟାଚ ନ ଖେଳିବା ଆମ ପାଇଁ ସ୍ୱାଭାବିକ ଆଶ୍ୱସ୍ତିର ବିଷୟ। କାରଣ ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟକୁ ସାମ୍ନା କରିବାରେ ଭାରତୀୟ ବ୍ୟାଟରଙ୍କ ବୈଷୟିକ ତ୍ରୁଟି ରହିଛି। ସେ ତୁଳନାରେ ଜାଭିଏର ବାର୍ଟଲେଟ, ନାଥାନ ଏଲିସ ଓ ସିନ ଆବଟଙ୍କୁ ସାମନା କରିବା ତୁଳନାତ୍ମକ ଭାବେ ସହଜ ହେବ। ଉଭୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ଷେତ୍ରରେ ଏକ୍ସଟ୍ରା ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟ ବୋଲିଂକୁ ସାମ୍ନା କରିବା କଷ୍ଟସାଧ୍ୟ ମନେହେଉଛି। ହୋବାର୍ଟର ବେଲିରିଭ ଓଭାଲ ଏଭଳି ଏକ ଗ୍ରାଉଣ୍ଡ, ଯାହାର ସାଇଡ୍ ବାଉଣ୍ଡରିର ଆକାର ଛୋଟ। ଏହି ଗ୍ରାଉଣ୍ଡରେ ଚାମ୍ପିୟନ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ବିରାଟ କୋହଲି ୨୦୧୨ରେ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ଶ୍ରୀଲଙ୍କା ବିପକ୍ଷ ଏକ ମ୍ୟାଚରେ ୩୨୧ରନ ଚେଜ୍ କରୁଥିବା ବେଳେ ସେ ୧୩୩ ରନର ଏକ ଅପରାଜିତ ଇନିଂସ ଖେଳିଥିଲେ। ବେଲିରିଭ ଓଭାଲର ଟ୍ରାକ୍ ସାଧାରଣତଃ ହ୍ୱାଇଟ୍ ବଲ୍ ଗେମ୍ ପାଇଁ ଖୁବ୍ ଭଲ। ପିଚ୍‌ରେ ଏକ୍ସଟ୍ରା ବାଉନ୍ସ ଲକ୍ଷଣ ଥିବାରୁ ଭାରତ ଯଦି ୩ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଏ ତେବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ହାସଲ କରିଥିବା ଏକମାତ୍ର ଭାରତୀୟ ବୋଲର ଅର୍ଶଦୀପଙ୍କୁ ହୁଏତ ଦଳରେ ପୁଣି ସ୍ଥାନ ନ ମିଳିପାରେ।

# ଓଡ଼ିଶା ପୋଲିସ ଚାମ୍ପିୟନ

**ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ**

ଭୁବନେଶ୍ୱର, ୧।୧୧ (ବିଜୟ ରଣା)

ଓଡ଼ିଶା ପୋଲିସ, କଟକ ଏଠାରେ ଚାଲିଥିବା ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ଦଳ ଶନିବାର ଅନୁଷ୍ଠିତ ଫାଇନାଲରେ ନୀତା ଫୁଟ୍‌ବଲ ଏକାଡେମୀକୁ ୪-୧ ଗୋଲ୍‌ରେ ହରାଇ ଦେଇଛି। ସ୍ଥାନୀୟ ସିଟି କ୍ଲବ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ୱର ଫୁଟ୍‌ବଲ ଏକାମେଡୀ ପଡ଼ିଆରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲରେ ବିଜୟୀ ଦଳର ପ୍ୟାରୀ ଖାଖା ୩ଟି ଗୋଲ୍ ଏବଂ ଯଶୋଦା ମୁଣ୍ଡା ଗୋଟିଏ ଗୋଲ୍ ଦେଇଥିଲେ। ନୀତା ଫୁଟ୍‌ବଲ ଏକାଡେମୀ ତରଫରୁ ପ୍ରିୟାରୁବି ଦାସ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ପ୍ୟାରୀ ଖାଖା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ଭାରତର ଅର୍ଥ ପରାମର୍ଶଦାତା ରାଜୀବ ଶେଖର ସାହୁ, ସୁରେଶ ରାଉତରାୟ, ଡ. ପ୍ରକାଶ ଶ୍ରୀଚନ୍ଦନ, ଭାଗ୍ୟଧର ଜଗଦେବ, ଆଦିତ୍ୟ ପ୍ରସାଦ ପାଢ଼ୀ, ନିରଞ୍ଜନ ମିଶ୍ର, ରଶ୍ମି ମହାପାତ୍ର, ସତ୍ୟବ୍ରତ ରଥ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ବୃନ୍ଦାବନ ଦଳବେହେରା, ଅଭିନେତା ସବ୍ୟସାଚୀ, ସିଟି କ୍ଲବ ସଭାପତି ସୌର୍ଯ୍ୟ ରଞ୍ଜନ ପରିଜା ଏବଂ ନନ୍ଦକିଶୋର ପଟ୍ଟନାୟକଙ୍କ ସହଧର୍ମିଣୀ ସଞ୍ଜୁ ପଟ୍ଟନାୟକ। ଏହି ଅବସରରେ ବିଜେତା ଦଳ ଓଡ଼ିଶା ପୋଲିସକୁ ଟ୍ରଫି ସହ ୩୧ ହଜାର ଟଙ୍କା ଏବଂ ଉପବିଜେତା ନୀତା ଫୁଟ୍‌ବଲ ଏକାଡେମୀକୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୃଙ୍ଖଳିତ ଦଳ ଭାବେ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଦଳକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଖେଳାଳି ଓ ଷ୍ଟ୍ରାଇକର ଭାବେ ପ୍ୟାରୀ ଖାଖା, ଶ୍ରେଷ୍ଠ ଗୋଲ୍‌କିପର ଭାବେ ସସ୍ମିତା ପରିଡ଼ା, ଶ୍ରେଷ୍ଠ ଡିଫେଣ୍ଡର ଭାବେ ଅମ୍ବାଲିକା, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଯଶୋଦା ମୁଣ୍ଡା ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରିତୁ ବଦରିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଆଶୀର୍ବାଦ ବେହେରାଙ୍କୁ ଏବଂ କୋଚ୍ ଗଙ୍ଗରଥୀ ବେହେରା ଓ ବିଜୟ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ପୋଲିସ ଦଳ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ